ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୮ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 08 November 2025
Vol.No. 36 ■ No.293 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ...


ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ନୂଆ ଦିଗରେ ଭାରତ-ତାଲିବାନ ସମ୍ପର୍କ: କାବୁଲରେ ଖୋଲିବ ହିନ୍ଦୁ-ଆଫଗାନ୍ ରିସର୍ଚ୍ଚ ସେଣ୍ଟର



ନୂଆଦିଲ୍ଲୀ,୭/୧୧ : ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସକରାତ୍ମକ ମୋଡ଼ ଦେଖିବାକୁ ମିଳୁଛି । ଭାରତ ଆଫଗାନିସ୍ତାନରେ 'ଆଫଗାନ-ହିନ୍ଦୁ' ଗବେଷଣା କେନ୍ଦ୍ର ଖୋଲିବାକୁ ଯାଉଛି । ଏହା ବ୍ୟତୀତ ଭାରତ ଆଫଗାନିସ୍ତାନରେ କୃଷି କ୍ଷେତ୍ରରେ ବଡ଼ କାମ କରିବାକୁ ଯାଉଛି । ଭାରତ ଆଫଗାନିସ୍ତାନର କୃଷି କ୍ଷେତ୍ରକୁ ସୁଧାରିବା ପାଇଁ ସେଠାକାର ଅଧିକାରୀମାନଙ୍କୁ ଅନଲାଇନ୍ ଏବଂ ଅଫଲାଇନ୍ ତାଲିମ ଦେବ । ଗୁରୁବାର ଦିନ ଆଫଗାନିସ୍ତାନର କୃଷି, ଜଳସେଚନ ଏବଂ ପଶୁସମ୍ପଦ ମନ୍ତ୍ରୀ ମୌଲବୀ ଅତାଉଲ୍ଲା ଓମାରୀ କାବୁଲରେ ଥିବା ଭାରତୀୟ ଦୂତାବାସରେ ଭାରତର ରାଷ୍ଟ୍ରଦୂତ କରଣ ଯାଦବଙ୍କୁ ଭେଟିଥିଲେ । ନିକଟରେ ଆଫଗାନିସ୍ତାନର ବୈଦେଶିକ ମନ୍ତ୍ରୀ ତଥା ତାଲିବାନ ନେତା ଅମୀର ଖାନ ମୁତ୍ତାକି ନୂଆଦିଲ୍ଲୀର ଏକ ସପ୍ତାହର ଗସ୍ତ କରିଥିଲେ । ଏହାପରେ ଭାରତ ଏକ ସାହସିକ ପଦକ୍ଷେପ ନେଇ କାବୁଲରେ ନିଜର ରାଜନୈତିକ ମିଶନକୁ ପୁନଃସ୍ଥାପିତ କରିଛି । ସେହିପରି ଭାରତ ବୈଦେଶିକ ସେବା ଅଧିକାରୀ କରଣ ଯାଦବଙ୍କୁ ଆଫଗାନିସ୍ତାନରେ ଭାରତର ନୂଆ ରାଷ୍ଟ୍ରଦୂତ ଭାବରେ ନିଯୁକ୍ତ କରିଛି । ଆଫଗାନିସ୍ତାନ ସରକାର କହିଛନ୍ତି ଯେ ଭାରତୀୟ ରାଷ୍ଟ୍ରଦୂତ ପ୍ରତିଶ୍ରୁତି ଦେଇଛନ୍ତି ତାଙ୍କ ଦେଶ ଆଫଗାନିସ୍ତାନରେ ଏକ ଆଫଗାନ-ହିନ୍ଦୁ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବା ଯୋଜନା ଉପରେ କାମ କରିବ । ସେ କହିଛନ୍ତି ଯେ ଏହି ଗବେଷଣା ପ୍ରତିଷ୍ଠାନ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବ । ସେ କୃଷି ମନ୍ତ୍ରଣାଳୟର ବିଶେଷଜ୍ଞମାନଙ୍କ କ୍ଷମତାକୁ ସୁଧାରିବା ପାଇଁ ସିଧାସଳଖ ଏବଂ ଅନଲାଇନ୍ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ଭାରତ-ଆଫଗାନ ସମ୍ପର୍କ ନିକଟ ଅତୀତରେ ଉନ୍ନତ ହୋଇଛି । ୨୦୨୧ରେ ତାଲିବାନ କ୍ଷମତାକୁ ଆସିବା ପରେ ଭାରତ ତାଲିବାନ

▶▶ପୃଷ୍ଠା ୭

# ପୋଲିସ ଏସଆଇ କେଳେଙ୍କାରୀ ତଦନ୍ତକୁ ବାଟବଣା ପାଇଁ ଚେଷ୍ଟା: ଶଙ୍କର ଓ ସୁରେଶର ହୋଇପାରେ ଲାଇ ଡିଟେକସନ୍ ଟେଷ୍ଟ



ଭୁବନେଶ୍ୱର, ୭/୧୧ (ନି.ପ୍ର): ପୋଲିସ ଏସଆଇ ପରୀକ୍ଷା ମହାକେଳେଙ୍କାରୀ ଘଟଣାରେ ବଡ ଅପଡେଟ । ମିଛ କହୁଛି ମାଷ୍ଟର ମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି । ଶଙ୍କରର ମିଛ ଧରିବା ପାଇଁ ଲାଇ ଡିଟେକ୍ସନ ଟେଷ୍ଟ କରିବାକୁ କ୍ରାଇମବ୍ରାଞ୍ଚ ଯୋଜନା କରିଛି । ଖାଲି ଶଙ୍କର ନୁହଁ, ସିଲିକନ ଟେକ ମୁଖ୍ୟ ସୁରେଶ ନାୟକଙ୍କ ମଧ ଲାଇ ଡିଟେକ୍ସନ ଟେଷ୍ଟ ପାଇଁ ତଦନ୍ତକାରୀ ଏଜେନ୍ସି ଯୋଜନା କରିଥିବା ଜଣାପଡିଛି । ସେପଟେ ୪ ଦିନିଆ ରିମାଣ୍ଡରେ ଥିବା ଶଙ୍କର ଓ ଦଲାଲ ଅରବିନ୍ଦ ଦାସର ଆସନ୍ତାକାଲି ସରିବ ମିଆଦ । ପୋଲିସ ଏସଆଇ ପରୀକ୍ଷା କେଳେଙ୍କାରୀର ଗୋଟିଏ ପରେ ଗୋଟିଏ ପୃଷ୍ଠା ଖୋଲୁଛି କ୍ରାଇମବ୍ରାଞ୍ଚ । ଜଣଙ୍କ ପରେ ଜଣଙ୍କୁ ଗିରଫ ବି କରୁଛି । ଏହାରି ଭିତରେ ପର୍ଯ୍ୟାୟକ୍ରମେ ଗିରଫ ଦଲାଲଙ୍କୁ ଆଣି ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶଙ୍କର ପୃଷ୍ଟି ସହ କରୁଛି ମୁହାଁମୁହିଁ ଜେରା । ତଥାପି ବି ମୁହଁ ଖୋଲୁନି ଧୂର୍ତ୍ତ ଶଙ୍କର । ଯେତେ ଯାହା ପଚାରିଲେ ବି ଦେଉନି ଉତ୍ତର । ସମସ୍ତ ତଥ୍ୟ ପ୍ରମାଣକୁ ଦେଖାଇବା ପରେ ବି ମାନୁନି ସତ । ଗିରଫ ଦଲାଲଙ୍କ ସହ ସଂପର୍କ ଥିବା କଥାକୁ କରୁଛି ଅଗ୍ରାହ୍ୟ । ତଦନ୍ତକାରୀ ଅଫିସରଙ୍କ ସାମ୍ନାରେ ପୁରା ଚୁପ ବସୁଛି । ୫ ଦିନିଆ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଥିବା ଶଙ୍କର ପୃଷ୍ଟିର ଏଭଳି ସ୍ୱଭାବ ଦେଖି ତାଜୁବ ତଦନ୍ତକାରୀ ସଂସ୍ଥା । ଯେଉଁଥି ପାଇଁ ବିକଳ୍ପ ଚିନ୍ତା କରିଛି କ୍ରାଇମବ୍ରାଞ୍ଚ । ଶଙ୍କରର ମିଛ ଧରିବା ପାଇଁ ଶେଷରେ ତାର ଲାଇ ଡିଟେକ୍ସନ ଟେଷ୍ଟ ତଥା ମିଛ ଧରା ପକାଇବା ପରୀକ୍ଷା କରିବାକୁ ହୋଇଛି ଯୋଜନା । ଯେଉଁଥିପାଇଁ କୋର୍ଟଙ୍କ ନିକଟରେ ଆବେଦନ କରିଛି କ୍ରାଇମବ୍ରାଞ୍ଚ । ଖାଲି ଶଙ୍କର ନୁହେଁ ସିଲିକନ ଟେକ ମାଲିକ ସୁରେଶ ନାୟକର ମଧ ଲାଇ ଡିଟେକ୍ସନ ଟେଷ୍ଟ କରିବାକୁ ଯୋଜନା କରାଯାଇଛି । ଅନ୍ୟପକ୍ଷରେ ଏଭଳି ଠକେଇ ଅପରାଧରେ ଲାଇ ଡିଟେକ୍ସନ ଟେଷ୍ଟ ଦ୍ୱାରା କିଛି ଫଳ ମିଳିବ ନାହିଁ ବୋଲି ମତ ଦେଇଛନ୍ତି ବରିଷ୍ଠ ପୋଲିସ ଅଧିକାରୀ । ହତ୍ୟାକାଣ୍ଡ କି କୌଣସି ଜଘନ୍ୟ ଅପରାଧ ବେଳେ ଲାଇ ଡିଟେକ୍ସନ ଟେଷ୍ଟ ରିପୋର୍ଟ କାମ ଦେଇଥାଏ । କିନ୍ତୁ ପୋଲିସ ଏସଆଇ ପରୀକ୍ଷା ସ୍କାମ ଭଳି ମାମଲାରେ ଏଥିରୁ କୌଣସି ଫଳ ମିଳିବାର ଆଶା କମ୍ । କେବଳ ତଦନ୍ତକୁ ଲମ୍ବା ସମୟ ଧରି ଚଲାଇବା ଓ କିଛି ମାତ୍ରାରେ ଅଭିଯୁକ୍ତ ଉପରେ ଚାପ ପକାଇ ସତ ଓଗାଳିବାରେ ତଦନ୍ତକାରୀ ସଂସ୍ଥା ସଫଳ ହୋଇପାରିବ ।

# ଚତୁର୍ଥ ଦିନରେ ଉତ୍କଳ ବିଲ୍ଡର୍ସରେ ଆୟକର ବିଭାଗର ଚଢ଼ାଉ

ଭୁବନେଶ୍ୱର, ୭/୧୧ (ନି.ପ୍ର): ଚତୁର୍ଥ ଦିନରେ ଉତ୍କଳ ବିଲ୍ଡର୍ସରେ ଚଢ଼ାଉ । ଆୟକର ଫାଙ୍କି ନେଇ ଆୟକର ବିଭାଗ ଓଡ଼ିଶା ଓ ପଶ୍ଚିମବଙ୍ଗରେ ଥିବା ଉତ୍କଳ ବିଲ୍ଡର୍ସର ୪ଜଣ ନିର୍ଦ୍ଦେଶକ ସନ୍ଦୀପ କୁମାର ବେଦ, ଅମିତ ବେଦ, ପ୍ରକାଶ ଭୁରା ଓ ଅଞ୍ଜନା ଦେବୀ ଭୁରାଙ୍କୁ ଆଜି ସକାଳୁ ଝାଳବୁହା ଜେରା କରୁଥିବା ଜଣାଯାଇଛି । ଏଥିଲାଗି ବିଶେଷ କରି ଏହି ପାର୍ଟନରମାନଙ୍କ ଅଡୁଆ ବଢ଼ିଯାଇଛି । ଆୟକର ଫାଙ୍କି ନେଇ ଆୟକର ବିଭାଗ ଓଡ଼ିଶା ଓ ପଶ୍ଚିମବଙ୍ଗରେ ଥିବା ଉତ୍କଳ ବିଲ୍ ?ଡର୍ସର ୧୪ଟି ସ୍ଥାନରେ ଚଢ଼ଉ କରିଛି । ଚଢ଼ଉ ସମୟରେ କୋଟିଏରୁ ଅଧିକ ନଗଦ ଟଙ୍କା ଓ ବହୁ ଜାଲ୍ କାଗଜପତ୍ର ଜବତ କରାଯାଇଛି । ଯାହାକୁ ନେଇ ଆୟକର ବିଭାଗ ସଂସ୍ଥାର ମାଲିକ ସମତେ ଆକାଉଣ୍ଟାଣ୍ଟଙ୍କୁ ମାରାଥନ ଜେରା କରିଛି । ସୂଚନା ମୁତାବକ, ବହୁଦିନ ହେବ ସଂସ୍ଥା ପକ୍ଷରୁ ଆୟକର ଫାଙ୍କି ହେଉଥିବା ଆୟକର ବିଭାଗ ଜାଣିବାକୁ ପାଇଥିଲା । ଯୋଜନା ମୁତାବକ ମଙ୍ଗଳବାର ସକାଳ ସମୟରେ ୧୪ଟି ଟିମ୍‌ର ୧୨୦ ଅଧିକାରୀ ଭୁବନେଶ୍ୱରର ବରମୁଣ୍ଡା, ସହିଦନଗର, କଳ୍ପନା, ପଟିଆ ଅଦି ଅଞ୍ଚଳ ସମେତ ରାଜ୍ୟ ବାହାରେ ଏକକାଳୀନ ଚଢ଼ଉ କରିଥିଲେ । ଚଢ଼ଉ ସମୟରେ ବିଭିନ୍ନ କାର୍ଯ୍ୟାଳୟରୁ ବସ୍ତା ବସ୍ତା ଜାଲ୍ କାଗଜପତ୍ର ଜବତ କରାଯାଇଥିଲା ।

# ଅପରାହ୍ନ ୪ଟାରୁ ପ୍ରଚାର ମନା: ଗାଇଡଲାଇନ୍ ଜାରି, ଉଲ୍ଲଙ୍ଘନ କଲେ ୨ବର୍ଷ ଜେଲ୍




ନୂଆପଡ଼ା, ୭/୧୧ (ନି.ପ୍ର): ନୂଆପଡ଼ା ଉପନିର୍ବାଚନରେ ସ୍ୱଚ୍ଛତା ବଜାୟ ରଖିବା ସହ ଭୋଟରଙ୍କ ପାଇଁ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ପରିବେଶ ସୁନିଶ୍ଚିତ କରିବା ଉପରେ ନିର୍ବାଚନ ଆୟୋଗ ଗୁରୁତ୍ୱ ଦେଇଛନ୍ତି । ୧୧ତାରିଖରେ ନୂଆପଡ଼ା ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ । ଆଉ ୯ତାରିଖ ଅପରାହ୍ନ ୪ଟାରୁ ନିର୍ବାଚନମଣ୍ଡଳୀରେ 'ସାଇଲେନ୍ସ ଆୱାର' ବା ନିରବ ଅବଧିକୁ କଡ଼ାକଡ଼ି ଭାବେ ପାଳନ କରାଯିବ । ଏହି ସାଇଲେନ୍ସ ଆୱାରରେ ସମସ୍ତ ପ୍ରକାରର ପ୍ରଚାର ଉପରେ କଟକଣା ଜାରି କରାଯିବା ସହ ବାହାର ଲୋକମାନଙ୍କୁ ନିର୍ବାଚନମଣ୍ଡଳୀ ଛାଡ଼ିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି । ଯେଉଁମାନେ ଏହି ଗାଇଡଲାଇନ୍ ବା ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରିବେ ସେମାନଙ୍କୁ ୨ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ବାଚନ ଆୟୋଗ ଚେତାଇ ଦେଇଛନ୍ତି । ନୂଆପଡ଼ାରେ ଅବାଧ ଓ ଶାନ୍ତିପୂର୍ଣ୍ଣ ମତଦାନ ସୁନିଶ୍ଚିତ କରାଇବାକୁ ନିର୍ବାଚନ ଆୟୋଗ ପ୍ରାଥମିକତା ଦେଉଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର ଏସ ଗୋପାଳନ , ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ପ୍ରମୋଦ ସାହୁ ଓ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁ ଆଜି ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ଉପନିର୍ବାଚନରେ ଭୋଟରଙ୍କୁ ନିରପେକ୍ଷ ନିଷ୍ପତ୍ତି ନେବା ପାଇଁ ସୁଯୋଗ ଦେବା ନିମନ୍ତେ ନିର୍ବାଚନ ଆୟୋଗ ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଛନ୍ତି । ୧୧ତାରିଖରେ ଭୋଟଗ୍ରହଣ ଶେଷ ହେବାର ୪୮ଘଣ୍ଟା ପୂର୍ବରୁ ଅର୍ଥାତ୍ ନଭେମ୍ବର ୯ତାରିଖ ଅପରାହ୍ନ ୪ଟାରୁ ସମଗ୍ର ନୂଆପଡ଼ା ବିଧାନସଭା ମଣ୍ଡଳୀରେ 'ସାଇଲେନ୍ସ ଆୱାର' ଆରମ୍ଭ ହେବ । ଏହି ନିରବ ଅବଧି ଆରମ୍ଭ ହେବା ପୂର୍ବରୁ ସମସ୍ତ ପ୍ରକାରର ପ୍ରଚାର କାର୍ଯ୍ୟକୁ ଶେଷ କରିବାକୁ ରାଜନୀତିକ ଦଳ ଓ ପ୍ରାର୍ଥୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁମାନେ ନୂଆପଡ଼ା ବିଧାନସଭା ମଣ୍ଡଳୀର ଭୋଟର କିମ୍ବା ସ୍ଥାନୀୟ ଅଧିବାସୀ ନୁହଁନ୍ତି ସେମାନଙ୍କୁ

▶▶ପୃଷ୍ଠା ୭

# ମୁଁ ଭାରତ ଗସ୍ତ କରିବି: ଟ୍ରମ୍ପ

ନୂଆଦିଲ୍ଲୀ,୭/୧୧ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହିତ ଚାଲିଥିବା ବାଣିଜ୍ୟ ଚୁକ୍ତି ଆଲୋଚନା ଉପରେ ସନ୍ତୋଷ ପ୍ରକାଶ କରି ସ୍ପଷ୍ଟ ଭାବରେ ସୂଚାଇ ଦେଇଛନ୍ତି ଯେ ସେ ଆସନ୍ତା ବର୍ଷ ଭାରତ ଗସ୍ତ କରିପାରନ୍ତି । ଗୁରୁବାର ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହ କଥାବାର୍ତା ସମୟରେ ସେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣେ 'ବନ୍ଧୁ' ଏବଂ 'ଚମତ୍କାର ବ୍ୟକ୍ତି' ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ଭାରତ ପ୍ରାୟତଃ ରୁଷୀୟ ତେଲ କିଣିବା ବନ୍ଦ କରିଦେଇଛି । ଟ୍ରମ୍ପ୍ ଚଳିତ ବର୍ଷ ଅଗଷ୍ଟରେ ଭାରତ ଉପରେ ୫୦ ପ୍ରତିଶତ ଆମଦାନୀ ଶୁଳ୍କ ଲାଗୁ କରିଥିଲେ, ଯାହାର ୨୫ ପ୍ରତିଶତ ରୁଷଠାରୁ ତେଲ ଏବଂ ଅସ୍ତ୍ରଶସ୍ତ୍ର କ୍ରୟକୁ ବିରୋଧ କରି ଲାଗୁ କରାଯାଇଥିଲା ।

# ନୂଆପଡ଼ାରେ ପୁଣି ବେଇମାନି ପ୍ରସଙ୍ଗ ଉଠାଇଲେ ନବୀନ



ନୂଆପଡ଼ା, ୭/୧୧ (ନି.ପ୍ର): ସମାନ ଟପିକ୍, ଲାଇନ୍ ରିପିଟ୍ । ଚାରି ଦିନ ହେଲାଣି ନୂଆପଡ଼ା ନିର୍ବାଚନ ପ୍ରଚାରରେ ଗୋଟିଏ ହଟ୍ ଇସ୍ୟୁ-ବେଇମାନି । କୋମନା ସଭାରେ ପ୍ରାର୍ଥୀ ଚୋରି ଓ ବେଇମାନି ପ୍ରସଙ୍ଗ ଉଠାଇଥିବା ନବୀନ ପଟ୍ଟନାୟକଙ୍କୁ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ମୁହଁତୋଡ଼ ଜବାବ ପରେ ବି ଆଜି ପୁଣି ନୂଆପଡ଼ାରେ ସେଇ କଥା ଘୋଷି ହୋଇଛନ୍ତି ନବୀନ । ଏଣେ ଆଜି ଏକ ପ୍ରେସମିଟରେ ପୁରୀ ସାଂସଦ ଓ ସ୍ୱର୍ଗତ ରାଜୁ ଢୋଲକିଆଙ୍କ ଭାଇ ବିଜେଡିର ଅଣଦେଖା ଓ ଆକ୍ଷେପକୁ ନେଇ ଜୋରଦାର ବର୍ଷି ଥିବାବେଳେ ବିଜେଡି ରଖିଛି ଜବାବ । ପୁଣି ପ୍ରଚାର ମଞ୍ଚରୁ ନିଜ ଅଭିଭାଷଣରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉଠାଇଛନ୍ତି ପ୍ରାର୍ଥୀ ଚୋରି ଓ ବେଇମାନି ପ୍ରସଙ୍ଗ । ନବୀନ କହିଛନ୍ତି ରାଜୁ ଢୋଲକିଆଙ୍କୁ ସେ କ୍ୟାବିନେଟ୍ ମନ୍ତ୍ରୀ କରିଥିଲେ, ନୂଆପଡ଼ାରେ ବିକାଶ ଚାଲିଥିଲା-ହେଲେ ଏବେ ତାହା ଠପ୍ । ମିଛ ପ୍ରତିଶ୍ରୁତିରେ ସରକାର ଚାଲେନି । ଆପଣଙ୍କ ଓ ମୋ ସହ ବେଇମାନି ହୋଇଛି । ପ୍ରାର୍ଥୀ ଚୋରି କରି ଭୋଟରଙ୍କ ହୃଦୟ ଜିତି ପାରିବେନି । ନୂଆପଡ଼ା ବାସୀ ତାର ଉଚିତ୍ ଜବାବ ଦେବେ ।

# ଅବୈଧ ଓ ଗୁପ୍ତ ପରମାଣୁ କାର୍ଯ୍ୟକଳାପ ପାକିସ୍ତାନର ଇତିହାସ ରହିଆସିଛି : ଭାରତ

ନୂଆଦିଲ୍ଲୀ,୭/୧୧ : ପାକିସ୍ତାନର ଗୁପ୍ତ ପରମାଣୁ ପରୀକ୍ଷଣ ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାଞ୍ଚଲ୍ୟକର ଦାବି ସଂପର୍କରେ ପ୍ରଥମ ପ୍ରତିକ୍ରିୟା ରଖିଛି ଭାରତ । ଭାରତ ବୈଦେଶିକ ମନ୍ତ୍ରଣାଳୟ (ଗରଇ) କହିଛି ଯେ ଭାରତ ଟ୍ରମ୍ପଙ୍କ ବିବୃତ୍ତିକୁ ଗୁରୁତ୍ୱ ଦେଇଛି । ପାକିସ୍ତାନର ଇତିହାସ ବେଆଇନ ଏବଂ ଗୁପ୍ତ ପରମାଣୁ କାର୍ଯ୍ୟକଳାପରେ ପରିପୂର୍ଣ୍ଣ, ଏବଂ ଭାରତ ଏହି ପ୍ରସଙ୍ଗଗୁଡ଼ିକ ବିଷୟରେ ବିଶ୍ୱକୁ ନିରନ୍ତର ଚେତାବନୀ ଦେଇଆସିଛି । ଗରଇ ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ ପାକିସ୍ତାନର ଦଶନ୍ଧି ଧରି ଚାଲିଥିବା କାର୍ଯ୍ୟକଳାପର ଇତିହାସ, ଯେପରିକି ଚୋରା ଚାଲାଣ, ରପ୍ତାନି ନିୟନ୍ତ୍ରଣ ଉଲ୍ଲଂଘନ, ଗୁପ୍ତ ସହଯୋଗ, ଅବଦୁଲ କାଦିର ଖାନ ନେଟୱାର୍କ ଏବଂ ପରମାଣୁ ପ୍ରସାର, ଏହାର ରେକର୍ଡର ଅଂଶ ହୋଇଛି । ସେ ଆହୁରି ମଧ କହିଛନ୍ତି ଯେ ଭାରତ ନିରନ୍ତର ଏହି କାର୍ଯ୍ୟଗୁଡ଼ିକ ପ୍ରତି ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଆସିଛି । ଏହି ପରିପ୍ରେକ୍ଷୀରେ, ଭାରତ ଟ୍ରମ୍ପଙ୍କ ବିବୃତ୍ତିକୁ ଧ୍ୟାନ ଦେଇଛି ।ଆମେରିକୀୟ ଚ୍ୟାନେଲ୍ ସିବିଏସର ୬୦ ମିନିଟ୍ସ କାର୍ଯ୍ୟକ୍ରମରେ ଯୋଗଦେଇ ଟ୍ରମ୍ପ କହିଥିଲେ ଯେ ଚୀନ, ପାକିସ୍ତାନ ଓ ଉତ୍ତରକୋରିଆ ଗୋପନରେ ପରମାଣୁ ପରୀକ୍ଷଣ କରୁଛନ୍ତି । ଏଣୁ ଆମେରିକା ବି ପରୀକ୍ଷଣ କରିବ । ଏଥିପାଇଁ ପେଣ୍ଟାଗନକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଟ୍ରମ୍ପଙ୍କ ଏହି ଅଭିଯୋଗକୁ ପାକିସ୍ତାନ ଅସ୍ୱୀକାର କରିଛି । ପାକିସ୍ତାନ କହିଛି ଯେ ପ୍ରଥମେ ପରମାଣୁ ପରୀକ୍ଷଣ ନ କରିବା ପାକିସ୍ତାନର ନୀତି । ପାକିସ୍ତାନ ଶେଷଥର ପାଇଁ ୧୯୯୮ରେ ପରମାଣୁ ପରୀକ୍ଷଣ କରିଥିଲା । ଭାରତର ପରମାଣୁ ପରୀକ୍ଷଣ ଜବାବରେ ପାକିସ୍ତାନ ପରୀକ୍ଷଣ କରିଥିଲା ।

# ପୀତବାସ ପଣ୍ଡା ହତ୍ୟା ମାମଲା : ଅଭିଯୁକ୍ତ ବିକ୍ରମ ପଣ୍ଡାଙ୍କ ବିପକ୍ଷରେ ଓ୍ୱକାଲତନାମା ଦାଖଲ କଲେ ୨୦୯ଜଣ ଓକିଲ

ଭୁବନେଶ୍ୱର, ୭/୧୧ (ନି.ପ୍ର): ଆଇନଜୀବୀ ପିତବାସ ପଣ୍ଡା ହତ୍ୟା ମାମଲା, ଅଭିଯୁକ୍ତ ବିକ୍ରମ ପଣ୍ଡାଙ୍କ ବିପକ୍ଷରେ ଓ୍ୱକାଲତନାମା ଦାଖଲ କଲେ ୨୦୯ଜଣ ଓକିଲ । ପୂର୍ବରୁ ବିକ୍ରମଙ୍କ ସପକ୍ଷରେ ୪୦ରୁ ଉର୍ଦ୍ଧ୍ୱ ଓକିଲ ଓ୍ୱକାଲତନାମା ଦାଖଲ କରିଥିଲେ । ଗୁରୁବାର ବିକ୍ରମଙ୍କ ଓକିଲ ଏକ ପିଟିସନ ବ୍ରହ୍ମପୁର ଏସ ଡିଜେଏମଙ୍କ କୋର୍ଟରେ ଦାଖଲ କରିଥିଲେ । ପୀତବାସ ହତ୍ୟା ମାମଲାରେ ବିକ୍ରମ ଙ୍କ ସଂପୃକ୍ତି ନାହିଁ ବୋଲି ଦାବି କରି ତାଙ୍କୁ ମାମଲାରୁ ମୁକ୍ତ ପାଇଁ ଏହି ପିଟିସନ ଦାଖଲ କରାଯାଇଥିଲା । ଆଜି ବିପକ୍ଷରେ ୨୦୯ ଜଣ ଓକିଲ ଓ୍ୱକାଲତନାମା ଦାଖଲ କରିଥିବା ଜଣାପଡିଛି । ସେପଟେ ପୀତବାସ ପଣ୍ଡା ହତ୍ୟା ମାମଲା । ହାଇକୋର୍ଟରେ ଲିଖିତ ଉତ୍ତର ରଖିଲେ ବ୍ରହ୍ମପୁର ଏସ୍‌ପି । ଗଣମାଧ୍ୟମରେ ରଖିଥିବା ବୟାନ ଉପରେ ଜବାବ ମାଗିଥିଲେ ହାଇକୋର୍ଟ । ଏହାକୁ ନେଇ ଲିଖିତ ଭାବେ ଉତ୍ତର ରଖିଛନ୍ତି ବ୍ରହ୍ମପୁର ଏସପି । ତାଙ୍କ ବୟାନ କୁ ଅଦାଲତ ଅବମାନନା ଭାବେ କାହିଁକି ବିବେଚନା କରାଯିବ ନାହିଁ ସେ ନେଇ ଲିଖିତ ଜବାବ ଦାଖଲ କରିଛନ୍ତି ଏସ ପି ।

# ମହାରାଷ୍ଟ୍ର ରାଜନୀତିରେ ଝଡ଼: ୧୮ ଶହ କୋଟିର ଜମି ଦୁର୍ନୀତି ନେଇ ଅଡୁଆରେ ପାର୍ଥ ପାୱାର



ନୂଆଦିଲ୍ଲୀ,୭/୧୧ : ଅଭିଯୋଗ ଅନୁସାରେ ପୁଣେର ମୁନ୍ଦୱା ଅଞ୍ଚଳରେ ୪୦ ଏକରର ଜମି ଅଛି । ଯାହାର ଆନୁମାନିକ ମୂଲ୍ୟ ୧୮ଶହ କୋଟି ଟଙ୍କା । ମାତ୍ର ପାର୍ଥ ପାୱାରଙ୍କ କମ୍ପାନି ଆମେଡିଆ ଏଣ୍ଟରପ୍ରାଇଜ ଏହାକୁ ମାତ୍ର ୩ ଶହ କୋଟି ଟଙ୍କାରେ କିଣିଛି । ଏହାର ରେଜିଷ୍ଟ୍ରେସନ ଦଲିଲରେ ଦିଗବିଜୟ ପାଟିଲଙ୍କ ନାଁ ରହିଛି । ଯିଏକି ଆମେଡିଆ ଏଣ୍ଟ୍ରରପ୍ରାଇଜରେ ପାର୍ଥଙ୍କ ପାର୍ଟନର ଅଛନ୍ତି । ଏହାଛଡା କମ୍ପାନିକୁ ଷ୍ଟାମ୍ପ ଡ୍ୟୁଟି ଛାଡ଼ କରାଯାଇଛି । ଫଳରେ ରେଜିଷ୍ଟ୍ରେସନ ଖର୍ଚ୍ଚ ମାତ୍ର ୫ଶହ ଟଙ୍କାରେ ସମ୍ଭବ ହୋଇପାରିଛି । ଏନସିପି ଶରଦ ପାୱାର ଗୋଷ୍ଠୀର ସୁପ୍ରିୟା ସୁଲେ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି । ଆଗକୁ ଘଟଣାକୁ ନେଇ ଯେପରି ସମସ୍ୟା ନହୁଏ, ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେଠିକାର ତହସିଲାଦାରଙ୍କୁ ନିଲମ୍ବିତ କରିବା ସହିତ ଏଫଆଇଆର ଦାଖଲ କରିଛନ୍ତି । ଏହା ସହିତ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ ମଧ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ସରକାରୀ ଜମିକୁ ବ୍ୟକ୍ତିଗତ ଫାର୍ମକୁ ବିକାଯାଇ ପାରିବନି ବୋଲି ନିୟମ ରହିଛି । ତଥାପି ରେଜିଷ୍ଟ୍ରେସନ କିପରି ହେଲା ? ଏହି ବିକ୍ରି ମାମଲାରେ ରାଜ୍ୟ ସରକାର ୧୫ କୋଟିର ଷ୍ଟାମ୍ପ ଡ୍ୟୁଟି ଓ ୬ କୋଟି ଟିକସ ପାଇଥାନ୍ତେ । ମାତ୍ର ୫ ଶହ ଟଙ୍କାରେ ସମସ୍ତ ରେଜିଷ୍ଟ୍ରେସନରେ କାମ ସରିଲା କେମିତି ? ଆଗକୁ ମହାରାଷ୍ଟ୍ର ପୌର ନିର୍ବାଚନ ହେବାକୁ ଯାଉଛି ।ଏହି ମାମଲାରେ ନିଜର କୌଣସି ଭୂମିକା ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ସଫେଇ ଦେଲେ ମଧ ଏହି ସ୍କାମ୍ ମହାୟୁତି ସରକାରଙ୍କୁ ଅଡୁଆରେ ପକାଇବା ଆଶଙ୍କା ଅଛି ।

# କୂଳ ଖାଉଛି ନଦୀ: ଜମି ଏବେ ନଦୀର ଆଁ ଭିତରେ ଲୋପ ପାଇବାକୁ ବସିଲାଣି

ଜୟପୁର,୭/୧୧ (ନି.ପ୍ର): କୂଳ ଖାଉଛି ନଦୀ । ହତାଶ ହେଲେଣି ଗ୍ରାମବାସୀ । ଜିଲ୍ଲା ପ୍ରଶାସନକୁ ଗୁହାରି କଲେ କିଏ ବି ଶୁଣୁନାହାନ୍ତି । ବାପ ଜେଜେ ବାପାଙ୍କ ଅମଳର ଜମି ଏବେ ନଦୀର ଆଁ ଭିତରେ ଲୋପ ପାଇବାକୁ ବସିଲାଣି । ଏମିତି ଦେଖିବାକୁ ମିଳିଛି ଜୟପୁର ସହର ଉପକଣ୍ଠ ପଞ୍ଜିଆଗୁଡା ଗ୍ରାମରେ। ଶେଷରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ।

ଜୟପୁର ଉପକଣ୍ଠରେ ଥିବା ପାଞ୍ଜିଆଗୁଡା ଗ୍ରାମ । ଗ୍ରାମକୁ ସଂଯୋଗ କରୁଥିବା ଜୟପୁର ପୌରପରିଷଦର ଚିକିଟି ନାଳ ଏବଂ ସତିନଦୀର ପାଣି ଦ୍ୱାରା କୂଳଖାଇ ଏକର ଏକର ଚାଷ ଜମି ନଷ୍ଟ ହୋଇଯାଉଛି । ଜମିରେ ଚିକିଟି ନାଳ ପ୍ରବେଶ କରିବା ସହ ସତିନଦୀର ପାଣି ପ୍ରବେଶ କରୁଛି । ଏହାସହ ଜଗନ୍ନାଥ ସାଗର ସଫେଇ ବେଳେ ସାଗରର ଜଳ ନିଷ୍କାସନ ହୋଇ ଚିକିଟି ନାଳଦେଇ ବହୁ ପରିମାଣରେ ପ୍ରବେଶ କରିବା ଫଳରେ ଉକ୍ତ ଚାଷ ଜମିର କୂଳଖାଇବା ଯୋଗୁଁ ନଷ୍ଟ ହୋଇଯାଇଛି ବୋଲି ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ସତିନଦୀରେ ପ୍ରବାହିତ ଜଳ ମଧ୍ୟ କୂଳଖାଇ ଜମିକୁ ନଷ୍ଟ କରୁଛି । ତେଣୁ ଏଠାରେ ଏକ ଡ୍ରେନ ନିର୍ମାଣ କରିବା ଚିକିଟି ନାଳର ପାଣିକୁ ସ୍ୱତନ୍ତ୍ର ଭାବରେ ଛାଡିବା ସହିତ ସତି ନଦିର ପାଣିକୁ ପଥର ପେଚିଂ କରିବାକୁ ଦାବୀ କରିଛନ୍ତି ପାଞ୍ଜିଆଗୁଡା ଗ୍ରାମବାସୀ । ନହେଲେ ଆଗକୁ ଆହୁରି ବହୁ ଏକର ଚାଷ ଜମି ନହିର ଆଁ ଭିତରେ ଲିନ ହୋଇଯିବାର ଆଶଙ୍କା ରହିଛି । ଏଥିରେ ବହୁ ଗରିବ ନିରିହ ଚାଷୀ ବ୍ୟାପକ କ୍ଷତିଗ୍ରସ୍ତ ହେବେ । ଏଥିନେଇ ପୂର୍ବରୁ ଇରିଗେସନ ବିଭାଗ ନିକଟରେ ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ଫଳପ୍ରଦ ହୋଇନଥିବା ଅଭିଯୋଗ କରିଛନ୍ତି ପାଞ୍ଜିଆଗୁଡା ଗ୍ରାମବାସୀ। ଏହାକୁ ନେଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ବେଳେ ଲିଖିତ ଅଭିଯୋଗ କରିଛନ୍ତି ପାଞ୍ଜିଆଗୁଡା ଗ୍ରାମବାସୀ । ଜିଲ୍ଲାପାଳ ଏହାକୁ ବୁଝିବା ସହିତ ଜଳସେଚନା ବିଭାଗ ଓ ଜୟପୁର ପୌର ପରିଷଦ ମିଳିତ ଭାବେ ସ୍ଥିତି ଅନୁଧାନ କରିବେ ବୋଲି କହିଛନ୍ତି କୋରାପୁଟ ଜିଲ୍ଲାପାଳ । ଏହାସହ ଆବଶ୍ୟକ ସ୍ଥଳେ ଜୟପୁର ପୌରପରିଷଦର ଚିକିଟି ନାଳକୁ ଅନ୍ୟତ୍ର ଦିଗ ବଦଳାଇବାକୁ ଚିନ୍ତା କରାଯାଉଥିବା କହିଛନ୍ତି । ଏବଂ ସତି ନଦୀରେ ପାର୍ଶ୍ୱ ହୁଡାରେ ପଥର ପେଚିଂ କରିଯିବାକୁ ପ୍ରସ୍ତାବ ରହିଥିବା କଥା କହିଛନ୍ତି କୋରାପୁଟ ଜିଲ୍ଲାପାଳ ।

ଚିକିଟି ନାଳ ସହିତ ସତି ନଦିର ମିଶ୍ରଣରେ ପାଞ୍ଜିଆଗୁଡା ଗ୍ରାମର ବର୍ତ୍ତମାନକୁ ପ୍ରାୟ ବହୁ ଏକର ଚାଷ ଜମି ନଦୀରେ ମିଶିଗଲାଣି । ଏହାକୁ ଯଦି ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ ନକରିବ ତେବେ ବହୁ ଚାଷୀ ସେମାନଙ୍କ ଜମି ହରାଇବା ସହିତ ଚାଷୀ ମାନେ ଜମି ଶୂନ୍ୟ ହୋଇଯିବେ ।

# ଫଳକ ଲାଗିଲା, କାମ ହେଲାନି: ସାହି ଲୋକ ନିର୍ମାଣ କଲେ ପକ୍କା ରାସ୍ତା

ଭଦ୍ରକ,୭/୧୧ (ନି.ପ୍ର): ରାସ୍ତା ମରାମତି କାର୍ଯ୍ୟ ପାଇଁ ଛ ମାସ ପୂର୍ବରୁ ନାମଫଳକ ଲାଗିଥିଲା। ହେଲେ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇ ପାରିଲା ନାହିଁ। ଜନସାଧାରଣ ମାନେ ଯାତାୟାତ ପାଇଁ ଅନେକ ଦହଗଞ୍ଜ ହେଲେ। ଶେଷରେ ଟଙ୍କା ଆଦାୟ କରି ନିଜ ଶ୍ରମରେ ପକ୍କା ରାସ୍ତା ନିର୍ମାଣ କଲେ ସାହି ଲୋକ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ ରହଣିଆ ନାୟକ ସାହି ଠାରେ। ମିଳିଥିବା ସୂଚନା ଅନୁଯାୟୀ ରହଣିଆ ଗାଁର ବେହେରା ସାହି ଗ୍ରାମ୍ୟ ଉନ୍ନୟନ ରାସ୍ତା ଠାରୁ ନାୟକ ସାହିକୁ ଏକ ଗ୍ରାମ୍ୟ ରାସ୍ତା ସଂଯୋଗ ହୋଇଛି ।ପ୍ରତିଦିନ ଏହି ରାସ୍ତା ଦେଇ ସ୍ଥାନୀୟ ବାସିନ୍ଦା ମାନେ ମୁଖ୍ୟ ରାସ୍ତାକୁ ଏହି ରାସ୍ତାରେ ଯାତାୟାତ କରିଥାନ୍ତି। ଗ୍ରାମ୍ୟ ଉନ୍ନୟନ ରାସ୍ତା ନ୍ୱିକରଣପରେ ପ୍ରାୟ ତିନି ଶହ ମିଟର ଗ୍ରାମ୍ୟ ରାସ୍ତାଟି ଧିରେ ଧିରେ ଜରାଜୀର୍ଣ୍ଣ ପାଲଟି ଯାଇଥିଲା। ତେଣୁ ରାସ୍ତାଟିର ପୁନରୁଦ୍ଧାର କାର୍ଯ୍ୟ ପାଇଁ ସାହି ଲୋକମାନେ ପଂଚାୟତ ଠାରୁ ଆରମ୍ଭ କରି ବ୍ଲକ ଯାଏଁ ସ୍ଥିତି ଜଣାଇଥିଲେ। ଆପତି ଅଭିଯୋଗ ପରେ ଗୁରୁତ୍ୱ ଦୃଷ୍ଟିରୁ ରାସ୍ତା ମରାମତି ପାଇଁ ଉକ୍ତ ସ୍ଥାନରେ ଏକ ନାମଫଳକ ଲଗା ଯାଇଥିଲା ।ଦାନା ବାତ୍ୟା ପରବର୍ତୀ ଆର୍ଥିକ ବର୍ଷ ୨୦୨୪ /୨୫ ରେ ପାଖାପାଖି ଦୁଇ ଲକ୍ଷ ଏଫଡିଆର ଅନୁଦାନକୁ ନେଇ ରାସ୍ତା ନିର୍ମାଣ ହେବ ବୋଲି ସୂଚନା ଦିଆ ଯାଇଥିଲା। ମାତ୍ର ସୂଚନା ଫଳକକୁ ଛ ମାସ ବିତି ଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ ହେଲା ନାହିଁ। ଲୋକେ ଯାତାୟାତ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଲେ। ଯାହା ପାଖରେ ଗୁହାରି କଲେ କେହି ଶୁଣିଲେ ନାହିଁ। ତେଣୁ ବିରକ୍ତ ହୋଇ ସ୍ଥାନୀୟ ଲୋକ ମାନେ ଏବେ ନିଜେ ଟଙ୍କା ଖର୍ଚ୍ଚ କରି ରାସ୍ତାର ଜରାଜୀର୍ଣ୍ଣ ଗୁରୁତ୍ୱପୂର୍ଣ୍ଣ ଅଂଶଟିକୁ ନିର୍ମାଣ କରିଛନ୍ତି। ଏପରିକି ସାହିର ମହିଳା ମାନେ ମଧ୍ୟ ଶ୍ରମିକ ଭାବେ ଏଥିରେ ନିୟୋଜିତ ହୋଇଥିଲେ। ନିର୍ବାଚିତ ପ୍ରତିନିଧି, ସ୍ଥାନୀୟ ସଙ୍ଗଠକ ଓ ବ୍ଲକ ପ୍ରଶାସନ ଲୋକଙ୍କ ସମସ୍ୟା ବୁଝିବାକୁ ଅସମର୍ଥ ବୋଲି ନାୟକ ସାହି ବାସିନ୍ଦା ନାରାୟଣ ନାୟକ, ପରମେଶ୍ୱର ନାୟକ, ରଥ ନାୟକ, ବିରଂଚି ନାୟକ, ପ୍ରଭାକର ନାୟକ, ନାରାୟଣ ଚନ୍ଦ୍ର ନାୟକ ପ୍ରମୁଖ କ୍ଷୋଭର ସହ କହିଛନ୍ତି।

# ଜିଲ୍ଲାରେ ନଭେମ୍ବର ୧୨ରୁ ସ୍ୱତନ୍ତ୍ର ରାଜସ୍ୱ ଶୁଣାଣି ଶିବିର ଆରମ୍ଭ

କେନ୍ଦ୍ରାପଡା,୭/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ପ୍ରଥମ ଥରପାଇଁ ଆରମ୍ଭ ହେବାକୁ ଯାଉଛି ରାଜସ୍ୱ ସଂକ୍ରାନ୍ତିୟ ଅଭିଯୋଗ ଶୁଣାଣି ଶିବିର। କୌଣସି ବ୍ୟକ୍ତିଙ୍କ ଜମିଜମା କିମ୍ବା ଅନ୍ୟ କୌଣସି ତହସିଲ ବା ରାଜସ୍ୱ ସଂକ୍ରାନ୍ତୀୟ ଅଭିଯୋଗ ଥାଏ ତେବେ ନିର୍ଦ୍ଧାରିତ ଦିନ ଆସି ନିଜ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ଅଭିଯୋଗ ଶୁଣାଣିରେ ନିଜେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଆସନ୍ତା ୧୨ ନଭେମ୍ବର ରାଜନଗର ତହସିଲ କାର୍ଯ୍ୟ। ଳୟ, ୧୩ ତାରିଖରେ କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟ। ଳୟ,୧୪ ତାରିଖରେ ଗରଦପୁର, ୧୫ ତାରିଖରେ ଆଳି,୧୮ ତାରିଖରେ ଡେରାବିଶ,୧୯ ତାରିଖରେ କନିକା ତହସିଲ କାର୍ଯ୍ୟ। ଳୟ,୨୦ ତାରିଖରେ ପଟ୍ଟାମୁଣ୍ଡାଇ ତହସିଲ, ୨୬ ତାରିଖରେ ମହାକାଳପଡ଼ା ତହସିଲ ଏବଂ ୨୮ ତାରିଖରେ ମାର୍ଶାଘାଇ ତହସିଲଦାର କାର୍ଯ୍ୟ। ଳୟରେ ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫

କେନ୍ଦ୍ରାପଡା,୭/୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଶିଶୁ ହସିଲେ ଦେଶ ହସିବ । ଗାଁ ଗହଳିରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଲୁକାୟିତ ପ୍ରତିଭାକୁ ଅନ୍ୱେଷଣ କରିବା ଓ ତାହାକୁ ବିକଶିତ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଶିଶୁ ମହୋତ୍ସବ ସୁରଭି । ଏହି ଉପଲକ୍ଷେ ଜିଲ୍ଲାପ୍ରଶାସନ ଓ ଜିଲ୍ଲା ସମଗ୍ର ଶିକ୍ଷା, କେନ୍ଦ୍ରାପଡ଼ାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ସମଗ୍ର ଶିକ୍ଷା ଶ୍ରୀ ପବିତ୍ର ମୋହନ ବାରିକ ଅଧକ୍ଷତା କରିଥିଲେ । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀଯୁକ୍ତ ରଘୁରାମ ଆର. ଆୟର ଯୋଗ ଦେଇଥିଲା ବେଳେ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକୃଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭସ୍ମିତା। ତ୍ରିପାଠୀ, ସ୍ୱାଗତିକା ସ୍ୱାଇଁ ଓ ଦୀପ୍ତି ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହୋତ୍ସବ ସୁରଭିକୁ ମୁଖ୍ୟ ଅତିଥି ଆନୁଷ୍ଠାନିକ ଭାବେ ଶୁଭ ଉଦଘାଟନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସମସ୍ତ ବ୍ଲକରୁ ପ୍ରାୟ ୩୫୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ସାତଟି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଛାତ୍ରଛାତ୍ରୀମାନେ ସାତଟି ପ୍ରତିଯୋଗିତା ଯଥା ରଚନା, ବକ୍ତୃତା, ଏଲୋକେସନ, ଚିତ୍ରକଳା, ସୃଜନଶୀଳ ଲିଖନ, ସଙ୍ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଉକ୍ତ ସାତଗୋଟି ବିଭାଗର ଜୁନିଅର ଓ ସିନିୟର ବର୍ଗରେ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ୩୯ ଜଣ କୃତୀ ପ୍ରତିଯୋଗୀ ଭୁବନେଶ୍ୱରରେ ଚଳିତ ମାସ ୧୨, ୧୩ ଓ ୧୪ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ସୂଚନା ଯୋଗ୍ୟ ଯେ, ଜିଲ୍ଲାର ୧୧ ଗୋଟି ପିଏମଶ୍ରୀ ସ୍କୁଲମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ମଡେଲ ପାର୍ଲିଆମେଂଟ ପିଏମଶ୍ରୀ ଓଡ଼ିଶା-୨୦୨୫ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ରଘୁରାମ ଆର. ଆୟର ଜିଲ୍ଲାସ୍ତରୀୟ ମଡେଲ ପାର୍ଲିଆମେଂଟ ପିଏମଶ୍ରୀ ଓଡ଼ିଶା-୨୦୨୫ ପ୍ରତିଯୋଗିତାକୁ ଶୁଭ ଉଦଘାଟନ କରିଥିଲେ । ଏହି ପ୍ରତିଯୋଗିତାରୁ ଚୟନ କରାଯାଇଥିବା ୨ ଜଣ କୃତୀ ପ୍ରତିଯୋଗୀ ୧୨ ଓ ୧୩ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ମଡେଲ ପାର୍ଲିଆମେଂଟ ପିଏମଶ୍ରୀ ଓଡ଼ିଶା-୨୦୨୫ ପ୍ରତିଯୋଗିତାରେ ଭାଗ ନେବେ । ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଧାୟକ, ମହାକାଳପଡ଼ାଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ ଡେରାବିଶ ବ୍ଲକ ଅଧକ୍ଷ। ପ୍ରଭାତୀ ମଲ୍ଲିକ, କେନ୍ଦ୍ରାପଡ଼ା ଉପ ଆରକ୍ଷୀ ଅଧିକ୍ଷକ(ଦୁର୍ନୀତି ନିବାରଣ) ଭାଗ୍ୟଲକ୍ଷ୍ମୀ ପୁହାଣ, ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପବିତ୍ର ମୋହନ ବାରିକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ବଳଦେବ ପ୍ରସାଦ ଜେନା, ପ୍ରକାଶ ପରିଡା, ସେକ ମନସୁର ଅଲ୍ଲୀ ପ୍ରମୁଖ ଶିକ୍ଷା ବିଭାଗ କର୍ମଚାରୀ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁର ରାଜପ୍ରାସାଦର ଅଧ୍ୟୟନ କରିବ ଜିଏମୟୁର ଇତିହାସ ବିଭାଗ

ସମ୍ବଲପୁର,୭/୧୧ (ନି.ପ୍ର): ସମ୍ବଲପୁରର ଅଗ୍ରଣୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ର ଇତିହାସ ବିଭାଗ, ଏନ୍ଏସ୍ଏସ୍ ୟୁନିଟ୍ ଏବଂ ଐତିହ୍ୟ କ୍ଲବ ପକ୍ଷରୁ ଆଜି ସମ୍ବଲପୁରର ସମୃଦ୍ଧ ଇତିହାସର ମୂକସାକ୍ଷୀ ସମ୍ବଲପୁର 'ରାଜପ୍ରାସାଦ' ବା 'ରଜା ବଖରୀ' ସମ୍ପର୍କିତ ଏକ ସମ୍ପ୍ରସାରିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀ ମାନେ ଐତିହ୍ୟ ଦୂତ । ସ୍ୱଚ୍ଛ, ସବୁଜ ଓ ଗୌରବମୟ ଭାରତ ଗଠନ ପାଇଁ ପୂର୍ବ ଐତିହ୍ୟ କୀର୍ତିରାଜୀର ସଂରକ୍ଷଣ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଜିଏମୟୁ ବିକଶିତ ଭାରତ ଅଭିଯାନର ସଂଯୋଜକ ତଥା ବିଭାଗର ମୁଖ୍ୟ ଡ. ଅତୁଲ କୁମାର ପ୍ରଧାନ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ୭୦ରୁ ଅଧିକ ଛାତ୍ରଛାତ୍ରୀ ସାମୁହିକ ସଫେଇ କରିବା ସହ ଆବର୍ଜନା ଅପସାରଣ କରିଥିଲେ । କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍ଘାଟନ କରିଥିଲେ । ସେହିପରି ଐତିହାସିକ କୀର୍ତିରାଜିର ସଂରକ୍ଷଣ ପାଇଁ ଜନସଚେତନତା ସୃଷ୍ଟି ପାଇଁ ଛାତ୍ରଛାତ୍ରୀ ମାନେ ସମ୍ପୃକ୍ତ ପଡାରେ ଜନସମ୍ପର୍କ ସ୍ଥାପନା କରିଥିଲେ । ଗବେଷକ ଦୀପକ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ, ଏହି ଐତିହ୍ୟ ସହ ଅନେକ ଲୁକ୍କାୟିତ ଘଟଣାବଳୀ ଜଡିତ । ଏହାର ନିର୍ମାଣ ଶୈଳୀ ମଧ୍ୟ ଅନନ୍ୟ ଅଟେ । ମାତ୍ର ଏହାର ସଠିକ୍ ସଂରକ୍ଷଣ ହେଉନଥିବାରୁ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଥିବା ନେଇ ଦୁଃଖ ପ୍ରକାଶ କରିଥିଲେ । ପଶ୍ଚିମାଂଚଳ ଏକତା ମଂଚର ସଂଯୋଜକ ଭବାନୀଶଙ୍କର ଭୋଇ, ସମାଜସେବୀ ସନ୍ତୋଷ କୁମାର ବେହେରା ପ୍ରମୁଖ ଜିଏମୟୁର ଏହି ଉଦ୍ୟମକୁ ଉଚ୍ଚ ପ୍ରଂଶସା କରିଥିଲେ ।

# କେନ୍ଦ୍ରାପଡା ଏବଂ ମହାକାଳପଡାରେ ହେବ ରାଷ୍ଟ୍ରୀୟ ଏକତା ପଦଯାତ୍ରା

କେନ୍ଦ୍ରାପଡା,୭/୧୧ (ନି.ପ୍ର): କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ଦୁଇଟି ସ୍ଥାନରେ ହେବ ଲୌହ ମାନବ ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଏକତା ପଦଯାତ୍ରା। ଆସନ୍ତା ୧୦ ନଭେମ୍ବରରେ କେନ୍ଦ୍ରାପଡ଼ା ସଦରମହକୁମା ଏବଂ ୨୦ ତାରିଖରେ ମହାକାଳପଡ଼ାଠାରେ ଏକତା ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳଙ୍କ ସମ୍ମିଳନୀଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଜିଲ୍ଲାପାଳ ରଘୁରାମ ଆର ଆୟର । ଚଳିତ ବର୍ଷ ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟବ୍ୟାପି ତାଙ୍କର ଦେଶପ୍ରେମ,ଏକତା ଏବଂ ସେବା ମନୋଭାବକୁ ସ୍ମରଣ କରିବା ଉଦ୍ଦେଶ୍ୟ ନେଇ ରାଜ୍ୟବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲ୍ଲା ପକ୍ଷରୁ ଏକତା ପଦଯାତ୍ରା ଆୟୋଜନ କରାଯାଉଛି। ୧୦ ତାରିଖ ଦିନ କେନ୍ଦ୍ରାପଡ଼ା ସଦରମହକୁମା ଠାରେ ପଦଯାତ୍ରା ସକାଳ ୮ଟା ରେ କେନ୍ଦ୍ରାପଡ଼ା ସ୍ୱଂୟଶାସିତ ମହାବିଦ୍ୟାଳୟରୁ ବାହାରି ତିନିମୁହାଣୀ-ଗରାପୁର ଡାକ ବଙ୍ଗଳା ଛକ -କେନ୍ଦ୍ରାପଡ଼ା ହାଇସ୍କୁଲ -ନୁଆ ବସଷ୍ଟାଣ୍ଡ ଦେଇ ପୁଣି ସ୍ୱଂୟଶାସିତ ମହାବିଦ୍ୟାଳୟରେ ପହଂଚିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେବେ। ସେହିପରି ୨୦ ନଭେମ୍ବରରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ସ୍ଥିତ ପଦଯାତ୍ରା, ଅଙ୍ଗୁଳାଇ ବିଦ୍ୟାଳୟ ନିକଟରୁ ବାହାରି ପସ୍ତା -ବୀଣାପାଣି ଛକ ଦେଇ ଅଳିଆଠାରେ ସମାପନ ହେବ। ଏହି ପଦଯାତ୍ରାରେ ମହାକାଳପଡ଼ା ବିଧାୟକ ଡ଼ଃ. ଦୁର୍ଗାପ୍ରସନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗେ ଦେବେ। ପଦଯାତ୍ରା କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ ଏବଂ ରଙ୍ଗୋଲି କାର୍ଯ୍ୟକ୍ରମ ରହିଛି। ଏହି ପଦଯାତ୍ରାରେ ସମାଜର ସମସ୍ତ ବର୍ଗ ଏଥିରେ ସାମିଲ ହୋଇ ରାଷ୍ଟ୍ର ଗଠନ, ଏକତାକୁ ସୁଦୃଢ଼ କରି ଏକ ଭାରତ ଏବଂ ଆତ୍ମ ନିର୍ଭର ଭାରତ ଗଠନରେ ସାମିଲ ହେବାପାଇଁ ଅନୁରୋଧ କରାଯାଇଛି। ପଦଯାତ୍ରାରେ ସ୍ୱଦେଶ ଏବଂ ଆଂଚଳିକ ଦ୍ରବ୍ୟର ସ୍ଥାନେ ସ୍ଥାନେ ଷ୍ଟଲ ରହିବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ମାଇଁ ଭାରତ ସଂଯୋଜକ ତିରୁପତି ଗଲୁ ରେଡ୍ଡୀ ସମେତ ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ।

# ଦେଶି ମଦ ଚାଲାଣ ବେଳେ ଚଢାଉ: ଜଣେ ଗିରଫ

ଜୟପୁର,୭/୧୧ (ନି.ପ୍ର): ଦେଶି ମଦ ଚାଲାଣ ହେଉଥିବା ସୁଚନା ପାଇ ଜୟପୁର ଅବକାରି ଥାନା ଚଢାଉ କରି ଜଣେ ମହିଳା ଅଭିଯୁକ୍ତ କୁ ଗିରଫ କରିଛି। ସୁଚନା ଅନୁଯାଇ ଦେଶି ମଦ ଚାଲାଣ ସୁଚନା ପାଇ ଜୟପୁର ଅବକାରି ଥାନା ହଦଲି ରାସ୍ତାରେ ଚଢାଉ କରି ୮.୪ ଲିଟର ଦେଶି ମଦ ଜବତ କରିଛି। ଗିରଫ ମହିଳା ଅଭିଯୁକ୍ତକୁ ଆଜି ସଂଧ୍ୟା ୫ଟାରେ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶରି ହରିନ ସୁଚନା ଦେଇଛନ୍ତି।

# ଭାରତୀୟ ମହିଳା କ୍ରିକେଟ ଟିମ୍‌ର ବିଶ୍ୱ ବିଜୟ ପାଇଁ ବିଜୟ ଦିବସ ପାଳନ

ବଲାଙ୍ଗିର,୭/୧୧ (ନି.ପ୍ର): ରାଷ୍ଟ୍ର ନିର୍ମାଣରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ, କାରଣ ପରିବାରର ପରିଚାଳନା କରିବା ସହ ଶିକ୍ଷା, ଖେଳ ଜଗତ, ରାଜନୀତି, ଅର୍ଥଶାସ୍ତ୍ର ଓ ସମାଜସେବା ପରି ସମସ୍ତ କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି । ଗୋଟିଏ ମା ରୂପରେ ଜଣେ ମହିଳା ଶିଶୁକୁ ଉପଯୁକ୍ତ ସଂସ୍କାର ଦିଏ, ଗୋଟିଏ ପତ୍ନୀ ରୂପରେ ସେ ପରିବାରକୁ ସହଯୋଗ କରିଥାଏ ଓ ଗୃହିଣୀ ରୂପେ ଅର୍ଥ ବ୍ୟବସ୍ଥାରେ ଯୋଗଦାନ କରିଥାଏ । ଖେଳ ଜଗତରେ ବି ଆମ ଦେଶର ଝିଅମାନେ ସୁନାମ ଅର୍ଜନ କରିଛନ୍ତି । ଭାରତୀୟ ମହିଳା ଟିମ୍ ପ୍ରଥମ ରଥ ବିଶ୍ୱ ବିଜେତା ହୋଇ ଇତିହାସ ସୃଷ୍ଟି କରିଛି । ସୁନା ଝିଅଙ୍କ ଉପଲବ୍ଧି ଦେଶର ଇତିହାସରେ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ । ଭାରତୀୟ ମହିଳା କ୍ରିକେଟ ର ବିଶ୍ୱ ବିଜୟ ପାଇଁ ସ୍ୱାତି ସୁପର ସ୍ପେସାଲିଟି କ୍ଲିନିକ୍ ଏବଂ ବୈଭବ ମଲଟି ସ୍ପେସାଲିଟି କ୍ଲିନିକ୍ ତରଫରୁ ରାଧାରାଣୀପଡା ସ୍ଥିତ ସ୍ୱାତି ସୁପର ସ୍ପେସାଲିଟି କ୍ଲିନିକ୍ ପରିସରରେ କ୍ଲିନିକ୍ ର ମାଲିକ ମୁନା ଗୋୟଲ ଗୋଟିଏ ସୁନ୍ଦର ବିଜୟ ଦିବସ ପାଳନ କରିଥିଲେ ଓ ଏହି ଅବସରରେ କହିଲେ ଯେ, ଆମ ଦେଶର ସୁନା ଝିଅମାନେ ତାଙ୍କର ଲୁକ୍କାୟିତ ପ୍ରତିଭାକୁ ଉଜାଗର କରି ଦେଶର ପ୍ରଗତିରେ ସହଭାଗିତା ଦେବାରେ ଅଗ୍ରଣୀ ହୋଇଛନ୍ତି ଆଉ ଦେଶ ପାଇଁ ଗୌରବ ଆଣିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାରୱାଡି ମହିଳା ସମ୍ମେଳନର ଅଧକ୍ଷା ଲକ୍ଷ୍ମୀ ଅଗ୍ରୱାଲ ଉପସ୍ଥିତ ରହି ଭାରତୀୟ ମହିଳା କ୍ରିକେଟ ଖେଳାଳୀଙ୍କୁ ଶୁଭକାମନା ଦେଇ କହିଥିଲେ ଯେ, ସେମାନେ ଦେଶ ପାଇଁ ଗୌରବ ଆଣିଛନ୍ତି । ନାରୀମାନେ କୌଣସି କ୍ଷେତ୍ରରେ କମ ନୁହଁନ୍ତି, ଆଜି ଭାରତର ସର୍ବୋଚ୍ଚ ଆସନରେ ଜଣେ ନାରୀ ଆସୀନ ହୋଇଛନ୍ତି । ଏହି ସଭାକୁ ବଳରାମ ମିଶ୍ର ପରିଚାଳନା କରିଥିଲେ ।

# ବେଆଇନ ବୃକ୍ଷ ଛେଦନରେ ଏଣିକି ଲାଗିବ କଟକଣା

ସମ୍ବଲପୁର/ନୂଆପଡ଼ା,୭/୧୧ (ନି.ପ୍ର): ପ୍ରକୃତିର ବୃକ୍ଷରାଜି ମଧ୍ୟରେ ବର ଓ ଓଶ୍ୱସ୍ତ ଗଛର ଅନେକ ଔଷଧୀୟ ଗୁଣ ରହିଛି। ଏହା ପରିବେଶ ରକ୍ଷା ଓ ସନ୍ତୁଳନ ରକ୍ଷାରେ ଅନେକ ଉପକାର କରିଥାଏ। କିନ୍ତୁ ବିକାଶ ନା ରେ ଏହି ଗଛ ଗୁଡ଼ିକକୁ ମନ ମୁଖୀ କାଟି ଦିଆଯାଉଛି। ଏଭଳି ଗଛର ସୁରକ୍ଷା ପାଇଁ ରୁଜୁ ହୋଇଥିବା ମାମଲାକୁ କଟକ ହାଇକୋର୍ଟ ଗୁରୁତ୍ୱର ସହ ନେଇଛନ୍ତି।
ଏହି ଗଛକୁ କଟାନଯାଇ କିପରି ସୁରକ୍ଷିତ କରାଯାଇ ପାରିବ ସେ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। ବୁର୍ଲା ଅଂଚଳର ଡ. ମମତା ଶୁକ୍ଲା ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣୀ ଆଜି ନଭେମ୍ବର ୬କୁ ଧାର୍ଯ୍ୟ ହୋଇଛି ।
ଆବେଦନ କାରିଣୀ ଡ. ମମତା ଶୁକ୍ଲା ପିଟିସନରେ ଦର୍ଶାଇଛନ୍ତି ଯେ ବୁର୍ଲା ସହରରେ ରାସ୍ତା ପ୍ରଶସ୍ତିକରଣ ନାମରେ ବ୍ୟାପକ ସଂଖ୍ୟାରେ ବରଗଛ, ଓସ୍ତ ଗଛ ଏବଂ ଅନ୍ୟାନ୍ୟ ଗୁଡ଼ାଏ ଗଛ କାଟି ଦିଆଗଲା। ବର ଓ ଓଶ୍ୱସ୍ତ ଗଛ କେବଳ ଛାଇ ପ୍ରଦାନ କରି ନ ଥାଏ। ଏହା ଅନେକ ପକ୍ଷୀଙ୍କ ବାସସ୍ଥଳୀ ମଧ୍ୟ। ଗୋଟିଏ ଗୋଟିଏ ବରଗଛର ଆୟୁଷ ଶହେରୁ ଅଧିକ ବର୍ଷ। ଏହି ଗଛ ପରିବେଶର ଅନେକ ଉପକାର କରିଥାନ୍ତି। ଗୋଟେ ବରଗଛ ଓ ଓସ୍ତ ଯେତିକି ଅମ୍ଳଜାନ ପ୍ରଦାନ କରିଥାଏ ଛୋଟ ଛୋଟ ୫୦ ଟି ଗଛ ମଧ୍ୟ ବୋଧେ ସେତିକି ଅମ୍ଳଜାନ ଦେବାକୁ ସକ୍ଷମ ହୋଇ ନଥାନ୍ତି। କିନ୍ତୁ ବିଭିନ୍ନ ପ୍ରକଳ୍ପ ନିର୍ମାଣ ନା ରେ ଏହି ସବୁ ୫୦ ରୁ ୧୦୦ ବର୍ଷର ଗଛ କୁ କାଟି ଦିଆଯାଉଛି। ଯଦି ଏହିଭଳି ଗଛଟାଏ ପୁଣିଥରେ ଉଠାରି ବାକୁ ଚାହିଁ ବେ ତାହେଲେ ୫୦ ରୁ ୧୦୦ ବର୍ଷ ଅପେକ୍ଷା କରିବାକୁ ପଡିବ। ତେଣୁ ଏହି ଭଳି ଗଛ ଗୁଡ଼ିକକୁ କଟା ନ ଯାଇ ବିକଳ୍ପ ବ୍ୟବସ୍ଥା କଥା ଚିନ୍ତା କରିବାର ଆବଶ୍ୟକତା ରହିଛି। ମାନ୍ୟବର ଉଚ୍ଚନ୍ୟାୟାଳୟ ମାମଲାକୁ ବିଚାର ପାଇଁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଆବେଦନ କାରିଣୀ ଡ. ମମତା ଶୁକ୍ଲା ପ୍ରାର୍ଥନା କରିଥିଲେ। ହାଇକୋର୍ଟ ମାମଲାକୁ ଗୁରୁତ୍ୱ ର ସହ ଗ୍ରହଣ କରି ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ଙ୍କୁ ନିଯୁକ୍ତି କରିଛନ୍ତି । ଏଥି ସହିତ ରାଜ୍ୟ ସରକାର ଙ୍କୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି ।ଏହି ବିଷୟକୁ ନେଇ ବୁର୍ଲାରେ ପ୍ରତିକ୍ରିୟା ଦେଖାଦେଇଥିବା ବେଳେ ପରିବେଷବିତଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି ହୋଇଛି।

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ

ଜୟପୁର ,୭/୧୧ (ନି.ପ୍ର): ୨୦୨୨ ମସିହାରୁ ଆରମ୍ଭ ହୋଇଛି ମାଣ୍ଡିଆ ଦିବସ।ମାର୍ଗଶୀର ମାସ ପ୍ରଥମ ଗୁରୁବାରକୁ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ହିତକର ପୁଷ୍ଟିଶସ୍ୟର ବହୁଳ ପ୍ରଚାର ଏବଂ ବ୍ୟବହାର ଏହାର ମୂଳ ଲକ୍ଷ୍ୟ ।ଆଜି ହେଉଛି ମାର୍ଗଶୀର ମାସର ପ୍ରଥମ ଗୁରୁବାର। ଏଥି ପାଇଁ କୋରାପୁଟ ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ଜିଲ୍ଲାରେ ୩୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ମାଣ୍ଡିଆ ଚାଷ କରୁଛନ୍ତି ।ନୂତନ ପ୍ରଣାଳୀରେ ଚାଷ କରି କିପରି ଉତ୍ପାଦନ ବୃଦ୍ଧି ହେବ ସେଥି ନିମନ୍ତେ ଚାଷୀ ମାନଙ୍କୁ ତାଲିମ ଦିଆହେଉଛି। କୋରାପୁଟ ଜିଲ୍ଲାରେ ୨.୫ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ଉତ୍ପାଦନ ହେଉଥିବା ଜିଲ୍ଲାପାଳ କହିଛନ୍ତି ।ସମସ୍ତ ଜନସାଧାରଣ ମାଣ୍ଡିଆକୁ ନିତିଦିନ ଖାଦ୍ୟ ରୁପେ ବ୍ୟବହାର କରିବାକୁ ସେ ନିବେଦନ କରିଛନ୍ତି ।ଏହାଦ୍ୱାରା ନିଜ ନିଜର ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ ଚାଷୀ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ୧୨ ଜଣ ପ୍ରଗତିଶୀଳ ଚାଷୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ମାଣ୍ଡିଆ ରାଣୀ ଡ. ରାଇମତି ଘିଉରିଆ , ସିଡ୍ ଗାର୍ଲ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଆରଆରଟିଏସର ଡ.ପର୍ଶୁରାମ ସିଆଲ, କେଭିକେର ବୈଜ୍ଞାନିକ ଡ. ସୁନୀତା ଦଣ୍ଡସେନା ଯୋଗଦେଇ ତଥ୍ୟଭିତ୍ତିକ ରିପୋର୍ଟ ଉପସ୍ଥାପନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଏଡିପିଏଚଓ ଡାକ୍ତର ନୀଳ ମାଧବ ଶତପଥି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ସତ୍ୟ ନାରାୟଣ ଦାଶ, ନାରାୟଣପାଟଣା କୃଷି ଜିଲ୍ଲା ଅଧିକାରୀ ସନ୍ତୋଷ ଦଳବେହେରା, ଏଡିଏଚ ପୂର୍ଣ୍ଣଜୟ ପାଣିଗ୍ରାହୀ, ଟିଡିକଲ ର ଆଶୁତୋଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।ଏହି ଅବସରରେ ଆୟୋଜିତ ମିଲେଟ ପ୍ରଦର୍ଶନୀ ମେଳା ଜିଲ୍ଲାପାଳଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା

# ନବୀନ ପଟ୍ଟନାୟକଙ୍କ ରାଲି ଏବଂ ଜନସଭାରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

ସମ୍ବଲପୁର/ନୂଆପଡ଼ା,୭/୧୧ (ନି.ପ୍ର): ଏକ ସଶକ୍ତ ଓ ସୁଦୃଢ଼ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ନିର୍ବାଚନ ମେରୁଦଣ୍ଡ ସଦୃଶ। ନିର୍ବାଚନ ମୁକ୍ତ, ଅବାଧ ଓ ନିରପେକ୍ଷ ହେବା ଉଚିତ, ଯାହା ଗଣତନ୍ତ୍ର ପାଇଁ ଶୁଭଙ୍କର ଅଟେ। କିନ୍ତୁ ଦୁଃଖର ବିଷୟ ବିଜୁ ଜନତା ଦଳ ୨୫ବର୍ଷ ଓଡ଼ିଶାକୁ ଶାସନ କରିଥିଲେ ମଧ୍ୟ ନିର୍ବାଚନ ସମୟରେ ଅଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ପାରହେବା ପାଇଁ ଅପଚେଷ୍ଟା ଚଳାଇଛି। ନିର୍ବାଚନ ହାରିବା ଭୟରେ ଶାସକ ଦଳ ନିଜର ହିତାହିତ ଜ୍ଞାନ ହରାଇବସିଛି। ଶେଷରେ ବିଜେଡିର ଶେଷ ଭରସା କୁନି କୁନି ପିଲା ସାଜିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆପଡା ନିର୍ବାଚନମଣ୍ଡଳୀ ନିର୍ବାଚନୀ ପ୍ରଚାର ଅବସରରେ ନିର୍ବାଚନ ଆଚରଣ ବିଧିର ଉଲ୍ଲଘନ ହେବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ନବୀନ ବାବୁଙ୍କୁ ସ୍ୱାଗତ ଜଣାଇବା ପାଇଁ କୋମନା ବ୍ଲକର ତରାବୋଡା ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ନେତାମାନେ କୋମଳମତି ଛୋଟ ଛୋଟ ପିଲାଙ୍କୁ ବ୍ୟବହାର କରିଥିଲେ। ଛୋଟ ଛୋଟ ପିଲାମାନେ ବିଜେଡିର ଦଳୀୟ ପତକା, ପୋଷାକ ପରିଧାନ କରି ସ୍ଲୋଗାନ ଦେଉଥିବାର ଦୃଶ୍ୟ ଗଣମାଧ୍ୟମ ତଥା ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ଶିଶୁ ସୁରକ୍ଷା ଆଇନର ଖୋଲାଖୋଲି ଉଲ୍ଲଂଘନ କରିଛି ବିଜେଡି। ଏହା ସଂପୂର୍ଣ୍ଣ ଭାବେ ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ। ଯାହାର ଭିଡିଓ ଓ ଫଟୋକୁ ନେଇ ତଥ୍ୟ ସହିତ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏଥିରେ ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ବିହୀତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ପ୍ରତିନିଧିମଣ୍ଡଳ ଦାବୀ କରିଛି ବୋଲି ବରିଷ୍ଠ ବିଜେପି ନେତା ଗୋଲକ ମହାପାତ୍ର କହିଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ସଂଯୋଜିକା ସୁଜାତା ପାଢୀ, ତୃପ୍ତିମୟୀ ମକଦ୍ଦମ ପ୍ରମୁଖ ଉପସ୍ଥିତ ଥିଲେ।

# ଦରକାର ପଡ଼ିବନି ଦାମୀ କସ୍‌ମେଟିକ୍: ଉଜ୍ଜ୍ୱଳ ତ୍ୱଚା ପାଇଁ ବ୍ୟବହାର କରନ୍ତୁ ନଡ଼ିଆ ତେଲ





ତ୍ୱଚା ପାଇଁ ଆଜିକାଲିକା ସମୟରେ ଲୋକେ ହଜାର ହଜାର ଟଙ୍କା ବ୍ୟୟ କରୁଛନ୍ତି। ତା ସତ୍ତ୍ୱେ ବି ଅଧିକାଂଶ ଜିନିଷର କୌଣସି ଫଳାଫଳ ମିଳୁନାହିଁ। ତ୍ୱଚାରେ କୌଣସି ବି ପରିବର୍ତ୍ତନ ଦେଖିବାକୁ ମିଳିନଥାଏ। ହେଲେ ଏମିତି ଏକ ସାଧାରଣ ଜିନିଷ ଅଛି, ଯାହା ତ୍ୱଚା ପାଇଁ ଖୁବ୍ ? ଭଲ। ସେଇଟି ହେଉଛି ନଡ଼ିଆ ତେଲ। ନଡ଼ିଆ ଏକ ଏପରି ଫଳ ଯାହାର ଅନେକ ସୁଫଳ ଅଛି। ନଡ଼ିଆ ଖାଇବା ଯେପରି ଭଲ ତାହା ପାଣି ମଧ୍ୟ ପେଟ ପାଇଁ ଖୁବ୍ ଭଲ। ତା'ଠାରୁ ଆହୁରି ଭଲ ନଡ଼ିଆ ତେଲ। ତ୍ୱଚା ଓ କେଶ ପାଇଁ ଏହା ଔଷଧ ପରି। ନଡ଼ିଆରେ ଭିଟାମିନ୍-ସି, ଭିଟାମିନ୍-ଇ ଏବଂ ବି-ଭିଟାମିନ୍ ରହିଛି। ପଟାସିୟମ୍, ମ୍ୟାଗ୍ନେସିୟମ୍, କ୍ୟାଲ୍‌ସିୟମ୍, ଆଇରନ୍, ଜିଙ୍କ୍, କପର, ମ୍ୟାଗାନିଜ୍ ଏବଂ ସେଲେନିୟନ୍ ପରି ପୋଷକ ତତ୍ୱ ରହିଛି। ସେଥିପାଇଁ ନଡ଼ିଆ ଓ ନଡ଼ିଆ ପାଣି ପରି ତାହା ତେଲକୁ ଶରୀର ପାଇଁ ଖୁବ୍ ଉପକାରୀ। ନଡ଼ିଆ ତେଲ ଆପଣଙ୍କ ଚେହେରା ପାଇଁ କୌଣସି ବରଦାନଠୁ କମ୍ ନୁହେଁ। ଏହା ଚେହେରାର ଚମକ ଆଣିବା ସହ ମୁହଁରେ ଥିବା ବ୍ରଣ ଦାଗକୁ ସଫା କରିବାରେ ସହାୟକ ହୋଇଥାଏ। ନଡ଼ିଆ ତେଲରେ ଭିଟାମିନ୍ ଓ ଏବଂ ଆଣ୍ଟି ଅକ୍ସିଡାଣ୍ଟ୍ ରହିଛି। ଯାହାକୁ ଦାଗ ଚଡ଼ାଇବାରେ ସାହାଯ୍ୟ କରେ। ଏହା ତ୍ୱଚାକୁ ଟାଇଟ୍ ମଧ୍ୟ କରେ। ଯୁବା ଦିଶିବାକୁ ଚାହୁଁଥିଲେ ବି ଆପଣ ଏହାକୁ ବ୍ୟବହାର କରିପାରନ୍ତି।

# ଏମିତି ମର୍ଣ୍ଣିଂ ୱାକ କରନ୍ତୁ: ମିଳିବ ସର୍ବାଧିକ ଫାଇଦା

ଆଜିର ସମୟରେ ସାଧାରଣତଃ ସମସ୍ତେ ଫିଟ ରହିବାକୁ ପସନ୍ଦ କରନ୍ତି। ତେଣୁ ମର୍ଣ୍ଣିଂ ୱାକ ସାଧାରଣତଃ ସମସ୍ତଙ୍କ ଜୀବନର ଏକ ଅଂଶ ରହିଛି। ମାତ୍ର ଏହାକୁ କରିବାର ସଠିକ ଉପାୟ ଅଧିକ ଲୋକଙ୍କୁ ଜଣା ନ ଥାଏ। ମର୍ଣ୍ଣିଂ ୱାକ ଶରୀରର ପାଚନ ପ୍ରକ୍ରିୟାକୁ ତ୍ୱରିତ କରିଥାଏ ଯାହା ଫଳରେ ଶରୀର ରୋଗମୁକ୍ତ ରହିଥାଏ। ଏହା ସହିତ ଜୀବନ ଧାରଣ କାରଣରୁ ସୃଷ୍ଟି ହେଉଥିବା ମେଦ ବହୁଳତା ଓ ଡାଇବେଟିସ ପରି ରୋଗକୁ ମଧ୍ୟ ଏହା ନିୟନ୍ତ୍ରଣରେ ରଖିଥାଏ।

ତେବେ ମର୍ଣ୍ଣିଂ ୱାକ କରିବା ସମୟରେ ଲୋକ ମାନେ କିଛି ସାଧାରଣ ନିୟମକୁ ମାନି ନଥାନ୍ତି। ଫଳରେ ଏହାର ସମ୍ପୂର୍ଣ୍ଣ ଫାଇଦା ମିଳି ନଥାଏ। ମର୍ଣ୍ଣିଂ ୱାକ କରିବା ସମୟରେ କଣ ନିୟମ ମାନିବା ଉଚିତ, ଚାଲିବାର ବେଗ କଣ ରହିବା ଉଚିତ ଓ କିପରି ଚାଲିବା ଉଚିତ ଆସନ୍ତୁ ଜାଣିବା....

ମର୍ଣ୍ଣିଂ ୱାକ ସମୟରେ ନିଜ ଶ୍ୱାସ ପ୍ରଶ୍ୱାସ ଓ ଚାଲିବାର ବେଗ ଉପରେ ଧ୍ୟାନ ଦେବାକୁ ପଡିଥାଏ। ମର୍ଣ୍ଣିଂ ୱାକ ସମୟରେ ପ୍ରଥମେ ଧୀରେ ଧୀରେ ଚାଲିବା ସହ ଶ୍ୱାସ ଉପରେ ଧ୍ୟାନ ଦେବ ଉଚିତ। ଧୀରେ ଧୀରେ ଚାଲିବାର ଗତି ବଢାଇବା ସହିତ ଶ୍ୱାସ ପ୍ରଶ୍ୱାସ କିଭଳି ରହୁଛି ଏହାକୁ ମନିଟର କରିବା ଉଚିତ। ମର୍ଣ୍ଣିଂ ୱାକରେ ଜଣେ ୧୩ ମିନିଟରୁ ଓ ୨୦ ମିନିଟ ମଧ୍ୟରେ ୧ ମାଇଲ ଚାଲିବା ଉଚିତ। ଏପରି ବେଗରେ ଚାଲିବା ଦ୍ୱାରା ମର୍ଣ୍ଣିଂ ୱାକର ବାସ୍ତବ ଫାଇଦା ମିଳିଥାଏ। ଓଜନ ହ୍ରାସ ଓ ରକ୍ତ ଶର୍କରା (ଡାଇବେଟିସ) ନିୟନ୍ତ୍ରଣରେ ଏହା ସାହାଯ୍ୟ କରିଥାଏ। ମେଦବହୁଳତା ରୋଗରେ ପୀଡିତ ବ୍ୟକ୍ତି ମାନଙ୍କ ପାଇଁ ମଧ୍ୟ ଏହା ବେଶ ସହାୟକ ହୋଇଥାଏ। ମର୍ଣ୍ଣିଂ ୱାକରେ ଯାଉଥିଲେ ଦୈନିକ ୨୦-୩୦ ମିନିଟ ଚାଲିବା ଉଚିତ।



ସପ୍ତାହରେ ୫ ଦିନ ଯଦି ଜଣେ ଦୈନିକ ୨୦-୩୦ ମିନିଟ ଚାଲନ୍ତି ତେବେ ଏହା ବାସ୍ତବରେ ଫାଇଦା ପ୍ରଦାନ କରିଥାଏ। ଏହା ଠାରୁ କମ୍ ଚାଲୁଥିଲେ ଏହା ଆମର ଶାରୀରିକ ପ୍ରକ୍ରିୟା ଉପରେ ବିଶେଷ ପ୍ରଭାବ ପକାଇ ନଥାଏ।

# ଏହି ଦିଗକୁ ଗୋଡକରି ଶୋଉଛନ୍ତି କି... ପଡିବ ନକରାତ୍ମକ ପ୍ରଭାବ

**ଶରୀରକୁ ରିଲାକ୍ସ ଦେବା ଓ ସୁସ୍ଥ ଜୀବନ ଜୀଇବା ପାଇଁ ଶୋଇବା ଜରୁରୀ। ପ୍ରତ୍ୟେକ ମଣିଷ ଶୋଉଥିଲେ ମଧ୍ୟ ଅନେକ ଏହାର ଠିକ୍ ଉପାୟ ଜାଣନ୍ତି ନାହିଁ। ତେବେ ଏବେ ପ୍ରଶ୍ନ ହେଉଛି ଶୋଇବାର ଉପଯୁକ୍ତ ଉପାୟ କ'ଣ ? କେଉଁ ଦିଗକୁ ଗୋଡ କରି ଶୋଇବା ଉଚିତ୍ ନୁହେଁ ? ଆସନ୍ତୁ ଜାଣିବା।**



ବାସ୍ତୁଶାସ୍ତ୍ର ଅନୁସାରେ, ଯଦି ଜଣେ ବ୍ୟକ୍ତି ନିଜ ପାଦକୁ ଭୁଲ ଦିଗରେ ରଖି ଶୋଇଥାଏ, ତେବେ ତାଙ୍କ ଶରୀରରୁ ସମସ୍ତ ଶକ୍ତି ବାହାରିଯାଏ, କାରଣ ଭୁଲ ଦିଗରେ ପାଦ ରଖି ଶୋଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡେ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ଦକ୍ଷିଣ ଆଡକୁ ପାଦ ରଖି ଶୋଇବା ଉଚିତ ନୁହେଁ। ଦକ୍ଷିଣ ଦିଗକୁ ଯମଦୂତ, ଯମ ଏବଂ ନକାରାତ୍ମକ ଶକ୍ତିର ଦିଗ ଭାବରେ ବିବେଚନା କରାଯାଏ, ତେଣୁ ଏହି ଦିଗକୁ ପାଦ ରଖି ଶୋଇବା ଉଚିତ ନୁହେଁ। ବାସ୍ତୁଶାସ୍ତ୍ର ଅନୁସାରେ, ଜଣେ ବ୍ୟକ୍ତି ପୂର୍ବ ଦିଗକୁ ମଧ୍ୟ ଗୋଡ କରି ଶୋଇବା ଉଚିତ ନୁହେଁ। ଏହା ବ୍ୟତୀତ, ପଶ୍ଚିମ ଦିଗକୁ ମୁଣ୍ଡ କରି ଶୋଇବା ମଧ୍ୟ ଉଚିତ ନୁହେଁ। ଏହା ଶରୀର ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଇଥାଏ। ବାସ୍ତୁଶାସ୍ତ୍ରରେ କୁହାଯାଇଛି ଯେ ଯଦି ଜଣେ ବ୍ୟକ୍ତି ପୂର୍ବ କିମ୍ବା ଦକ୍ଷିଣ ଆଡକୁ ପାଦ ରଖି ଶୋଇଥାଏ ତେବେ ତାଙ୍କ ମନରେ ନକାରାତ୍ମକ ଚିନ୍ତାଧାରା ଏବଂ ଭୟାନକ ସ୍ୱପ୍ନ ଆସେ। ଏହା ବ୍ୟତୀତ ଲୋକମାନେ ନିରାଶା ଏବଂ ଭୟର ଶିକାର ହୁଅନ୍ତି। ବାସ୍ତୁବୀତଙ୍କ ମତରେ, ଜଣେ ବ୍ୟକ୍ତି ଉତ୍ତର ଦିଗକୁ ପାଦ ଦେଇ ଶୋଇବା ଦ୍ୱାରା ସୁଖ, ସମୃଦ୍ଧି, ଶାନ୍ତି, ଆର୍ଥିକ ଲାଭ ପାଇବା ସହିତ ଆୟୁ ବୃଦ୍ଧି ହୁଏ। ଏହା ବ୍ୟତୀତ ପୂର୍ବ ଆଡକୁ ମୁଣ୍ଡ କରି ଶୋଇବା ଦ୍ୱାରା ଜ୍ଞାନ ପ୍ରାପ୍ତ ହେବାରେ ସାହାଯ୍ୟ ମିଳେ।

# ସ୍କୁଲ୍ ଯିବାକୁ ଆପଣଙ୍କ ପିଲା କାନ୍ଦୁଛି କି... ଏମିତି କରନ୍ତୁ, ଖୁସିରେ ଖୁସିରେ ସ୍କୁଲ୍ ଯିବ

**ଅନେକ ସମୟରେ ପିଲାମାନେ ସ୍କୁଲ୍ ଯିବା ବେଳେ କାନ୍ଦନ୍ତି। ଏହା ଭାବପ୍ରବଣ ଚିନ୍ତାର ସଙ୍କେତ ହୋଇପାରେ। ଅନେକ ପିଲାମାନେ ଏକ ପ୍ରକାର ଭୟ, ଏକୁଟିଆ କିମ୍ବା ପରିବର୍ତ୍ତନ ହେତୁ ବିଦ୍ୟାଳୟକୁ ଯିବା ପୂର୍ବରୁ ମାନସିକ ଚାପ ଅନୁଭବ କରିବା ଆରମ୍ଭ କରନ୍ତି, ସେଥିପାଇଁ ମଧ୍ୟ ସେମାନେ କାନ୍ଦନ୍ତି। ଏପରି ପରିସ୍ଥିତିରେ ରାତିରେ ସେମାନଙ୍କର ନିଦ ହଜିଯାଏ। ଏଭଳି ପରିସ୍ଥିତିରେ ବାପାମାମାନେ ନିଜ ପିଲାମାନଙ୍କ ଭାବପ୍ରବଣତାକୁ ବୁଝିବା ଏବଂ ସେମାନଙ୍କୁ ସାହାଯ୍ୟ କରିବା ଜରୁରୀ। ଆପଣ କିଛି ସହଜ ଏବଂ ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି ସେମାନଙ୍କର ଭାବପ୍ରବଣ ଚିନ୍ତା ହ୍ରାସ କରିପାରିବେ, ଯାହା ଦ୍ୱାରା ସେମାନେ ଖୁସିରେ ସ୍କୁଲ୍‌କୁ ଯିବେ ଏବଂ ମନରେ ଦୃଢତା ଅନୁଭବ କରିବେ।**



*ସକରାତ୍ମକ କଥାବାର୍ତ୍ତା:*

ପିଲାମାନଙ୍କ ସହିତ ଶାନ୍ତ ଭାବରେ କଥା ହୁଅନ୍ତୁ ଏବଂ ତାଙ୍କ ଚିନ୍ତାଧାରା ବୁଝିବାକୁ ଚେଷ୍ଟା କରନ୍ତୁ। ତାଙ୍କ ଭୟକୁ ଅଣଦେଖା କରନ୍ତୁ ନାହିଁ, ବରଂ ତାଙ୍କୁ କୁହନ୍ତୁ ଯେ ପ୍ରତ୍ୟେକ ପିଲାଙ୍କର କିଛି ନା କିଛି ଡର ଥାଏ, କିନ୍ତୁ ଏହାକୁ ଦୂର କରିବାର ଏକ ଉପାୟ ଅଛି।

*ରୁଟିନ୍ ସୃଷ୍ଟି କରନ୍ତୁ:*

ଆପଣଙ୍କ ପିଲାଙ୍କ ଦୈନନ୍ଦିନ କାର୍ଯ୍ୟକୁ ସରଳ ଏବଂ ନିୟମିତ ରଖନ୍ତୁ। ତାଙ୍କୁ ପ୍ରତିଦିନ ସମାନ ସମୟରେ ବିଦ୍ୟାଳୟକୁ ପଠାନ୍ତୁ, ଯାହାଫଳରେ ସେମାନେ ଧୀରେ ଧୀରେ ଆଡଜଷ୍ଟ ହୋଇପାରିବେ ଏବଂ ଭୟ ତାଙ୍କ ମନରୁ ଦୂରେଇ ଯିବ। ଯଦି ଆପଣ ଏହାକୁ ପଠାଇବେ ନାହିଁ, ତେବେ ଏହା ସ୍ୱାଭାବିକ ହେବା ତାଙ୍କ ପାଇଁ ଅଧିକ କଷ୍ଟସାଧ ହେବ।

*ପ୍ରେରଣା ଦିଅନ୍ତୁ:*

ପିଲାଙ୍କୁ କୁହନ୍ତୁ ଯେ ତାଙ୍କ ଶିକ୍ଷକ ତାଙ୍କୁ ବିଦ୍ୟାଳୟରେ କେତେ ମିସ୍ କରିବେ, ତାଙ୍କର କେତେ ସାଙ୍ଗ ହେବେ, ବିଭିନ୍ନ ଖେଳ ହେବ ଏବଂ ନୂଆ ଜିନିଷ ଶିଖିବାକୁ ମିଳିବ। ଏହା ତାଙ୍କ ଚିନ୍ତାକୁ କମ୍ କରିବ ଏବଂ ସେମାନେ ଖୁସିରେ ସ୍କୁଲ୍ ଯିବେ।

*ଧୈର୍ଯ୍ୟବାନ ହେବା:*

ପିଲାମାନଙ୍କୁ ଆଡଜଷ୍ଟ୍ ହେବା ପାଇଁ କିଛି ସମୟ ଦିଅନ୍ତୁ। ଅନ୍ୟମାନଙ୍କ ସାମ୍ନାରେ ଗାଳି ଦେବା ଏବଂ ଆକ୍ରମଣାତ୍ମକ ହେବା ଠାରୁ ଦୂରେଇ ରୁହନ୍ତୁ। ସେମାନଙ୍କୁ ହସଖୁସିରେ କୁହନ୍ତୁ ଯେ, ସ୍କୁଲ ସରୁ ସରୁ ତାଙ୍କୁ ନେବାକୁ ଆସିବେ, ସେପର୍ଯ୍ୟନ୍ତ ସେମାନେ ନୂଆ ଜିନିଷ ଶିଖିପାରିବେ ଯାହା ଶ୍ରେଣୀରେ ଶିକ୍ଷା ଦିଆଯିବ। ଏହି ଉପାୟରେ ସେମାନେ ଆରାମ ଅନୁଭବ କରିବେ ଏବଂ ସ୍କୁଲ୍ ଯିବାକୁ ସାହସ ପାଇବେ।

*ପ୍ରତିଶ୍ରୁତି ପାଳନ କରିବା:*

ଯଦି ଆପଣ ପିଲା ସ୍କୁଲରୁ ଫେରିବା ପରେ ପାର୍କକୁ ନେବା, ତାଙ୍କୁ ଏକ ପ୍ରିୟ ରେଷ୍ଟୁରାଣ୍ଟ କିମ୍ବା ଅନ୍ୟ କୌଣସି ଯୋଜନା କରିଥିବେ, ତେବେ ଏହାକୁ ଭୁଲିଯାଆନ୍ତୁ ନାହିଁ। ପିଲାଙ୍କୁ କହିଥିବା କଥା ରଖନ୍ତୁ। ନଚେତ ଏହା ସେମାନଙ୍କ ଚାପକୁ ବଢେଇ ଦେବ।

*ଏହି ଜିନିଷଗୁଡିକ ପ୍ରତି ଧ୍ୟାନ:*

ଅନେକ ଅଭିଭାବକ ନିଜ ପିଲାମାନଙ୍କୁ ସ୍କୁଲ୍ ଫାଟକ ନିକଟରେ ଛାଡି, ସାଙ୍ଗେ ସାଙ୍ଗେ ପଛକୁ ବୁଲି 'ବାଏ' ନ କହି ପଳାଇ ଆସନ୍ତୁ। ଏପରି କରନ୍ତୁ ନାହିଁ। ହସ ହସ ମୁହଁରେ ସେମାନଙ୍କୁ 'ବାଏ' କୁହନ୍ତୁ।

ମନେରଖନ୍ତୁ, ପିଲାମାନଙ୍କ ମଧ୍ୟରେ ଅଲଗା ହେବାର ଚିନ୍ତା ସଂପୂର୍ଣ୍ଣ ସ୍ୱାଭାବିକ ଏବଂ ସୁସ୍ଥ। ଯେତେବେଳେ ପିଲାମାନେ କାନ୍ଦନ୍ତି, ସେମାନଙ୍କର ଡର କମିଯାଏ ଏବଂ ମନ ହାଲୁକା ହୁଏ ଏବଂ ସେମାନେ କିଛି ସମୟ ମଧ୍ୟରେ ସ୍ୱାଭାବିକ ହୋଇଯାଆନ୍ତି।

ପିଲାକୁ ଶାନ୍ତ ଭାବରେ ବୁଝାନ୍ତୁ, କେବେ ବି ସେମାନଙ୍କୁ ଅନ୍ୟମାନଙ୍କ ସହିତ ତୁଳନା କରନ୍ତୁ ନାହିଁ।

ଏହିଭଳି କିଛି ସରଳ ଟିପ୍ସ ଗ୍ରହଣ କରି, ପିଲାମାନଙ୍କ ଏହି ଭୟ ଓ ଚିନ୍ତାକୁ ହ୍ରାସ କରିପାରିବେ।

# ଆପଣ ଥଣ୍ଡା-କାଶରେ ପୀଡିତ କି... ଡାକ୍ତରଙ୍କ ପାଖକୁ ନ ଯାଇ କରନ୍ତୁ ଏହି ୫ ଘରୋଇ ଉପଚାର

ଥଣ୍ଡା ଏବଂ ଜ୍ୱରରୁ ମୁକ୍ତି ପାଇବା ପାଇଁ ଲୋକମାନେ ସାଧାରଣତଃ ବିଦେଶୀ ଔଷଧ ବ୍ୟବହାର କରନ୍ତି କିମ୍ବା ଡାକ୍ତରଙ୍କ ନିକଟକୁ ଯାଆନ୍ତି। କିନ୍ତୁ ବେଳେବେଳେ ଏହି ଔଷଧଗୁଡ଼ିକ ମଧ୍ୟ କ୍ଷତିକାର ହୋଇଥାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଚାହାଁନ୍ତି, କିଛି ଘରୋଇ ଉପଚାର ଚେଷ୍ଟା କରିପାରିବେ। ଏହା କରିବା ଦ୍ୱାରା ଆପଣ ଖୁବ୍ କମ ସମୟରେ ଆରାମ ପାଇପାରିବେ। ଏବେ ପ୍ରଶ୍ନ ଉଠୁଛି କାଶ ଏବଂ ଥଣ୍ଡା ହେଲେ ପ୍ରଥମେ କ'ଣ କରିବା ଉଚିତ ? ଥଣ୍ଡା ଏବଂ କାଶରେ କେଉଁ ଉପଚାର ଉପଯୋଗୀ ହୋଇପାରେ ? ତେବେ ଏନେଇ ବିଶେଷଜ୍ଞମାନେ କ'ଣ କୁହନ୍ତି ଆସନ୍ତୁ ଜାଣିବା।

**ତୁଳସୀ-ଅଦା ଚା':** ଯଦି ଆପଣ ଥଣ୍ଡା-କାଶ ଭଳି ସମସ୍ୟାରେ ପୀଡିତ, ତେବେ ଆପଣ ଏହାକୁ ଘରେ ଭଲ କରିପାରିବେ। ସାଧାରଣତଃ ଏହା କେବଳ ଘରୋଇ ଚିକିତ୍ସା ଦ୍ୱାରା ଆରୋଗ୍ୟ ହୁଏ। ଘରେ ଛୋଟ ଛୋଟ ଟିପ୍ସ ଆପଣେଇ ସହଜରେ ଏଥିରୁ ଆରାମ ପାଇପାରିବେ। ଥଣ୍ଡା ଏବଂ କାଶରେ ପୀଡିତ ବ୍ୟକ୍ତି ତୁଳସୀ ଓ ଅଦା ମିଶାଇ ଚା' ପ୍ରସ୍ତୁତ କରି ପିଅନ୍ତୁ। ଏହା କାଶ ଏବଂ ଥଣ୍ଡାକୁ ତୁରନ୍ତ ଭଲ କରିଦିଏ।



**ମହୁ-ଅଦା ରସ:** ବିଶେଷଜ୍ଞଙ୍କ ଅନୁଯାୟୀ ଥଣ୍ଡା ଏବଂ କାଶରୁ ମୁକ୍ତି ପାଇବାରେ ମହୁ ଏବଂ ଅଦା ରସ ଅତ୍ୟନ୍ତ ଲାଭଦାୟକ। ଯଦି ଆପଣ ମଧ୍ୟ ଥଣ୍ଡା ଏବଂ କାଶରେ ପୀଡିତ ତେବେ ଅଦା ଏବଂ ମହୁ ରସକୁ ଟିକେ ଗରମ କରି ପିଇଲେ ତୁରନ୍ତ ଆରାମ ମିଳିବ।



**ମହୁ-ଲବଙ୍ଗ:** ଯଦି ଆପଣ କାଶ କିମ୍ବା ଥଣ୍ଡା ରୋଗରେ ପୀଡିତ ତେବେ ଲବଙ୍ଗ ଏବଂ ମହୁ ଖାଆନ୍ତୁ। ଲବଙ୍ଗକୁ ଗ୍ରାଇଣ୍ଡ୍ କରି ମହୁ ସହିତ ମିଶାଇ ଦିନକୁ ୨-୩ ଥର ଖାଇବା ଦ୍ୱାରା କାଶରୁ ବହୁତ ଆରାମ ମିଳିଥାଏ। ଯଦି ଏମିତିରେ ଭଲ ହୋଇଯାଏ ତେବେ ଆପଣଙ୍କୁ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିବ ନାହିଁ।



**ଗରମ ପାଣି କୁଳୁକୁଳି:** ଯଦି ଥଣ୍ଡା ସହିତ ଗଳା ଦରଜ, କଫ ଏବଂ କାଶ ତେବେ ତେବେ ଗାର୍ଗଲିଂ ବହୁତ ଲାଭଦାୟକ। ଏଥିପାଇଁ ଉଷୁମ ଲୁଣ ପାଣିରେ ଗାର୍ଗଲ କରନ୍ତୁ। ଏହା ଗଳାରେ ଜମା ହୋଇଥିବା କଫକୁ ଦୂର କରେ ଏବଂ ଗଳା ଦରଜରୁ ଆରାମ ଦିଏ। ଯଦି ଆପଣ ମଧ୍ୟ ଥଣ୍ଡା ରୋଗରେ ପୀଡିତ ତେବେ ଗାର୍ଗଲ୍ କରନ୍ତୁ।



**ବାମ୍ପ ନେବା:** ଥଣ୍ଡା ଏବଂ କାଶରୁ ଅଧିକ ଆରାମ ପାଇବା ପାଇଁ ବାମ୍ପ ନେବାକୁ ପଡେ। ଏହା ବନ୍ଦ ହୋଇଯାଇଥିବା ନାକକୁ ଖୋଲିଦିଏ। ସାଧା ପାଣି ହେଉ କି ସେଥିରେ ଚା' ତେଲ, ୟୁକାଲିପଟାସ୍ ତେଲ, ଲେମନ୍ ଗ୍ରାସ୍ ତେଲ, ଲବଙ୍ଗ ତେଲ ମିଶାଇ ବାମ୍ପ ନିଆଯାଇପାରେ। ଏହା ଦ୍ୱାରା ଗଳା ଖରାପରୁ ଅନେକ ଆରାମ ମିଳେ। ଯଦି ଆପଣ ମଧ୍ୟ ଥଣ୍ଡା ଏବଂ କାଶରେ ପୀଡିତ ତେବେ ନିଶ୍ଚିତ ଭାବରେ ଏହି ଘରୋଇ ଉପଚାର ଚେଷ୍ଟା କରନ୍ତୁ।



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
୦୮ ନଭେମ୍ବର ୨୦୨୫, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବୁଲା କୁକୁର ସମସ୍ୟା: ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ

ନଭେମ୍ବର ୭, ୨୦୨୫ ରେ ସୁପ୍ରିମକୋର୍ଟରେ ବୁଲା କୁକୁର ମାମଲାର ଶୁଣାଣି ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଛି , ଯାହା ଦେଶବ୍ୟାପୀ ଏହି ଜଟିଳ ସାମାଜିକ ସମସ୍ୟା ଉପରେ ପୁନର୍ବିଚାର କରିବାର ଆବଶ୍ୟକତାକୁ ପ୍ରମାଣିତ କରିଛି । ବୁଲା କୁକୁରଙ୍କ ଦ୍ୱାରା ଆକ୍ରମଣ, ବିଶେଷକରି ପିଲାମାନଙ୍କ ପ୍ରତି ବିପଦ ଏବଂ ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ବଢ଼ୁଥିବା ଚିନ୍ତା ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶାବଳୀ ସାଧାରଣ ସ୍ଥାନରେ ସୁରକ୍ଷା ସୁନିଶ୍ଚିତ କରିବା ସହିତ ପଶୁ କଲ୍ୟାଣ ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରିବାକୁ ଲକ୍ଷ୍ୟ ରଖିଛି । ତେବେ, ଏହି ସମସ୍ୟାର ମୂଳୋତ୍ପାଟନ ଏବଂ ଏହାର ସ୍ଥାୟୀ ସମାଧାନ ପାଇଁ ଏକ ସୁଚିନ୍ତିତ, ବହୁମୁଖୀ ଏବଂ ତଥ୍ୟଭିତ୍ତିକ ଦୃଷ୍ଟିକୋଣର ଆବଶ୍ୟକତା ରହିଛି, ଯାହା କେବଳ ଆଇନଗତ ନିର୍ଦ୍ଦେଶରେ ସୀମିତ ନ ରହି ସାମାଜିକ, ପ୍ରଶାସନିକ ଏବଂ ମାନବିକ ଦିଗଗୁଡ଼ିକୁ ମଧ୍ୟ ସ୍ପର୍ଶ କରିବ ।

ଭାରତରେ ବୁଲା କୁକୁରଙ୍କ ସଂଖ୍ୟା ଏକ ବିରାଟ ଆକାର ଧାରଣ କରିଛି, ଯାହା ସଠିକ୍ ଭାବରେ ଆକଳନ କରିବା କଷ୍ଟକର ହେଲେ ମଧ୍ୟ କୋଟି କୋଟିରେ ହେବ ବୋଲି ଅନୁମାନ କରାଯାଏ । ଏହି ବିଶାଳ ସଂଖ୍ୟା ସିଧାସଳଖ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଉପରେ ଗଭୀର ପ୍ରଭାବ ପକାଇଥାଏ । ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ କୁକୁର କାମୁଡ଼ା ମାମଲାର ଶିକାର ହୋଇଥାନ୍ତି, ଯାହାର ତଥ୍ୟ ଆମକୁ ଏହି ସମସ୍ୟାର ଭୟାବହତା ବିଷୟରେ ସ୍ପଷ୍ଟ ଚିତ୍ର ପ୍ରଦାନ କରେ। ଉଦାହରଣସ୍ୱରୂପ, ଜାମ୍ମୁ ଓ କାଶ୍ମୀରରେ ୨୦୨୨ ରୁ ୨୦୨୫ ମଧ୍ୟରେ ୨ ଲକ୍ଷରୁ ଅଧିକ କୁକୁର କାମୁଡ଼ା ମାମଲା ରିପୋର୍ଟ କରାଯାଇଛି, ଯାହା ଦୈନିକ ହାରାହାରି ୧୪୫.୮୭ ମାମଲାକୁ ଦର୍ଶାଉଛି । ସେହିପରି, ମହୀଶୂର ଜିଲ୍ଲାରେ ଗୋଟିଏ ବର୍ଷରେ ୧୬,୭୮୯ କୁକୁର କାମୁଡ଼ା ମାମଲା ରୁଜୁ ହୋଇଛି, ଯାହାକି କେବଳ ଗୋଟିଏ ଜିଲ୍ଲାରୁ ଆସିଥିବା ଚିନ୍ତାଜନକ ତଥ୍ୟ । ଏହି ତଥ୍ୟଗୁଡ଼ିକ କେବଳ ସଂଖ୍ୟା ନୁହେଁ, ବରଂ ଅନେକ ପରିବାରର ଦୁଃଖ, ଶାରୀରିକ କଷ୍ଟ ଏବଂ ମାନସିକ ଆଘାତର ପ୍ରତିଫଳନ ।

କୁକୁର କାମୁଡ଼ା ବ୍ୟତୀତ, ବୁଲା କୁକୁରଙ୍କ ଦ୍ୱାରା ରାବିସ୍ ସଂକ୍ରମଣ ମଧ୍ୟ ଏକ ଗୁରୁତର ସ୍ୱାସ୍ଥ୍ୟଗତ ଚିନ୍ତା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (**WHO**) ଅନୁଯାୟୀ, ବିଶ୍ୱରେ ରାବିସ୍ ମୃତ୍ୟୁର ପ୍ରାୟ ୩୬% ଭାରତରେ ଘଟିଥାଏ । ରାବିସ୍ ଏକ ମାରାତ୍ମକ ରୋଗ ଏବଂ ଥରେ ଲକ୍ଷଣ ପ୍ରକାଶ ପାଇଲେ ଏହା ପ୍ରାୟତଃ ଘାତକ ହୋଇଥାଏ । ଏହି ରୋଗର ମୁକାବିଲା ପାଇଁ ବୁଲା କୁକୁରଙ୍କ ଟୀକାକରଣ ଅତ୍ୟନ୍ତ ଜରୁରୀ । କିନ୍ତୁ, ଦେଶରେ ଥିବା ବିଶାଳ ସଂଖ୍ୟକ ବୁଲା କୁକୁରଙ୍କୁ ଟୀକାକରଣ କରିବା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି । ବିଶେଷକରି ଗ୍ରାମାଞ୍ଚଳ ଏବଂ ସହରର ଉପାନ୍ତ ଅଞ୍ଚଳରେ ଏହି କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତା ଦୁର୍ବଳ ରହିଛି, ଯାହା ରାବିସ୍ ନିୟନ୍ତ୍ରଣ ପ୍ରୟାସକୁ ବାଧା ଦେଉଛି । ଏହା କେବଳ ମାନବ ଜୀବନ ପ୍ରତି ବିପଦ ନୁହେଁ, ବରଂ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ମଧ୍ୟ ଅତିରିକ୍ତ ଚାପ ସୃଷ୍ଟି କରୁଛି ।

ସର୍ବୋଚ୍ଚ ନ୍ୟାୟାଳୟ ବୁଲା କୁକୁରଙ୍କ ସମସ୍ୟାକୁ କେବଳ ପଶୁ କଲ୍ୟାଣ ଦୃଷ୍ଟିକୋଣରୁ ନୁହେଁ, ବରଂ ସାଧାରଣ ନାଗରିକଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ମଧ୍ୟ ଗୁରୁତ୍ୱର ସହ ବିଚାର କରିଛନ୍ତି । ନଭେମ୍ବର ୭, ୨୦୨୫ ରେ ଦିଆଯାଇଥିବା ନିର୍ଦ୍ଦେଶରେ କୋର୍ଟ ବିଦ୍ୟାଳୟ, ଡାକ୍ତରଖାନା, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ଅନ୍ୟାନ୍ୟ ସାର୍ବଜନୀନ ଅନୁଷ୍ଠାନରୁ ବୁଲା କୁକୁରଙ୍କୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ, ଜାତୀୟ ରାଜପଥ ଏବଂ ଏକ୍ସପ୍ରେସୱେରୁ ଗୋରୁ ଏବଂ ଅନ୍ୟାନ୍ୟ ବୁଲା ପଶୁଙ୍କୁ ହଟାଇବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହି ନିର୍ଦ୍ଦେଶଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାଧାରଣ ଜନତାଙ୍କୁ, ବିଶେଷକରି ଶିଶୁ ଏବଂ ରୋଗୀମାନଙ୍କୁ, ବୁଲା କୁକୁରଙ୍କ ଆକ୍ରମଣରୁ ସୁରକ୍ଷା ଦେବା, ଯେଉଁମାନେ ସେମାନଙ୍କ ଦ୍ୱାରା ଅଧିକ ବିପଦରେ ରୁହନ୍ତି । କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଯଦି ରାଜ୍ୟର ମୁଖ୍ୟ ଶାସନ ସଚିବମାନେ ଏହି ନିର୍ଦ୍ଦେଶ ପାଳନ କରିବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କୁ ପୁନର୍ବାର କୋର୍ଟରେ ହାଜର ହେବାକୁ ପଡିବ, ଯାହା ଏହି ପ୍ରସଙ୍ଗରେ ନ୍ୟାୟପାଳିକାର ଦୃଢ଼ତାକୁ ଦର୍ଶାଉଛି ଏବଂ ପ୍ରଶାସନିକ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରୁଛି ।

ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ କରିବା ଏବଂ ରାବିସ୍ ରୋକିବା ପାଇଁ **Animal Birth Control (ABC)** କାର୍ଯ୍ୟକ୍ରମ ଏକ ପ୍ରମୁଖ ପଦକ୍ଷେପ ଭାବରେ କାର୍ଯ୍ୟକାରୀ ହେଉଛି । ଏହି କାର୍ଯ୍ୟକ୍ରମରେ କୁକୁରମାନଙ୍କର ବନ୍ଧ୍ୟାକରଣ ଏବଂ ଟୀକାକରଣ କରାଯାଇଥାଏ। ତେବେ, ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଏବଂ ସଫଳତା ବିଭିନ୍ନ କାରଣରୁ ବାଧାପ୍ରାପ୍ତ ହୋଇଛି । ପ୍ରଥମତଃ, ପର୍ଯ୍ୟାପ୍ତ ପାଣ୍ଠି ଏବଂ ଭିତ୍ତିଭୂମିର ଅଭାବ ଏକ ବଡ଼ ସମସ୍ୟା, ଯେଉଁଥିପାଇଁ ଅନେକ ସ୍ଥାନରେ ଆବଶ୍ୟକ ସଂଖ୍ୟକ ପଶୁ ଚିକିତ୍ସକ, କର୍ମଚାରୀ କିମ୍ବା ଅସ୍ତ୍ରୋପଚାର ସୁବିଧା ଉପଲବ୍ଧ ନାହିଁ । ଦ୍ୱିତୀୟତଃ, ଜନସାଧାରଣଙ୍କ ସହଭାଗିତା ଏବଂ ସଚେତନତାର ଅଭାବ ମଧ୍ୟ ଏକ ବଡ଼ ପ୍ରତିବନ୍ଧକ । ଅନେକ ସମୟରେ ଲୋକମାନେ ଇଉ କାର୍ଯ୍ୟକ୍ରମରେ ସହଯୋଗ କରନ୍ତି ନାହିଁ କିମ୍ବା ବୁଲା କୁକୁରଙ୍କୁ ଅନିୟନ୍ତ୍ରିତ ଭାବରେ ଖାଦ୍ୟ ଦେଇଥାନ୍ତି, ଯାହା ସେମାନଙ୍କୁ ଜନବସତି ନିକଟକୁ ଆକର୍ଷିତ କରିଥାଏ ଏବଂ ସମସ୍ୟାକୁ ଆହୁରି ଜଟିଳ କରିଥାଏ । ତୃତୀୟତଃ, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଦୁର୍ବଳ କରିଥାଏ, ଯାହା ଫଳରେ ଏହାର ବ୍ୟାପକ କାର୍ଯ୍ୟକାରିତା ସମ୍ଭବ ହୋଇପାରୁ ନାହିଁ।

ବୁଲା କୁକୁରଙ୍କୁ ଖାଦ୍ୟ ଦେବା ପ୍ରସଙ୍ଗରେ ମଧ୍ୟ ସୁପ୍ରିମକୋର୍ଟ ବିଚାର କରିଛନ୍ତି, ଯାହା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ଏହା ମାନବିକତା ଏବଂ ସାଧାରଣ ସୁରକ୍ଷା ମଧ୍ୟରେ ଏକ ସନ୍ତୁଳନ ଆବଶ୍ୟକ କରେ । କୁକୁରଙ୍କୁ ଖାଦ୍ୟ ଦେବା ନିଶ୍ଚିତ ଭାବରେ ସହାନୁଭୂତିର ଏକ କାର୍ଯ୍ୟ, କିନ୍ତୁ ଯଦି ଏହା ଅନିୟନ୍ତ୍ରିତ ଭାବରେ କରାଯାଏ, ତେବେ ଏହା କୁକୁରମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଏକତ୍ରିତ କରିପାରେ, ଯାହା ମଣିଷ-କୁକୁର ସଂଘର୍ଷର କାରଣ ହୋଇପାରେ। ତେଣୁ, ଏହି ପ୍ରସଙ୍ଗରେ ସ୍ପଷ୍ଟ ନିୟମାବଳୀ ଏବଂ ସଚେତନତା ଅଭିଯାନର ଆବଶ୍ୟକତା ରହିଛି , ଯାହା ଦ୍ୱାରା ଲୋକମାନେ ଦାୟିତ୍ୱର ସହିତ ଏହି କାର୍ଯ୍ୟ କରିପାରିବେ ଏବଂ କୁକୁରମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଖାଦ୍ୟ ଦେଇପାରିବେ, ଯାହା ଉଭୟ ମଣିଷ ଏବଂ ପଶୁଙ୍କ ପାଇଁ ସୁରକ୍ଷିତ ହେବ ।

ବୁଲା କୁକୁର ସମସ୍ୟା କେବଳ ଏକ ପ୍ରଶାସନିକ କିମ୍ବା ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ, ଏହା ଏକ ନୈତିକ ଏବଂ ମାନବିକ ସମସ୍ୟା ମଧ୍ୟ । ପଶୁ ଅଧିକାର କର୍ମୀ ଏବଂ ସାଧାରଣ ନାଗରିକମାନେ ବୁଲା କୁକୁରଙ୍କ ପ୍ରତି ମାନବିକ ଆଚରଣ କରିବାକୁ ଗୁରୁତ୍ୱ ଦେଇଥାନ୍ତି । କିନ୍ତୁ, ମାନବିକତା ନାମରେ ଜନସାଧାରଣଙ୍କ ସୁରକ୍ଷାକୁ ଅଣଦେଖା କରାଯାଇପାରିବ ନାହିଁ। ତେଣୁ, ଏକ ସନ୍ତୁଳିତ ପଦକ୍ଷେପ ଆବଶ୍ୟକ, ଯାହା ଉଭୟ ମଣିଷ ଏବଂ ପଶୁଙ୍କ ଅଧିକାରକୁ ସମ୍ମାନ ଦେବ । ଏହି ସନ୍ତୁଳନ ବଜାୟ ରଖିବା ପାଇଁ, ଇଉ କାର୍ଯ୍ୟକ୍ରମକୁ ଅଧିକ ପାଣ୍ଠି, ତାଲିମପ୍ରାପ୍ତ କର୍ମଚାରୀ ଏବଂ ଆଧୁନିକ ଭିତ୍ତିଭୂମି ସହିତ ସୁଦୃଢ଼ କରିବା ଆବଶ୍ୟକ । ବନ୍ଧ୍ୟାକରଣ ଏବଂ ଟୀକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରିବା ଦ୍ୱାରା ବୁଲା କୁକୁରଙ୍କ ସଂଖ୍ୟା ହ୍ରାସ ପାଇବ ଏବଂ ରାବିସ୍ ସଂକ୍ରମଣର ବିପଦ କମିବ, ଯାହା ଦୀର୍ଘକାଳୀନ ସମାଧାନ ପାଇଁ ଅତ୍ୟନ୍ତ ଜରୁରୀ ।

ଏହା ସହିତ, ବୁଲା କୁକୁରଙ୍କ ପାଇଁ ଅଧିକ ଆଶ୍ରୟସ୍ଥଳୀ ଏବଂ ପୁନର୍ବାସ କେନ୍ଦ୍ର ପ୍ରତିଷ୍ଠା କରିବା ଆବଶ୍ୟକ । ବିଶେଷକରି ଯେଉଁ କୁକୁରମାନଙ୍କୁ ସାର୍ବଜନୀନ ସ୍ଥାନରୁ ହଟାଯାଉଛି, ସେମାନଙ୍କୁ ଏହି ଆଶ୍ରୟସ୍ଥଳୀରେ ରଖାଯାଇପାରିବ । ଏହି କେନ୍ଦ୍ରଗୁଡ଼ିକରେ ସେମାନଙ୍କୁ ଉପଯୁକ୍ତ ଯତ୍ନ, ଖାଦ୍ୟ ଏବଂ ଚିକିତ୍ସା ଯୋଗାଇ ଦିଆଯିବା ଉଚିତ୍, ଯାହା ପଶୁ କଲ୍ୟାଣ ଦୃଷ୍ଟିକୋଣରୁ ଅପରିହାର୍ଯ୍ୟ । ଜନସାଧାରଣଙ୍କ ସଚେତନତା ଏବଂ ଶିକ୍ଷା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଦାୟିତ୍ୱବାନ ପୋଷା କୁକୁର ପାଳନ, କୁକୁରଙ୍କ ଆଚରଣ ଏବଂ ରାବିସ୍ ପ୍ରତିରୋଧ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ବ୍ୟାପକ ଅଭିଯାନ ଆରମ୍ଭ କରିବା ଆବଶ୍ୟକ । ପିଲାମାନଙ୍କୁ କୁକୁରଙ୍କ ସହିତ କିପରି ସୁରକ୍ଷିତ ଭାବରେ ରହିବେ ସେ ବିଷୟରେ ଶିକ୍ଷା ଦେବା ମଧ୍ୟ ଜରୁରୀ, ଯାହା ଦ୍ୱାରା ଭବିଷ୍ୟତରେ ସଂଘର୍ଷର ସମ୍ଭାବନା କମିବ ।

ଆଇନର କଡ଼ା କାର୍ଯ୍ୟକାରିତା ମଧ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ବୁଲା କୁକୁରଙ୍କ ପ୍ରତି ନିଷ୍ଠୁରତା ଏବଂ ଅବହେଳାକୁ ରୋକିବା ପାଇଁ ଥିବା ଆଇନଗୁଡ଼ିକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରିବା ଆବଶ୍ୟକ । ଅନ୍ୟପକ୍ଷରେ, ଯେଉଁମାନେ ବୁଲା କୁକୁରଙ୍କୁ ଅନିୟନ୍ତ୍ରିତ ଭାବରେ ଖାଦ୍ୟ ଦେଇ ସମସ୍ୟା ସୃଷ୍ଟି କରୁଛନ୍ତି, ସେମାନଙ୍କ ପାଇଁ ମଧ୍ୟ ନିୟମ ପ୍ରଣୟନ କରାଯାଇପାରେ, ଯାହା ଦ୍ୱାରା ଏକ ଶୃଙ୍ଖଳିତ ବ୍ୟବସ୍ଥା ପ୍ରତିଷ୍ଠା ହୋଇପାରିବ। ଏହି ସମସ୍ୟାର ସମାଧାନ ପାଇଁ ସରକାରୀ ଏଜେନ୍ସି, ପଶୁ କଲ୍ୟାଣ ସଂଗଠନ ଏବଂ ସାଧାରଣ ନାଗରିକଙ୍କ ମଧ୍ୟରେ ଘନିଷ୍ଠ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥାଗୁଡ଼ିକ ଏହି କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଉଚିତ୍, କାରଣ ସେମାନେ ଜମିସ୍ତରରେ ସମସ୍ୟା ଏବଂ ଆବଶ୍ୟକତାକୁ ଭଲ ଭାବରେ ବୁଝିପାରିବେ ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ବୁଲା କୁକୁର ସମସ୍ୟା ପ୍ରତି ଏକ ଗମ୍ଭୀର ଦୃଷ୍ଟିକୋଣର ଆବଶ୍ୟକତାକୁ ସ୍ପଷ୍ଟ କରିଛି । ଏହି ସମସ୍ୟାର ସମାଧାନ କେବଳ କୁକୁରମାନଙ୍କୁ ହଟାଇବାରେ ନାହିଁ, ବରଂ ଏକ ସୁଚିନ୍ତିତ, ମାନବିକ ଏବଂ ସ୍ଥାୟୀ ବ୍ୟବସ୍ଥା ପ୍ରତିଷ୍ଠା କରିବାରେ ଅଛି । ଯେଉଁଠାରେ ମାନବ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ ଏବଂ ପଶୁ କଲ୍ୟାଣକୁ ମଧ୍ୟ ସମ୍ମାନ ଦିଆଯିବ । ସମାଜର ପ୍ରତ୍ୟେକ ବର୍ଗ, ସରକାର, ପଶୁ କଲ୍ୟାଣ ସଂଗଠନ ଏବଂ ସାଧାରଣ ଜନତା ମିଳିତ ଭାବରେ କାର୍ଯ୍ୟ କରିବା ଦ୍ୱାରା ହିଁ ଏହି ଜଟିଳ ସମସ୍ୟାର ଏକ ସନ୍ତୋଷଜନକ ଏବଂ ସ୍ଥାୟୀ ସମାଧାନ ହୋଇପାରିବ। ଏକ ସୁସ୍ଥ, ସୁରକ୍ଷିତ ଏବଂ ସହାନୁଭୂତିପୂର୍ଣ୍ଣ ସମାଜ ଗଠନ ପାଇଁ ଏହା ଏକ ଅପରିହାର୍ଯ୍ୟ ପଦକ୍ଷେପ, ଯାହା ଆମର ସାମାଜିକ ଦାୟିତ୍ୱବୋଧର ପ୍ରକୃତ ପରିଚୟ ଦେବ ।

# ବାଲିଯାତ୍ରା ଭିଡ଼କୁ ଯିବାକୁ ଭୟ କରୁଛନ୍ତି : ଏହା ଫୋବିୟା ନୁହେଁ ତ ?



ପ୍ରଫେସର ଡାକ୍ତର ସମ୍ରାଟ କର



ମାନୁ ମାଉସୀଙ୍କୁ ମୁଁ କଟକ ବାଲିଯାତ୍ରା ଦେଖିଯିବାକୁ କହିଲି। ସେ ମୋତେ ବହୁତ ଭଲ ପାଆନ୍ତି। ବାଲିଯାତ୍ରାରେ ଠୁଙ୍କାପୁରୀ ଆଉ କଟକ ଦହିବରାର ମଜା ନେବା ସହ ଘରକରଣା ଜିନିଷ କିଣାକିଣି ପାଇଁ ଭାବୁଥିଲି ମାଉସୀ ନିଶ୍ଚୟ ରାଜି ହେବେ। ମା', ଖୁଡ଼ୀ ସମସ୍ତଙ୍କୁ ନେଇ ବାଲିଯାତ୍ରା ଦେଖାଇବାର ଇଚ୍ଛା ମୋର ଥିଲା। ମାନୁ ମାଉସୀଙ୍କୁ ଡାକିବାରୁ ସେ ମନା କଲେ। ମୁଁ ତାଙ୍କୁ କାରଣ ପଚାରିବାରୁ ସେ କହିଲେ ମୁଁ କିଛି ବର୍ଷ ତଳେ ଥରେ ବାଲିଯାତ୍ରାକୁ ଯାଇଥିଲି, ସେଠି ଏତେ ଭିଡ଼ ଥିଲା ଯେ ମତେ କିଏ ଚାରିକଡ଼ୁ ଚାପିଦେଲା ପରି ଲାଗିଲା। ମୁଁ ନିଶ୍ୱାସ ନେଇପାରିଲି ନାହିଁ। ସେହି ଦିନ ଠାରୁ ଭିଡ଼ ଦେଖିଲେ ମତେ ଡର ଲାଗେ। ମୁଁ ଗହଳି ଭିତରକୁ ଯାଏ ନାହିଁ। ମୋର ସେଇ ଦିନ କଥା ମନେ ପଡ଼େ। ଆଜି ପର୍ଯ୍ୟନ୍ତ ମୁଁ ସେ ଅନୁଭୂତି ଭୁଲିନି। ମୁଁ ସେ ଭିତରେ ପଶିପାରିବିନ। ତୁମେ ଯାଅ। ଏକଥା ଶୁଣି ମୁଁ କହିଲି ଏହା ଗୋଟିଏ ପ୍ରକାର ଅହେତୁକ ଭୟ। ଏହାକୁ ଫୋବିୟା କହନ୍ତି। ମୁଁ କହିଲି ଅଧିକାଂଶ ଲୋକଙ୍କ ଠାରେ ଏ ପ୍ରକାର ଭୟ ଦେଖାଯାଏ। ମାତ୍ର ମାତ୍ରାଧିକ ହେଲେ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ। ତାକୁ ରୋଗ ବୋଲି କୁହାଯାଏ। ଓ ମାନସିକ ରୋଗ ଚିକିତ୍ସକଙ୍କୁ ଦେଖାଇ ଔଷଧ ଖାଇଲେ ଏ ରୋଗରୁ ଉପଶମ ମିଳିଥାଏ। ଫୋବିୟା କ'ଣ : ଫୋବିୟା ହେଉଛି କୌଣସି ସ୍ଥାନ, ବସ୍ତୁ, କାର୍ଯ୍ୟ ଓ ପରିସ୍ଥିତି ପ୍ରତି ଅହେତୁକ ଭୟ। ଯେପରିକି କେତେକ ଲୋକ ଭିଡ଼ ଭିତରକୁ ଯିବାକୁ ଭୟ କରନ୍ତି, ଉଚ୍ଚ ସ୍ଥାନକୁ ଯିବାକୁ ଭୟ କରନ୍ତି, ଘରୁ ରାସ୍ତାକୁ ଯିବାକୁ ଭୟ କରନ୍ତି, କୌଣସି ଜୀବଜନ୍ତୁ କିଛି କ୍ଷତି କରିବ ନାହିଁ ଜାଣି ମଧ୍ୟ ତାକୁ ଭୟ କରନ୍ତି। ସେଥିଯୋଗୁଁ ସେମାନେ ସେହି ସ୍ଥାନ, ବସ୍ତୁ ବା କାର୍ଯ୍ୟଠାରୁ ଦୂରେଇ ରହିବାକୁ ଚାହାନ୍ତି। ପ୍ରାୟ ପ୍ରତ୍ୟେକ ଲୋକଙ୍କ ଠାରେ ଏକ ପ୍ରକାର ଭୟ ଅଳ୍ପ ଅଧିକେ ଥାଏ ମାତ୍ର ଯେତେବେଳେ ଅତ୍ୟଧିକ ହୋଇ ମାନସିକ ବ୍ୟଥା ଦିଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧା ସୃଷ୍ଟି କରେ ସେତେବେଳେ ଏହା ଏକ ରୋଗ ବୋଲି ଧରାଯାଏ। ଅସ୍ୱାଭାବିକ ପରିସ୍ଥିତିର ଭୟାବହତାକୁ ସମ୍ଭାବନା କରି ଲୋକଟିର ମନରେ କଷ୍ଟ ହୋଇଥାଏ। ତେଣୁ ସେ ଏପରି ପରିସ୍ଥିତି ଠାରୁ ଦୂରେଇ ରହିବାକୁ ଚେଷ୍ଟା କରେ ଏବଂ ଏହାର ସାମନା କଲେ ଆତଙ୍କିତ ହୋଇଯାଏ।

ଆଗାରୋଫୋବିୟା : କୌଣସି ପରିସ୍ଥିତି ପ୍ରତି ଅସ୍ୱାଭାବିକ ଭୟକୁ ଆଗାରୋଫୋବିୟା ବୋଲି କୁହାଯାଏ। ସାଧାରଣତଃ ଏ ପ୍ରକାର ଫୋବିୟା ଲୋକମାନଙ୍କ ଠାରେ ଅଧିକ ଦେଖାଯାଏ। ପୁରୁଷମାନଙ୍କ ତୁଳନାରେ ସ୍ତ୍ରୀ ଲୋକମାନଙ୍କ ଠାରେ ଅଧିକ ହୋଇଥାଏ। ଏ ପ୍ରକାର ଫୋବିୟାରେ ମନୁଷ୍ୟ ଯେତେବେଳେ ନିଜ ପରିବାର ବା ଚିରାଚରିତ ପରିସ୍ଥିତିରୁ ଦୂରେଇଯାଏ ତାକୁ ଅହେତୁକ ଭୟ ଲାଗିଥାଏ। ଗୋଟିଏ ପରିସ୍ଥିତିରୁ ଆଉ ଗୋଟିଏ ପରିସ୍ଥିତିକୁ ଗଲେ ଲୋକଟି ହଠାତ୍ ବିଚଳିତ ହୋଇପଡ଼େ। ତାକୁ ସାହାଯ୍ୟ କରିବାକୁ କେହି ନଥାନ୍ତି। ସେହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ତା'ର ସାହାସ ହୁଏ ନାହିଁ କି ସେ ଉପାୟ ପାଏ ନାହିଁ। ତେଣୁ ସେ ବିବ୍ରତ ହୋଇଯାଏ। ଉଦାହରଣ ସ୍ୱରୂପ ଘର ଠାରୁ ଦୂରରେ ଏକା ରହିବା, ଭିଡ଼ ଭିତରେ ରହିଯିବା, ଟ୍ରେନ, ବସ୍ ଆଦିରେ ଏକାକୀ ବୁଲିବା ଇତ୍ୟାଦି କାର୍ଯ୍ୟଗୁଡ଼ିକୁ ସେ ସମ୍ମୁଖୀନ ହୋଇପାରେ ନାହିଁ। ଧୀରେ ଧୀରେ ପରିସ୍ଥିତି ଅଧିକ ଜଟିଳ ହୋଇଥାଏ। ଲୋକଟିର ନିଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ସେ ବାହାରକୁ ନ ଯାଇ ଘର ଭିତରେ ରହିବାକୁ ଭଲ ପାଏ। କେବଳ ଜଣେ ଦି'ଜଣ ବିଶ୍ୱସ୍ତ ଲୋକଙ୍କ ସହିତ ଘର ଛାଡ଼ିଯାଏ।

ପ୍ରଭାବ : ଏହା ସାଧାରଣତଃ ସ୍ତ୍ରୀଲୋକମାନଙ୍କ ଠାରେ ଅଧିକ ଦେଖାଦେଇଥାଏ। ଏ ରୋଗ ପ୍ରାୟତଃ ୨୫-୩୫ ବର୍ଷ ବୟସରେ ହଠାତ୍ ଆରମ୍ଭ ହୋଇଥାଏ। ଧୀରେ ଧୀରେ ଏହା ଅତ୍ୟଧିକ ହୋଇଥାଏ ଏବଂ ନିଜର ଦୈନନ୍ଦିନ କାର୍ଯ୍ୟରେ ବାଧାପ୍ରାପ୍ତ ହୋଇଥାଏ।

କାରଣ : ଏହା ସେରୋଟୋନିନ୍, ଗାବା, ଆଡ୍ରେନାଲିନ୍, ଡୋପାମିନ ଆଦି ମସ୍ତିଷ୍କରେ ଥିବା ସ୍ନାୟୁରସର ବିଶୃଙ୍ଖଳତା ଯୋଗୁଁ ହୋଇଥାଏ। ଏକ ସୂତ୍ରରୁ ଜଣାପଡ଼ିଛି ଯେ ନିଜର ରକ୍ତ ସମ୍ପର୍କୀୟ ଲୋକମାନଙ୍କ ଠାରେ ଏ ରୋଗ ଥିଲେ ଅନ୍ୟମାନଙ୍କୁ ହେବାର ସମ୍ଭାବନା ଅଧିକ ଥାଏ। ତେଣୁ ଏହା ବଂଶଗତ ହୋଇପାରେ।

ଚିକିତ୍ସା : ଏହି ରୋଗର ଲକ୍ଷଣ ଦେଖାଦେଲେ ଶୀଘ୍ର ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ। ଏହି ରୋଗର ଚିକିତ୍ସା, ଔଷଧ ଓ ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା କରାଯାଇଥାଏ। ଏହି ରୋଗରେ ମନରୁ ଅହେତୁକ ଭୟ ଦୂର କରିବା ପାଇଁ ଔଷଧ ଅତ୍ୟନ୍ତ ଉପଯୋଗ ହୋଇଥାଏ। ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା ରୋଗୀ ମନରେ ଜନ୍ମୁଥିବା ଅହେତୁକ ଭୟକୁ ବୁଝାସୁଝା ଦ୍ୱାରା କମ୍ କରାଯାଇଥାଏ। ଫଳରେ ରୋଗୀ ମନରୁ ଭୟ କମିଯାଏ। ଏହି ରୋଗ ଯଦିଓ କୌଣସି କାରଣରୁ ଜନ୍ମ ନେଇ ନଥାଏ ତଥାପି ଅନେକ କ୍ଷେତ୍ରରେ ପରିସ୍ଥିତିର ଅନୁଭୂତି ହିଁ ତାର ଭୟର କାରଣ ହୋଇଥାଏ। ଏହାକୁ ରୋଗ ବୋଲି ଭାବି ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଚିକିତ୍ସା କଲେ ଏହି ରୋଗରୁ ଉପଶମ ମିଳିଥାଏ। ବର୍ଷକୁ ଥରେ ଆସୁଥିବା ମହାନଦୀ ପଠାର ବାଲିଯାତ୍ରା ଗହଳିକୁ ନେଇ ମନ ଭିତରେ ସେପରି ଭିଡ଼ ଭୟ ରଖନ୍ତୁ ନାହିଁ। ତେବେ ପ୍ରଶାସନର ସୂଚନାକୁ ଲକ୍ଷ୍ୟ ରଖି ଅତ୍ୟଧିକ ଗହଳି ଭିତରକୁ ଯାଆନ୍ତୁ ନାହିଁ, କୌଣସି ଗୁଜବ ପ୍ରସାରଣ କରନ୍ତୁ ନାହିଁ ଏବଂ ମାନସିକ ପୀଡ଼ିତ କୌଣସି ରୋଗୀଙ୍କୁ ଏହି ଭିଡ଼ ଭିତରକୁ ନେବା ଉଚିତ ନୁହେଁ। ସବୁବେଳେ ମନେ ରଖନ୍ତୁ ଜଣେ ଆନନ୍ଦ ପୂର୍ଣ୍ଣ ଜୀବନ ନିର୍ବାହ କରିବା ହିଁ ବଡ଼ ମେଳା, ବଡ଼ ମହୋତ୍ସବ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩

# ଏଥର ନୂଆ ରୂପ ଓ ଠିକଣାରେ ବାଲିଯାତ୍ରା...

ଗଙ୍ଗାଧର ସାମଲ





ହଜାର ବର୍ଷର ସହର ଭାବେ କଟକର ଗୌରବ। କଟକର ସବୁଠାରୁ ବଡ଼ ପରିଚୟ କହିଲେ କେହି କେହି ବାଲିଯାତ୍ରାକୁ ମଧ୍ୟ କହିଥାନ୍ତି। ସତରେ ଐତିହାସିକ ବାଲିଯାତ୍ରା ବର୍ଷକୁ ବର୍ଷ ଯେଉଁପରି ନୂଆ ଭାବନାରେ, ନୂଆ ଠିକଣାରେ, ନୂଆ ବ୍ୟବସାୟରେ, ନୂଆ ଢ଼ଙ୍ଗରଙ୍ଗରେ ବଦଳି ବଦଳି ଚାଲିଛି ତାହା ଏକ ପ୍ରକାର ବିଶ୍ୱ ପ୍ରସିଦ୍ଧର ଗୌରବ ଆଣି ଦେଇଛି। ଅନେକ ହୁଏତ ଜାଣିନଥିବେ ଏବେ ବି ଏହି ପ୍ରାଚୀନତମ ସହରରେ ଅନେକ ସାହି ରହିଛି ଯେଉଁ ଗୁଡ଼ିକ ଅବିକଳ ଗାଁର ଢ଼ଙ୍ଗରଙ୍ଗକୁ ନେଇ ଏବଂ ସେଥିରେ ଗ୍ରାମ୍ୟ ଚଳଣୀ ଓ ଜୀବନର ଚିତ୍ର। ତେଣୁ ସେ ଦୃଷ୍ଟିରୁ ଦେଖିଲେ କଟକିଆଙ୍କ ଝିଅଝିଆଣୀଙ୍କ ବାପଘରକୁ ବର୍ଷକୁ ଥରେ ବୁଲିବା ଆରମ୍ଭ ହୋଇଥାଏ ଦଶହରା ବେଳୁ। ଦଶହରା ପରେ ବାଲିଯାତ୍ରା...... ଆଉ ବାଲିଯାତ୍ରାରୁ ହରେକ ରକମର ଜିନିଷ କିଣି ସମସ୍ତେ ବି ଖୁସ। ପିଲା ଠାରୁ ବୟସ୍କ, କଲେଜ ପଢୁଆଙ୍କ ଠାରୁ ନବ ବିବାହିତା ସମସ୍ତେ ଅପେକ୍ଷା କରିଥାନ୍ତି ଏହି ବାଲିଯାତ୍ରାକୁ। ବର୍ଷ ତମାମ ଶୁନଶାନ ହୋଇ ଏକ ପ୍ରକାର ନୀରବ ହୋଇପଡ଼ିଥିବା ମହାନଦୀ ନଈପଠା ଦିନ କେତେଟା ପାଇଁ ଘୋ ଘାରେ ଫାଟିପଡ଼େ। ଦିନ କେତେଟା ପରେ ପୁଣି ପୂର୍ବପରି ସବୁ ଶୂନଶାନ ଇଏ ହେଉଛି ବାଲିଯାତ୍ରାର ଖାସିୟତ୍ କହିଲେ ଅତ୍ୟୁକ୍ତି ହେବନାହିଁ। ଚଳିତ ବର୍ଷ ବାଲିଯାତ୍ରା ସଂପୂର୍ଣ୍ଣ ନୂଆ ରୂପରେ ଓ ନୂଆ ଠିକଣାରେ କହିଲେ ଅତ୍ୟୁକ୍ତି ହେବନାହିଁ। ଗଡ଼ଗଡ଼ିଆ ମନ୍ଦିର ସାମ୍ନାରେ ପବନରେ ଆଉ ଉଡିବନି ଠୁଙ୍କାପୁରୀ। 'ଓଃ...କି ମଧୁର, ଓଃ.... କି ସ୍ୱାଦିଷ୍ଟ' ଭଳି ବାଲିଯାତ୍ରାର ନିଆରା ସ୍ୱର କିଲ୍ଲା ପଡ଼ିଆ ନୁହେଁ ବରଂ ତଳ ପଡ଼ିଆର କେଉଁ ଏକ ରୋ'ରୁ ଶୁଣିବାକୁ ମିଳିବ। ସବୁଆଡ଼େ ଡିଜିଟାଲ ସ୍କ୍ରିନ ଚିକମିକ କରିବ। ଭିଣ୍ଟେଜ କାର ପ୍ରଦର୍ଶନୀରେ ଗୋଟିଏ ଠାରୁ ବଳି ଆଉ ଗୋଟିଏ ସୌଖୀନ କାରର ପ୍ରଦର୍ଶନୀ ଦେଖିବେ ଦର୍ଶକ। କଟକ-ଇନ-କଟକରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ମନଲାଖି ପରିବେଶ ସୃଷ୍ଟି ହେବ। ସେପଟେ ବଦଳିଯାଇଛି ବାଲିଯାତ୍ରା ବୋଇତ ଗେଟର ରଙ୍ଗରୂପ। ପୂର୍ବରୁ ଧୂସର ରଙ୍ଗରେ ଚିକିମିକ୍ ଆଲୁଅ ପଡ଼ିବା ପରେ ନୀଳ ସମୁଦ୍ରରେ ବୋଇତ ଯାତ୍ରା କରିବା ଭଳି ଲାଗୁଥିଲା। ଏବେ ବୋଇତର ରଙ୍ଗ ହାଲୁକା କମଳା ରଙ୍ଗର କରି ଦିଆଯାଇଛି। ତଳପଡ଼ିଆର କାର୍ତ୍ତିକେଶ୍ୱର ଗଡ଼ାରୁ ଆରମ୍ଭ ବାଲିଯାତ୍ରା ସିଲଭରସିଟି ବୋଟ କ୍ଲବ ଯାଏ ଲମ୍ବିଛି ବାଲିଯାତ୍ରାର ନବକଳେବର ରୂପ। କେବଳ ରୂପ ନୁହେଁ ଗତ କିଛି ବର୍ଷ ଧରି ଯିଏ ଯେଉଁଠି, ଯାହା ଯେଉଁଠି ଥିଲା ସେଥିରେ ବି ଅନେକ କିଛି ଏପଟସେପଟ ହେଉଛି। ତେଣୁ ଏଥର ବୁଲିବାକୁ ଆସୁଥିବା ଦର୍ଶକଙ୍କୁ ଏକ ନିଆରା ଅନୁଭବ ଦେବ କଟକ ବାଲିଯାତ୍ରା।

ଆଉ କିଛି ମୁହୂର୍ତ୍ତର ଅପେକ୍ଷା। ଐତିହାସିକ କଟକ ବାଲିଯାତ୍ରାର ଶୁଭାରମ୍ଭ ହେବ। ମହାନଦୀ ପଠାର ୬୦ ଏକର ପରିମିତ ଜମିରେ ଏଥର ମେଳା ଜମିବ। ପ୍ରଥମଥର ଏତେବଡ଼ ବିସ୍ତୀର୍ଣ୍ଣ ଇଲାକାରେ ବାଲିଯାତ୍ରା ହେଉଥିବାବେଳେ ଆୟୋଜକ ଭାବେ ଜିଲ୍ଲା ପ୍ରଶାସନ ଛୋଟବଡ଼ ସଂସ୍କାର ଆଣି ମେଳାକୁ ସରସ ସୁନ୍ଦର ଭାବେ ଆୟୋଜିତ କରିବାକୁ ଅଣ୍ଟା ଭିଡ଼ିଛି। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ତଳ ବାଲିଯାତ୍ରା ପଡ଼ିଆ ଉପରେ ନଜର ପକାଇଲେ, ଏଥର ମୋଟ ୧୪ ଲକ୍ଷ ୭୬ ହଜାର ୮୭୦ ବର୍ଗଫୁଟ ପରିମିତ ଜମିକୁ ପ୍ଲଟ ଭାବେ ଆବଣ୍ଟନ କରାଯାଇଛି। ୧ ହଜାର ୬୫୪ ଜଣ ବ୍ୟବସାୟୀ ଅଂଶ ଗ୍ରହଣ କରିବେ। ଏଥିରୁ ୩ ଲକ୍ଷ ୪ ହଜାର ୯୨୦ ବର୍ଗଫୁଟ ଜମିରେ ଜାତୀୟ ପଲ୍ଲିଶ୍ରୀ ମେଳା ଜମିବ। ୪୦ ହଜାର ବର୍ଗଫୁଟ ଲେଖାଏଁ ଜମି ଗୋଲ୍ଡ ଓ ପ୍ଲାଟିନମ ପୃଷ୍ଠପୋଷକଙ୍କୁ ପ୍ରଦାନ କରାଯାଇଛି। ୧ ଲକ୍ଷ ୮୦ ହଜାର ବର୍ଗଫୁଟ ଜମିରେ ଚକ୍ରି ଜୋନ କରାଯାଇଛି। ୧ଲକ୍ଷ ୭୪ ହଜାର ବର୍ଗଫୁଟ ଜମି କେନ୍ଦ୍ରୀୟ ଖଦି ଭଣ୍ଡାର, ୧ ଲକ୍ଷ ୨୧ ହଜାର ବର୍ଗଫୁଟ ଭେଣ୍ଡିଂଜୋନ ରହିବ।

ହଜାର ବର୍ଷର ସହର କଟକ। ପୁଣି ଦୁଇପଟେ ଦୁଇ ନଦୀ ମହାନଦୀ ଓ କାଠଯୋଡ଼ି। ଏହି ଦୁଇ ନଦୀ ଭିତରେ ରହିଛି କଟକିଆଙ୍କ ଜୀବନ ଧାରା। ବର୍ଷକୁ ଥରେ ବାଲିଯାତ୍ରା ହେଉଛି କଟକିଆଙ୍କ ଅଘୋଷିତ ସର୍ବବୃହତ୍ ଯାତ୍ରା। ଚଳିତ ଥର କଟକ-ଇନ-କଟକରେ ପାଖାପାଖି ୧୬୦୦ ଷ୍ଟଲ ପଡ଼ିଥିବାବେଳେ ଭିଡ଼ ନିୟନ୍ତ୍ରଣ ପାଇଁ କମିସନରେଟ ପୁଲିସ ପକ୍ଷରୁ ୫୦ ପ୍ଲାଟୁନ ଫୋର୍ସ ଓ ୩୦୦ ଅଫିସର ମୁତୟନ ହେବେ। ତେବେ ସବୁଠାରୁ ବଡ଼କଥା ହେଉଛି ଏଥର ବାଲିଯାତ୍ରାରେ ବିଶ୍ୱ ରେକର୍ଡ଼ କରିବାପାଇଁ ପ୍ରଶାସନ ତିନୋଟି ପଦକ୍ଷେପ ନେଇଛି। ଶାଳପତ୍ରରେ ଦଶହଜାର ଗ୍ରୀନ ବୋଟ ତିଆରି କରାଯିବ। କଟକ-ଇନ-କଟକ ଭିତରେ ଏକ ଲକ୍ଷ ବହି ସଂଗ୍ରହ କରି ମାଗଣାରେ ବଣ୍ଟାଯିବ। ବାଲିଯାତ୍ରାକୁ ଆସୁଥିବା ଲୋକମାନଙ୍କର ମତାମତକୁ ସଂଗ୍ରହ କରିବା ପାଇଁ ଷ୍ଟିକିଂ ନୋଟସ୍ ବୋର୍ଡ଼ରେ ଲଗାଯିବାକୁ ପ୍ରଶାସନ ବ୍ୟବସ୍ଥା କରିଛି। ସେହିପରି ବାଲିଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମେଳାର ମାନ୍ୟତା ଦେବା ପାଇଁ ଏଥର ଇଣ୍ଡୋନେସିଆ ଓ କୋରିଆରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଟିମ୍ ଆସୁଛନ୍ତି। ଚଳିତ ବାଲିଯାତ୍ରାର ବ୍ୟବସ୍ଥା ଟିକିଏ ବଦଳିଛି। କାର୍ତ୍ତିକେଶ୍ୱର ଗଡ଼ାରୁ ବାଲିଯାତ୍ରାରୁ ଆରମ୍ଭ ହେବ। ବୋଇତ ତୋରଣରୁ ମହାନଦୀ ଆଡ଼କୁ ମୁହଁ କରି ଛିଡ଼ା ହେଲେ ବାମ ପାର୍ଶ୍ୱରେ ପ୍ରାୟ ଦୁଇଶହରୁ ଅଧିକ ଷ୍ଟଲ ବ୍ୟବସ୍ଥା କରାଯାଇଛି। ଏହି ପାର୍ଶ୍ୱରେ ସାଧାରଣତଃ ଏତେ ଷ୍ଟଲ ପୂର୍ବରୁ ରୁହେନାହିଁ କିନ୍ତୁ ଚଳିତଥର ବାଲିଯାତ୍ରାର କାୟା ବୃଦ୍ଧି କରାଯାଇଥିବାରୁ ଏହି ପାର୍ଶ୍ୱକୁ ଷ୍ଟଲ ଅଧିକ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବୋଇତ ତୋରଣରୁ ଡାହାଣ ପାର୍ଶ୍ୱକୁ ଜାତୀୟ ପଲିଶ୍ରୀ ମେଳା, ଏମଏସଏମଇ ପାଭିଲିୟନ, ଏକ୍ସପେରିଏନ୍ସ ଜୋନ, ଭିଣ୍ଟିଜେ କାର ପ୍ରଦର୍ଶନୀ, ଖଦି ଭଣ୍ଡାର, ଡ୍ରମ ସୋ' ସହିତ ଅକ୍ଷୟ ମହାନ୍ତି ମଞ୍ଚ ରହିଛି। ତେଣୁ ମାତାମଠ ପାର୍ଶ୍ୱରୁ ଗାଡ଼ି ପାର୍କିଂ କରି ବାଲିଯାତ୍ରାରେ ପ୍ରବେଶ କରିଲେ ଲୋକେ ଗାଡ଼ି ଷ୍ଟାଣ୍ଡ ପାଖରୁ ଏ ସର୍ବବୃହତ୍ ଯାତ୍ରାର ମଜା ଉଠାଇ ପାରିବେ। ଅକ୍ଷୟ ମହାନ୍ତି ମଞ୍ଚ ପାର୍ଶ୍ୱରେ ଗୋଲଡ଼ ବ୍ଲକ କରାଯାଇଛି। ଯେଉଁଠି ଏହି ପୃଷ୍ଠପୋଷକଙ୍କୁ ସେମାନଙ୍କ ପାଭିଲିୟନ କିମ୍ବା ଷ୍ଟଲ କରିବାର ସୁଯୋଗ ଦିଆଯାଇଛି। ସେହିପରି ବୈଷ୍ଣବ ପାଣି ମଞ୍ଚ ପାର୍ଶ୍ୱରେ ପ୍ଲାଟିନମ ବର୍ଗର ପୃଷ୍ଠପୋଷକଙ୍କୁ ପ୍ରଦାନ କରାଯାଇଛି। ଗତବର୍ଷ ପରି ମହାନଦୀ କୂଳରେ ଏଥର ଗ୍ରୀନ କରିଡ଼ର ରହିଛି ଓ ମହାନଦୀରେ ଏଥର ତିନିଦିନ ଧରି ଲେଜର ଲାଇଟ ସୋ' କରାଯିବ।

କଟକ ବାଲିଯାତ୍ରାର ଗୋଟିଏ ବିଶେଷତ୍ୱ କ'ଣ ଜାଣିଛନ୍ତି ? ଏଠି ଛୁଞ୍ଚି ଠାରୁ ଡ଼ିଙ୍କି ମିଳେ, ଗଙ୍ଗଶିଉଳି ପତ୍ର ଠାରୁ ଆରବୀୟାନ ଖଜୁରି ବି ମିଳେ, ଆଗତ ବାହାଘରର ଝିଅ ସାଜପାଇଁ ସାମଗ୍ରୀ ସବୁ ଏଇଠି ଖରିଦ ବିକ୍ରି ହୁଏ। ବିଭିନ୍ନ ଅନୁଷ୍ଠାନ ନିଜକୁ ପ୍ରଦର୍ଶିତ କରିବାର ଉତ୍କୃଷ୍ଟ ମଞ୍ଚ ଏଠାରେ ପାଇଥାନ୍ତି। ତେବେ ବଡ଼ ଖୁସିର କଥା ଓଡ଼ିଶା ହାଇକୋର୍ଟର ତଥ୍ୟ ସୂଚନାଧର୍ମୀ କେନ୍ଦ୍ର ଏଠାରେ କାର୍ଯ୍ୟକ୍ରମ ସମ୍ପାଦନ କରିଥାନ୍ତି। ଓଡ଼ିଶା ହାଇକୋର୍ଟରେ ସ୍ୱତନ୍ତ୍ରତା, ପ୍ରତିଷ୍ଠା, ଐତିହ୍ୟ ସହ ଐତିହାସିକ ଆଇନ ନିର୍ଦ୍ଦେଶାବଳୀ ଏଠାରେ ସୂଚୀତ ଓ ପ୍ରଦର୍ଶିତ ହୋଇଥାଏ। ସରକାର ବାଲିଯାତ୍ରାରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଇଥାନ୍ତି ଆଉ ସତରେ ବାଲିଯାତ୍ରା ଏପରି ଏକ ଜାଗା ଯେଉଁଠି ନିଜକୁ ନିଜେ ଜଣେ ହଜାଇ ଦିଏ... ଆଉ ନିଜକୁ ବି ଖୋଜି ପାଇପାରେ ଗହଳି ଭିତରୁ।

+ଆଇନଜୀବୀ, ଓଡ଼ିଶା
ହାଇକୋଟ, କଟକ,
ମୋ: ୮୩୨୮୯୪୮୬୪୩






## ସୁର ତରଙ୍ଗିଣୀ

ବେଣୁଧର ସୂତାର

ଧୂର୍ଜଟି ଜଟା ମଣ୍ଡିତା ମୁଁ ଗଙ୍ଗା
ବିଷ୍ଣୁ ପଦ ସୃତ ସୁରଧୁନୀ
ତ୍ରିପଥ ଗାମିନୀ ପୀୟୂଷ ପ୍ଲାବିନୀ
ଗତିଶୀଳା ଏକ ଯାଜ୍ଞସେନୀ ।।

ବିଷ୍ଣୁପଦୀ ମୁଁ ଯେ ବିଷ୍ଣୁପଦରୁ
ଅବତରୀ ଆସି ଧରାତଳ
ଚିରନ୍ତନୀ ମୁହିଁ ଚିନ୍ମୟୀ ନଈ
ଦୁର୍ବାର ଗତି ମୋ ଚିରକାଳ ।।

ଦୁର୍ଗମ ପଥ ଚାରିଣୀ ମୁଁ ସଦା
ଅତଳେ ବିତଳେ ମହୀ ବକ୍ଷେ
ସ୍ୱର୍ଗରୁ ଆସି ମୁଁ ବହୁଛି ଧରାରେ
ଜୀବାତ୍ମା ମୁକ୍ତିର ମହାଲକ୍ଷ୍ୟ ।।

ଭୂଦେବୀର ମୁଁ ଯେ ମାନସ କନ୍ୟା
ଭୂମା ଠାରୁ କେବେ ନୁହେଁ ଭିନ୍ନ
କରୁଣା ସଲିଳ ବିତରି ବିତରି
ଆୟୁଷ ହୋଇନି କଦା କ୍ଷୁର୍ଣ୍ଣ ।।

ପବିତ୍ର ସଲିଳା ଲାବଣ୍ୟ ମଞ୍ଜୁଳା
ଏ ଧୂଳି ଧରଣୀ ବିପୁଳ ଅଙ୍ଗେ
ସ୍ନେହ ସଞ୍ଚିତ ଅନ୍ତର ମୋହର
ଦିବ୍ୟରୂପା ଦୟାମୟୀ ମୁଁ ଗଙ୍ଗେ।।

କେତେମରୁପଥେ ଭରିଦେଇଛି ମୁଁ
ଜୀବନର ମୁଗ୍ଧ ମାଧୁରିମା
ଚିର ବତ୍ସଳା ମୋ ଉପକୂଳ ଧାରେ
ସୃଜନରେ ଭରା ସବୁଜିମା ।।

ପୂତ ପୟୋଧାରେ ହରିମୁଁ ନେଇଛି
ଏ ମାଟି ମଣିଷ କ୍ଲେଶ କଳୁଷ
ମନ୍ଦାକିନୀ ମୁଁ ଯେ ମନ୍ଦ୍ର ଗାମିନୀ
ତୋଷଦାନେ ଭବ ଆଶୁତୋଷ ।।

ବନ୍ଧନ ଏଡାଇ ବନ୍ଧୁର ପଥେ ମୁଁ
ଜଗତେ ଦେଖାଏ ମୁକ୍ତି ମାର୍ଗ
ମୃତ୍ୟୁଞ୍ଜୟା ମୁହିଁ ମର୍ତ୍ତ୍ୟରେ ବହୁଛି
ତ୍ୟାଗ କରି ସୁଖ ଭୋଗ ସ୍ୱର୍ଗ ।।

ଅନେକ ସ୍ମୃତିର ଅଭିଲେଖ ଲେଖି
ମୋ ପବିତ୍ର ପୂତ ପୟୋଧାରେ
ଚିର ଅମଳିନ ଅଭିଯାନ ପଥେ
ବହୁଥାଏ ମୁହିଁ ନିର୍ବିକାରେ ।।

ସଦା ବନ୍ଦିତା ମୁଁ ଅଭିନନ୍ଦିତା
ପାପ ବିମୋଚନୀ ଦୁଃଖ ହାରିଣୀ
ଦୀନ ଦୁର୍ଗତର ଦୁର୍ଗତି ନାଶିନୀ
ସ୍ନେହ ମମତାର ତପସ୍ୱାରିଣୀ ।।

ତ୍ରିତାପ ନାଶିନୀ ପତିତ ପାବନୀ
ମୋକ୍ଷ ଓ ମୁକ୍ତିର ଜନନୀ ଗଙ୍ଗା
ଧୂଳି ସରଗର ଜୀବନ ଜାହ୍ନବୀ
ସର୍ବାର୍ଥ ସାଧିକା ଶକ୍ତିରେ ରଙ୍ଗା ।।

+କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬

# କ୍ରୋଧୀ ସିଂହ ଶେଷରେ ବୁଝିଲା

## ସୁବ୍ରତ ଦାସ



ଜଙ୍ଗଲରେ ହାତୀ ରଜା ହେବା ପରେ ସିଂହର କ୍ରୋଧ ବଢ଼ି ଯାଇଥିଲା । ଯେଉଁମାନେ ହାତୀ ସପକ୍ଷରେ ମତ ଦେଇଥିଲେ, ସିଂହ ସେମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସ୍ଥିର କରିଥିଲା । ସେଥିପାଇଁ ସିଂହ ତାର ସମର୍ଥକ ମାନଙ୍କୁ ଡାକି ହାତୀର ଆଦେଶ ନ ମାନିବାକୁ ପରାମର୍ଶ ଦେଇଥିଲା । ଯେପରି ପୂର୍ବରୁ ଜଙ୍ଗଲ ରେ ନିଜ ଇଚ୍ଛା ରେ ଶିକାର କରୁଥିଲେ, ସେପରି କରିବା ପାଇଁ ମତାଉଥିଲା । ଯିଏ ପ୍ରତିବାଦ କରିବ, ତାକୁ ଦଳବଦ୍ଧ ଭାବେ ମିଶି ଆକ୍ରମଣ କରିବେ ବୋଲି ସିଂହ ଚେତାବନି ଦେଇଥିଲା। ସିଂହର ସମର୍ଥକ ମାନେ ତାକୁ ବିଶ୍ୱାସ କରି ହଁ ମାରିଥିଲେ। ଏମିତି କିଛିଦିନ ବିତିଗଲା । ଅନେକ ସମୟରେ ସିଂହ ନିରୀହ ପଶୁପକ୍ଷୀ ମାନଙ୍କୁ ଶିକାର କରିବା ପାଇଁ ଧମକ ଦେଲା, ଭୟ ଦେଖାଇଲା । ନିରୀହ ଜୀବଜନ୍ତୁ ମାନେ ଡରି ହାତୀ ପାଖରେ ଆସି ଅଭିଯୋଗ କଲେ। ହାତୀ ସମସ୍ତଙ୍କ କଥା ଶୁଣିଲା। ଧୀର ଭାବରେ ହାତୀ ବୁଝାଇଲା; ଧୈର୍ଯ୍ୟ ଧର, ସମୟ ଆସିବ;



ସିଂହର କ୍ରୋଧ ଶାନ୍ତ ହୋଇଯିବ । ସମସ୍ତେ ହାତୀ ଉପରେ ବିଶ୍ୱାସ ରଖି ଜଙ୍ଗଲ ଭିତରକୁ ଚାଲିଗଲେ। ହାତୀ ଖୁବ୍ ଧୈର୍ଯ୍ୟ ବାନ ଥିଲା । ସମସ୍ତଙ୍କର ଭଲ, ମନ୍ଦ, ଅସୁବିଧା ସମୟରେ ପହଞ୍ଚି ସାହାଯ୍ୟ ସହଯୋଗ କରେ ବୋଲି ଜଙ୍ଗଲର ସବୁ ପଶୁ ପକ୍ଷୀ ମାନେ ତାକୁ ଖୁବ୍ ଆଦର କରନ୍ତି । ସେଥିପାଇଁ ତାଙ୍କୁ ଜଙ୍ଗଲର ରଜା ମଧ୍ୟ କରିଛନ୍ତି । ଦିନେ କ୍ରୋଧୀ ସିଂହଟି ତାର ଶାବକକୁ ନେଇ ଜଙ୍ଗଲର ଶେଷ ଭାଗ ଆଡ଼କୁ ଶିକାର କରିବା ପାଇଁ ଯାଇଥାଏ । ସିଂହ ସାଙ୍ଗରେ ତାର କିଛି ଅନୁଚର ଗଧିଆ, ବିଲୁଆ, କୋକି ଶିଆଳ ଥାଆନ୍ତି। ଜଙ୍ଗଲର ଶେଷ ଭାଗରେ ଗୋଟିଏ ଭଙ୍ଗା କୂଅ ଥିଲା । କୂଅଟି ମଧ୍ୟ ଗଭୀରିଆ ହୋଇଥାଏ । ବହୁ ଜୀବ ଜନ୍ତୁ ଅସାବଧାନ ବଶତଃ ସେହି କୂଅରେ ପଡି ଆଗରୁ ପ୍ରାଣ ହରାଇଛନ୍ତି । ଥରେ ହାତୀ ଜଙ୍ଗଲରେ ସଭା କରି କହିଥିଲା, ଜଙ୍ଗଲ ଶେଷ ଭାଗରେ ଗୋଟିଏ ବିପଦ କୂଅ ଅଛି। କୌଣସି ଜୀବ ଜନ୍ତୁ ସେଠାକୁ ଯିବ ନାହିଁ । ତେଣୁ ସେହି ସ୍ଥାନଟିକୁ ଜାଣିବା ପାଇଁ କିଛି ଆମ୍ବଗଛ ଗୋଲାକାର ଭାବେ କୂଅ ଚାରିପଟେ ସେଠାରେ ଲଗାଯାଇଥିଲା । ସମସ୍ତଙ୍କୁ ବାରଣ କରାଯାଇଥିଲା, ଆମ୍ବ ଗଛ ଗୁଡ଼ିକୁ ଚିହ୍ନି ସେ ସ୍ଥାନକୁ କୌଣସି ଜୀବଜନ୍ତୁ ନ ଯିବା ପାଇଁ । ମାତ୍ର ସିଂହ ହାତୀର କଥା ନ ମାନି ତା ଦଳ ବଳ ଧରି ଶିକାର କରିବାକୁ ସେଠାକୁ ଯାଇଥିଲା । ସେଠାରେ ସିଂହ ଶାବକଟି ଡିଆଁ ମାରି ଖେଳୁ ଖେଳୁ ହଠାତ୍ ଭଙ୍ଗା କୂଅରେ ପଡି ଯାଇଥିଲା । ଗଧିଆ ପଡ଼ିଯିବା ଶବ୍ଦ ଶୁଣି ପଡ଼ିଗଲା.. ପଡ଼ିଗଲା ଚିତ୍କାର କରି ସିଂହକୁ କହିଲା । ସମସ୍ତେ ବ୍ୟସ୍ତ ହୋଇ ଦେଖିଲା ବେଳକୁ ସିଂହ ଶାବକଟି ସତରେ କୂଅ ଭିତରେ ପଡି ଯାଇଛି । ସିଂହ ଖୁବ୍ ବ୍ୟସ୍ତ ହୋଇପଡ଼ିଲା । ଶାବକଟିକୁ କିପରି କୂଅରୁ ଉଦ୍ଧାର କରାଯିବ, ସବୁ ବୁଦ୍ଧି ବାହାର କଲେ ହେଲେ କିଛି କାମ ଦେଲାନି। ଏହି ସମୟରେ ବିଲୁଆ କ୍ଷୀପ୍ର ଗତିରେ ଆସି ହାତୀ ପାଖରେ ପହଞ୍ଚିଲା । ସେତେବେଳେ ହାତୀ ବରଗଛ ମୂଳେ ଶୋଇଥାଏ। ବିଲୁଆର କଥା ଶୁଣି ହାତୀ ଧଡ଼ପଡ ହୋଇ ଉଠି ପଡ଼ିଲା ଓ ଜଙ୍ଗଲ ଭିତରକୁ ଦୌଡିଲା । ସିଂହ ଏଣେ ବ୍ୟସ୍ତ ହୋଇ ଗର୍ଜନ କରୁଥାଏ । ସିଂହର ଗର୍ଜନ ଶୁଣି ଅଳ୍ପ ସମୟ ଭିତରେ ସବୁ ପଶୁ ପକ୍ଷୀ ମାନେ ରୁଣ୍ଡ ହୋଇଗଲେ । ହେଲେ କେହି କିଛି କରି ପାରୁନଥିଲେ । ମାତ୍ର ହାତୀ ପହଞ୍ଚି ଦେଖିଲା, କୂଅ ଭିତରେ ସିଂହ ଶାବକଟି ଭାରି ଯନ୍ତ୍ରଣା ପାଉଛି । ସେତାର ଶୁଣ୍ଢକୁ କୂଅ ଭିତରକୁ ବଢ଼ାଇଲା । କିନ୍ତୁ ଶୁଣ୍ଢ ପାଉ ନଥାଏ । ଆଉ ସମୟ ବିଳମ୍ବ ନକରି ହାତୀ ତା ଶୁଣ୍ଢରେ ଗୋଟିଏ ସରୁ ଆମ୍ବ ଗଛ ଉପାଡି ଦେଲା ଏବଂ ମୂଳ ସହ ଗଛଟିକୁ କୂଅ ଭିତରକୁ ପକାଇଲା । ଗଛର ମୂଳ ସିଂହ ଶାବକ ପାଖକୁ ଲାଗିଗଲା । ସଙ୍ଗେ ସଙ୍ଗେ ସିଂହ ଶାବକଟି ଗଛ ଉପରେ ଚଢ଼ି ଅଗ୍ରଭାଗକୁ ଉଠି ଆସିଲା । ହାତୀ ତା ଶୁଣ୍ଢ ବଢାଇ ଶାବକକୁ ଉପରକୁ ନେଇ ଆସିଲା । ଶାବକଟି ଖୁବ୍ ଖୁସି ହୋଇ ସିଂହ ପାଖକୁ ଦୌଡି ଗଲା । ସିଂହ ତାକୁ ଗେହ୍ଲା କରି ତା ଜିଭରେ ଚାଟି ପକାଇଲା । ସବୁ ପଶୁ ପକ୍ଷୀ ମାନେ ଏ ଦୃଶ୍ୟ ଦେଖି ଖୁବ୍ ଖୁସି ହୋଇଗଲେ । ସିଂହର କ୍ରୋଧ ପାଣି ଭଳି ମିଳାଇଗଲା । ତାର ଶତ୍ରୁତା ହାର ମାନିଲା। ନିଜର ଭୁଲ ବୁଝିପାରିଲା ଏବଂ ଅପମାନିତ ମନେକରି ହାତୀ ଆଗରେ ଗୋଡ଼ ଯାକି ବସି ପଡ଼ିଲା । ହାତୀ ତା ଶୁଣ୍ଢରେ ସିଂହକୁ ଆଉଁସି ଦେଲା। ସବୁ ପଶୁ ପକ୍ଷୀ ହାତୀକୁ ପ୍ରଶଂସା କଲେ । ସିଂହ ନିଜର ଭୁଲ ବୁଝି ପାରିଲା ଏବଂ ସମସ୍ତଙ୍କୁ କହିଲା, ବିପଦ ସମୟରେ ସାହାଯ୍ୟ କରିବା ହିଁ ପ୍ରକୃତ ବନ୍ଧୁ । ସେହିଦିନଠାରୁ ସିଂହ ହାତୀର ଉପଦେଶ ମାନିଲା ।


+ରାଜେନ୍ଦ୍ରପୁର, ବାରିକପୁର ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩


# ଗଛ ଲଗାଇବା କାହା ପାଇଁ

## ଲୀଳାବତୀ ପରିଡ଼ା

ଉଦୁଉଦିଆ ଖରା ବେଳରେ
ଆମ ପିରିୟ ଅଜା
ଶାବଳ ଧରି ଖୋଳୁଛ ଗାତ
ଲାଗୁଛି ଅବା ମଜା।

କହିଲେ ଅଜା ଶୁଣରେ ମୁନା
ଗଛ ଲାଗିବା ପାଇଁ
ଖୋଳୁଛି ଗାତ ସାର ଓଷଧ
ଗୋବର ଦେବା ତହିଁ।

ବରଷା ହେଲେ ରୋଇବା ଗଛ
ହୋଇବ ଧୀରେ ବଡ଼
କେତେ ବିପଦୁ ରଖିବ ସିଏ ସହି ବତାସି ଝଡ।

ଦେବ ଆମକୁ ଅମଳଜାନ
କେଡେ ଶୀତଳ ଛାଇ
ଫଳ ଫୁଲରେ ଉଠିବ ପୂରି
ଦେଖିବ ଦୁଇ ଭାଇ।

ରଖିବ ସଫା ପରିବେଶକୁ ଦେବ
ଝୁଣା ଓ ଲାଖ
ଜାତି ଜାତିକା ପରଜାପତି
ଉଡ଼ିବେ ଆଖ ପାଖ।

କୋଇଲି ବସି ଗାଇବ ଗୀତ
ଭଅଁର ଥିବେ ଉଡ଼ି
ମହୁମାଛି ଯେ ଶୋଷିବେ ମହୁ
ବସି ଫୁଲର କଢ଼ି।

ମୁନା ଓ କୁନା କହିଲେ
ଅଜା ବୟସ ତୁମ କେତେ
ସତୁରୀ ଆସି ହେଲାଣି ପରା
ସପନ ଦେଖ ଏତେ।

ବଢିବ ଗଛ ଫଳିବ ଫଳ
ଖାଇବ କେବେ ତୁମେ
କହିଲେ ଅଜା ଖାଉଛେ ଯାହା
ରୋଇଥିଲେ କି ଆମେ।

ଥିଲେ କେ ରୋଇ ଆମେ ଖାଉଛେ ଆମେ
ରୋଇବା ଏବେ ପରେ ଆସି
ଖାଇବେ ଫଳ ଖୁସି ହୋଇବେ ତେବେ।

ଭଲ କଥାଟି କହିଲ ଅଜା
ଖୁସି ହୋଇଲୁ ଆମେ
ମଠ ନ କରି ଲାଗିବୁ ଏବେ
ଗଛ ଲାଗିବା କାମେ।


+କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
ମୋ : ୯୮୬୧୯୪୫୬୨୬


# ପକ୍ଷୀଟିଏ ହୁଅନ୍ତି କି

## ପ୍ରଦ୍ୟୁମ୍ନ ପଟ୍ଟନାୟକ





ରବିବାର ଛୁଟି ଥିବାରୁ ମିଲି ତା' ବାପା ମା'ଙ୍କ ସହ ଯାଇଥିଲା ତା' ମାମୁଘର । ତା' ମାମୁ ମାଇଁଙ୍କ ପୁଅ ମଣ୍ଟୁ ତା'ର ବଡ଼ ଭାଇ । ଯେବେ ଦୁଇ ପରିବାର ଏକାଠି ହୁଅନ୍ତି ମଣ୍ଟୁ ଓ ମିଲି ଦୁଇ ଭାଇ ଭଉଣୀ ଖୁବ୍ ମଉଜ ମସ୍ତି କରନ୍ତି । ଏକା ସାଙ୍ଗରେ ଖେଳନ୍ତି, ଖାଆନ୍ତି, ଧାଁ ଦଉଡ଼ ହୁଅନ୍ତି । ସାଙ୍ଗ ହୋଇ ଗପ ବହି ପଢ଼ନ୍ତି । ଡ୍ରଇଁ କରି ସେଥିରେ ରଙ୍ଗ ମଡ଼ାନ୍ତି । ବଡ଼ମାନେ ତାଙ୍କ କଥା ବାର୍ତ୍ତା, ରନ୍ଧା ବଡ଼ାରେ ବ୍ୟସ୍ତ ଥିବା ବେଳେ ପିଲା ଦୁହେଁ ଖେଳିବା ପଢ଼ିବାରେ ଲାଗି ପଡ଼ନ୍ତି ।

ଶୀତ ଦିନ ଖରା ମଉଳି ଆସୁଥାଏ । ଖିଆ ପିଆ ସାରି ମଣ୍ଟୁ ଏବଂ ମିଲି ମିଶିକରି ଚାଲିଗଲେ ଛାତ ଉପରକୁ । ଛାତ ଉପରେ ରଖା ହୋଇଥାଏ ଗୋଟିଏ କାଠର ଦୋଳି। ଭାଇ ଭଉଣୀ ସେ ଦୋଳିରେ ଝୁଲିବାକୁ ଲାଗିଲେ । କିଛି ସମୟ ଝୁଲିବା ପରେ ଘର ଛାତ ଉପରେ ଠିଆ ହୋଇ ଚାରିଆଡ଼କୁ ଦେଖିଲେ । ଅନ୍ୟମାନଙ୍କ ଘରର ଛାତ ସହ ଦେଖା ଯାଉଥାଏ ଆଖ ପାଖରେ ଥିବା କେତେ ଫୁଲ ଫଳ ଗଛ । ଫୁଲ ଗଛ ଗୁଡ଼ିକରେ କେତେ ରଙ୍ଗ ବେରଙ୍ଗ ଫୁଲ ଫୁଟି ଥାଏ । ପିଜୁଳି, ଡାଳିମ୍ବ, କଦଳୀ ଆଦି ଗଛରେ ଫଳ ଝୁଲୁଥିବା ଛାତ ଉପରୁ ଦିଶୁଥାଏ ।

ମଣ୍ଟୁ ଓ ମିଲି ଦେଖିଲେ ଧୀରେ ଧୀରେ ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତ ହେଉଥାଆନ୍ତି । ଆକାଶ ଲାଲ ଦେଖାଯାଉଥାଏ । ଏପଟେ ଶୁକ୍ଳ ପକ୍ଷ ଥିବାରୁ ଆକାଶରେ ଜହ୍ନ ଆଲୁଅ ଉଜ୍ଜ୍ୱଳ ହେବାକୁ ଲାଗିଥାଏ । ଦଳ ଦଳ ପକ୍ଷୀ ଉଡ଼ି ଯାଉଥିବା ଦେଖି ମିଲି ପଚାରିଲା, 'ମଣ୍ଟୁ ଭାଇ, ଇୟେ ସବୁ କେଉଁ ପକ୍ଷୀ ? ପୁଣି କୁଆଡ଼େ ଉଡ଼ି ଯାଉଛନ୍ତି ? ମଣ୍ଟୁ ପଞ୍ଚମ ଶ୍ରେଣୀରେ ପଢ଼ିଲାଣି । ତେଣୁ ପଶୁ ପକ୍ଷୀଙ୍କ ବିଷୟରେ କେତେ କଥା ଜାଣିଲାଣି । ସେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ତା' ସାନ ଭଉଣୀ ମିଲିକୁ କହିଲା, 'ସୂର୍ଯ୍ୟ ଅସ୍ତ ହେବା ବେଳ ହେଲେ ପକ୍ଷୀମାନେ ନିଜ ନିଜ ଘରକୁ ଫେରି ଯାଆନ୍ତି । ସକାଳ ହେଲ ପୁଣି ଉଡ଼ି ବୁଲନ୍ତି ଖାଇବା ଖୋଜି ଖୋଜି । ଇୟେ ଯେଉଁ ପକ୍ଷୀ ଦେଖିଲୁ ସେଗୁଡ଼ିକ ଘୁମୁରି ପାରା, ଭାରି ନିରୀହ ପକ୍ଷୀ । ତେଣୁ ଲୋକମାନଙ୍କ ଘରେ, ମନ୍ଦିରରେ ବସା କରି ରହନ୍ତି।'

ମିଲି କହିଲା, 'ମଣ୍ଟୁ ଭାଇ ମୋର କ'ଣ ଇଚ୍ଛା ହେଉଛି କହିବି ?'

ମଣ୍ଟୁ କହିଲା, 'ହଉ କହ ତୋର କ'ଣ ଇଚ୍ଛା ହେଉଛି ?'

ମୋର ଇଚ୍ଛା ହେଉଛି ମୁଁ ଗୋଟେ ପକ୍ଷୀ ହୋଇ ଯାଆନ୍ତା କି, ମୋର ଡେଣା ଲାଗି ଯାଆନ୍ତା । ମୁଁ ଆକାଶରେ ଉଡ଼ି ବୁଲନ୍ତି । ମୋତେ ବହୁତ ମଜା ଲାଗନ୍ତା ।

ମଣ୍ଟୁ ପଚାରିଲା,'ଆଚ୍ଛା ମିଲି କେଉଁ ପକ୍ଷୀ ହେବାକୁ ତୋର ପସନ୍ଦ ?' ସଙ୍ଗେ ସଙ୍ଗେ ମିଲି କହିଲା, 'ମୋତେ ଏଇ ଘୁମୁରି ପାରା ପସନ୍ଦ । ମୁଁ ଗୋଟିଏ ପାରା ହେବି।'

ମଣ୍ଟୁ କହିଲା, 'ଜାଣିଛୁ ଏ ପାରା ଗୁଡ଼ିକୁ ବେଳେ ବେଳେ ଶିକାର କରିବାକୁ ଚିଲ ଆସିଥାଏ। ତାଙ୍କୁ ମାରିବାକୁ ଗୋଡ଼ାଏ । ତା' ମୁନିଆ ନଖରେ ଝାମ୍ପି ନିଏ।'

ତା ' ହେଲେ ମଣ୍ଟୁ ଭାଇ ମୁଁ ଗୋଟେ ଚିଲ ହେବି । ମୋତେ ଆଉ କାହାର ଶିକାର ହେବାକୁ ପଡ଼ିବନାହିଁ । ମଣ୍ଟୁ କହିଲା, ତୁ ଯଦି ଚିଲ ହେବୁ ତୋତେ କେହି ଭଲ ପାଇବେ ନାହିଁ । ତୋଠୁ ସବୁ ଦୂରେଇ ହୋଇ ରହିବେ। ସେଥିପାଇଁ ପରା ଚିଲ ଏକୁଟିଆ ଏତେ ଉପରେ ଉଡୁଥାଏ । ସବୁବେଳେ ଶିକାର ଖୋଜୁଥାଏ । କେହି ତା' ସହ ସାଙ୍ଗ ହୁଅନ୍ତି ନାହିଁ । ଶିକାରୀ ପକ୍ଷୀ ଭାବି ସମସ୍ତେ ତାକୁ ଡରନ୍ତି ।

ତା' ହେଲେ ମଣ୍ଟୁ ଭାଇ ମୁଁ କେଉଁ ପକ୍ଷୀ ହେବି ? ମଣ୍ଟୁ କହିଲା, 'କେତେ ଜନ୍ମ ପରେ ଆମେ ମଣିଷ ହୋଇ ଜନ୍ମ ନେଇଛନ୍ତି । ତୁ କାହିଁକି ପକ୍ଷୀ ହେବାକୁ କହୁଛୁ ? ନିରୀହକୁ ଆକ୍ରମଣ କରିବା ପରା ପଶୁ ପକ୍ଷୀଙ୍କ ବିଚାର। ସେ ହିଁ ତାଙ୍କ ଦୁନିଆ । ପାରାକୁ ଚିଲ ଝାମ୍ପି ନିଏ । ବଣ ଜଙ୍ଗଲରୁ ଗଛ ବୃଛ କଟା ହେବେରୁ ଚିଲ ବିଜୁଳି ଖୁଣ୍ଟରେ ବସା ତିଆରି କରେ । କେବେ କେବେ ବିଜୁଳି କରେଣ୍ଟ ଲାଗିଲେ କିମ୍ବା ବିଷାକ୍ତ ଖାଦ୍ୟ ଖାଇ ଚିଲମାନେ ବି ମରି ଯାଆନ୍ତି । ସେହି ହେଉଛି ପକ୍ଷୀଙ୍କ ଜୀବନ ।'

ବେଳ ବୁଡ଼ି ଯିବାରୁ ମଣ୍ଟୁ ଓ ମିଲି ଛାତ ଉପରୁ ଓହ୍ଲାଇ ଆସିଲେ ।


+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬
ମୋ:୯୯୬୮୨୮୦୮୯୬


# କିଏ ଜିତେ କିଏ ହାରେ

## ସୁବ୍ରତ ମଲିକ





ଆଜିକୁ ବହୁତ ବର୍ଷ ପୂର୍ବର ଘଟଣା। ସେତେବେଳେ କଳିଙ୍ଗ ନାମକ ରାଜ୍ୟଟିଏ ଥିଲା। ରାଜା ଦତ୍ତାତ୍ରୟ ସେ ରାଜ୍ୟକୁ ଶାସନ କରୁଥିଲେ। ତାଙ୍କ ଦରବାରରେ ଜ୍ଞାନୀ ସିଂ ବୋଲି ଜଣେ ମନ୍ତ୍ରୀ କାର୍ଯ୍ୟ କରୁଥିଲେ। ମନ୍ତ୍ରୀ ଜ୍ଞାନୀ ସିଂ ଅନ୍ୟ ମନ୍ତ୍ରୀମାନଙ୍କ ଅପେକ୍ଷା ଅଧିକ ବୁଦ୍ଧିମାନ ଓ ଜ୍ଞାନୀ ଥିଲେ। ସେ କିନ୍ତୁ ଏଥିପାଇଁ ଗର୍ବ କରୁଥିଲେ ଓ ଅନ୍ୟମାନଙ୍କ ଆଗରେ ଫୁଟାଣି ମାରୁଥିଲେ। ତା'ର ଧାରଣା ଥିଲା ଯେ ତାକୁ କେହି ଜ୍ଞାନ, ବୁଦ୍ଧି ଆଉ ପ୍ରଶ୍ନ ଖେଳରେ ହରାଇପାରିବେ ନାହିଁ।

ରାଜାଙ୍କୁ ଏହା ଭଲ ଲାଗୁନଥିଲା। ଏଣୁ ରାଜା ଦତ୍ତାତ୍ରୟ ଏକ ଉପାୟ ପାଞ୍ଚିଲେ। ଯେମିତି ସାପ ମରିଯିବ କିନ୍ତୁ ବାଡ଼ି ଭାଙ୍ଗିବନି। ସେ ଶୁଣିଥିଲେ ଯେ ଷୋଳପାଟ ନାମକ ଗାଁରେ ରତନା ନାମକ ଜଣେ ବୃଦ୍ଧ ବିଦ୍ୱାନ ରହୁଛନ୍ତି। ସେ ବହୁତ ଚତୁର ଓ ଅଭିଜ୍ଞ ମଧ୍ୟ। ତେଣୁ ରାଜକାର୍ଯ୍ୟ ବାହାନାରେ ସେ ଜାଣିଶୁଣି ନିଜର ମନ୍ତ୍ରୀ ଜ୍ଞାନୀ ସିଂଙ୍କୁ ସେହି ଗ୍ରାମକୁ ପଠାଇଲେ। ସେହି ବୃଦ୍ଧ ବ୍ୟକ୍ତି ଜଣକ ସହିତ ମନ୍ତ୍ରୀ ଜ୍ଞାନୀ ସିଂର ଯଦି କେମିତି ଗୋଟେ ଭେଟଘାଟ ହୋଇଯାଏ ତେବେ ତା'ର ସବୁ ଗର୍ବ ଖର୍ବ ନିଶ୍ଚୟ ହୋଇଯିବ । ଏହି ଆଶାରେ ରାଜା ରହିଲେ।

ସେହି ଗ୍ରାମରେ ରତନାର ବହୁତ ଆଦର ଥିଲା। ସେ କେବଳ ବୁଦ୍ଧିମାନ ଏବଂ ଚତୁର ନ ଥିଲା, ବିପଦ ଆପଦ ସମୟରେ ଗାଁ ଲୋକଙ୍କୁ ସାହାଯ୍ୟ ମଧ୍ୟ କରୁଥିଲା। ଉଚିତ ପରାମର୍ଶ ଦେଉଥିଲା। ଭଲ ବାଟ ଦେଖାଉଥିଲା। ସେଥିପାଇଁ ଗାଁ ଲୋକେ ତା'କୁ ଭାରି ସମ୍ମାନ କରୁଥିଲେ ଓ ଭଲ ମଧ୍ୟ ପାଉଥିଲେ।

ମନ୍ତ୍ରୀ ଜ୍ଞାନୀ ସିଂ ସେହି ଗାଁରେ ଯେତେବେଳେ ପହଞ୍ଚିଲେ ଓ ସେ ବୃଦ୍ଧ ବ୍ୟକ୍ତି ବିଷୟରେ ଶୁଣିଲେ,ତାଙ୍କୁ ଏହା ପସନ୍ଦ ଆସିଲା ନାହିଁ। ଲୋକମାନେ ତାଙ୍କ ପାଖକୁ ନ ଆସି ଛାର ବୃଦ୍ଧ ଲୋକ ପାଖକୁ ଯାଉଥିବାର ଦେଖି ତାଙ୍କର ମନ୍ତ୍ରୀ ପଦ ମୂଲ୍ୟହୀନ ଅନୁଭବ କଲେ। ନିଜକୁ ଅପମାନିତ ବୋଧେ କଲେ। ତେଣୁ ସେ ସ୍ଥିର କଲେ ସେହି ବୃଦ୍ଧ ବ୍ୟକ୍ତି ସହିତ ଏକ ପହେଳି ପ୍ରତିଯୋଗିତା କରିବେ ଓ ତାଙ୍କୁ ହରାଇବେ। ଏହା ଦ୍ୱାରା ଗାଁ ଲୋକମାନେ ଜାଣିବେ ଯେ ବୃଦ୍ଧ ରତନା ଅପେକ୍ଷା ତା ଜ୍ଞାନ ଅଧିକ। ଫଳରେ ଲୋକମାନେ ଆଉ ତା ପାଖରେ ଆଉ ଭିଡ଼ ଲଗେଇବେ ନାହିଁ।

ଏହିପରି ଭାବି ମନ୍ତ୍ରୀ ଜ୍ଞାନୀ ସିଂ ବୃଦ୍ଧ ରତନା ପାଖକୁ ଗଲା। ତା'କୁ ପହେଳି ପ୍ରତିଯୋଗିତା ପାଇଁ ଆହ୍ୱାନ କଲା। ବୃଦ୍ଧ ରତନା ନିଜର ଅଭିଜ୍ଞତା ବଳରେ ଜାଣିପାରିଲା ଯେ ଇଏ ରାଗ ଆଉ ହିଂସା ଯୋଗୁଁ ଏପରି କହୁଛି। ଏକୁ ବୁଝେଇଲେ ବି ଶୁଣିବ ନାହିଁ। ତେଣୁ ତା ସହିତ କୌଣସି ତର୍କ ନକରି ରାଜି ହୋଇଗଲେ। ଯିଏ ଜିତିବ ସିଏ ସବୁଠାରୁ ଜ୍ଞାନୀ ଓ ବୁଦ୍ଧିମାନ ରୂପେ ଘୋଷଣା ହେବ ବୋଲି ସର୍ତ୍ତ ରହିଲା। ଏହା ସହିତ କଥା ହେଲା ଯେ ଉଭୟେ ଉଭୟଙ୍କୁ ତିନୋଟି ଲେଖାଏଁ ପହେଳି ପଚାରିବେ । ଯଦି କେହି କେଉଁ ପହେଳିର ଉତ୍ତର ଭୁଲ କୁହେ, ତେବେ ସେଇଠି ହିଁ ସେ ପରାଜୟ ସ୍ୱୀକାର କରିବ । ଆଗକୁ ଆଉ କୌଣସି ପହେଳି ପଚରାଯିବ ନାହିଁ।

ମନ୍ତ୍ରୀ ଜ୍ଞାନୀ ସିଂ ପ୍ରଥମ ପହେଳି କହିବା ଆରମ୍ଭ କଲା -

" ମାମୁଁ ଘରେ ଗୋଠେ ଗାଈ,
ରାତି ପାହିଲେ ଗୋଟେ ନାହିଁ.." ।

"ତାରା"-ବୋଲି ଉତ୍ତର ମିଳିଲା।

ପୁଣି ସେ ଦ୍ୱିତୀୟ ପହେଳି ପଚାରିଲା -

"ଗୋଟିଏ ଗୁମ୍ଫାର ଦୁଇଟି ବାଟ
ଗୁମ୍ଫାରେ ଲାଗେନି କେବେ କବାଟ,
ଗୁମ୍ଫାଟି ଜୀବନ ଦ୍ୱାର
ନାଆଁଟି କୁହ ଯେ ତା'ର..।।

"ନାକ"- ବୋଲି ସାଙ୍ଗେସଙ୍ଗେ ଜବାବ ଆସିଲା।

ମନ୍ତ୍ରୀ ଜ୍ଞାନୀ ସିଂ ଏଥର ତୃତୀୟ ପହେଳି ପଚାରିଲେ।

"କଟକରୁ ଆସିଲା ଡେଙ୍ଗା ମହାନ୍ତି,
ଅଇଁଠା ତାହାର ସବୁ ଖାଆନ୍ତି"।

ଏଥର ବୃଦ୍ଧ ରତନା ଉତ୍ତର ଦେଲା - ଢ଼ିଙ୍କି।

ଏହିପରି ସବୁ ପହେଳିର ଉତ୍ତର ଠିକ ଶୁଣି ମନ୍ତ୍ରୀ ଜ୍ଞାନୀ ସିଂର ଅକଲ ଗୁଡୁମ ହୋଇଗଲା।

ଏବେ ବୃଦ୍ଧ ରତନାର ପହେଳି ପଚାରିବାର ପାଳି ପଡ଼ିଲା ଓ ସେ କହିଲା-

"ଖାଇଲେ ଫଳ ସେ ଆଙ୍କିଲେ ରଙ୍ଗ,
ଡାକିଲେ ଅଟଇ ଝିଅ,
ଝଅଟି ଉତ୍ତର କୁହ.." ।

ଏମିତିକା ପହେଳି ମନ୍ତ୍ରୀ ମହୋଦୟ ଆଗରୁ କେବେ ଶୁଣି ନଥିଲେ। ଉତ୍ତର ଭୁଲ ଦେଲେ ଗାଁ ଲୋକଙ୍କ ଆଗରେ ଅପଦସ୍ଥ ହେବେ ବୋଲି ଭାବି ଭାବି ତା ଦେହ ଶୀତେଇ ଉଠୁଥିଲା । ବାଧ ହୋଇ କୌଣସି ଉତ୍ତର ନ ଦେଇ ସେ ନିଜର ପରାଜୟ ସ୍ୱୀକାର କଲେ। ଏହା ଦେଖି ଉପସ୍ଥିତ ଗାଁ ଲୋକମାନେ ବୃଦ୍ଧ ରତନାର ଜୟ ଜୟକାର କଲେ। ଗାଁରେ ତା'ର ଆଦର ଓ ସମ୍ମାନ ଆହୁରି ବଢ଼ିଗଲା।

ଏହା ପରେ ମନ୍ତ୍ରୀ ଜ୍ଞାନୀ ସିଂ ଯେଉଁ ରାଜକାର୍ଯ୍ୟ ପାଇଁ ଆସିଥିଲେ, ସେହି କାର୍ଯ୍ୟ ତୁରନ୍ତ ସାରି ରାଜଉଆସକୁ ଫେରିଗଲେ। ଫେରିଗଲାବେଳେ ନିଜ ସହିତ ଆଣିଥିବା ଗର୍ବ ଆଉ ଅହଙ୍କାର ତାଙ୍କ ସାଥିରେ ନଥିଲା, ଥିଲା ଯାହା ଅନୁତାପ ଓ ଅନୁଶୋଚନାର ଅନୁଚିନ୍ତା। ରାଜା ଦତ୍ତାତ୍ରୟ ଏ ଖବର ଶୁଣି ଖୁସି ହେଲେ ଓ ପୂର୍ବପରି ପୁଣି ନିଜକୁ ପ୍ରଜାମଙ୍ଗଳ କାର୍ଯ୍ୟରେ ନିୟୋଜିତ କଲେ।


+କୋରୁଆ, ଅସୁରାଳି, ଭଦ୍ରକ
ମୋ: ୭୦୦୮୩୧୫୯୧୬


# ସୁନ୍ଦର ହସ୍ତାକ୍ଷର ଲିଖନ

## ଅସୀମା ପ୍ରଧାନ

କଞ୍ଚମାଟି ସଦୃଶ କୋମଳ ମତି
ଶିଶୁ ହେ ଦିଅ ଧ୍ୟାନ ଲିଖନ ପ୍ରତି।
ସୁନ୍ଦର ଅକ୍ଷର ଧାଡ଼ି ଥିଲେ ସିଧା
ସହଜରେ ଜିଣିବା ସବୁ ପରୀକ୍ଷା।

ସୁନ୍ଦର ହସ୍ତାକ୍ଷର ଲେଖିବା ଆସ
ଲେଖିଲା ବେଳେ ସିଧା ହୋଇକି ବସ
ପେନସିଲ ମୂନକୁ ତୀକ୍ଷ୍ଣ ରଖିବା
ଦୁଇ ସେଣ୍ଟିମିଟର ଉପରୁ ଧରିବା।

ମଧ୍ୟମା ତର୍ଜନି ବୃଦ୍ଧାଙ୍ଗୁଷ୍ଠି ଚାପି
ଲେଖି ନୀରବେ ସେଥିରେ ନ ଗପି।
ରେଖାକୁ ଛୁଇଁବ ପ୍ରତିଟି ଅକ୍ଷର
ଲେଖିଲା ବେଳେରେ ଦେବାଟି ନଜର।

ଶବ୍ଦ ମଧ୍ୟରେ ରଖିବାରେ ଅନ୍ତର
ପ୍ରାୟ ଚାରିରୁ ପାଞ୍ଚ ମିଲିମିଟର।

ବର୍ଣ୍ଣ ଫଳା ମାତ୍ରା ଯୁକ୍ତାକ୍ଷର ଶିଖି
ଜାଣିବା ସବୁ ବର୍ଣ୍ଣ ବୋଧ ଦେଖି।

ସୁନ୍ଦର ହସ୍ତାକ୍ଷର ଲେଖଇ ଯିଏ
ପରୀକ୍ଷାରେ ଭଲ ନମ୍ବର ସେ ପାଏ।




ବୀରମହାରାଜପୁର,ସୁବର୍ଣ୍ଣପୁର

# କୋରାପୁଟ ଜିଲ୍ଲାସ୍ତରୀୟ ସୁରଭି ପୋଲିସ ଅଧିକାରୀମାନଙ୍କ ପାଇଁ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ

ଜୟପୁର,୭/୧୧ (ନି.ପ୍ର): ସରକାରୀ ଉଚ୍ଚ ବିଦ୍ୟାଳୟ କୋରାପୁଟ ଠାରେ ଜିଲ୍ଲାସ୍ତରୀୟ ସୁରଭି ର ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି।୧୪ ଟି ବ୍ଲକରୁ ୪୨୭ ଜଣ ପ୍ରତିଯୋଗୀ ସୁରଭି ର ବିତର୍କ,ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ, କୁଇଜ୍, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭିନ୍ନ ଭିନ୍ନ ବିଭାଗରେ ଭାଗ ନେଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନ ଯୋଗ ଦେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚମେଲି ମଜୁମଦାର ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ପିଲାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ଉତ୍ସାହିତ କରିବା ସହ ଜୀବନରେ ସାହସର ସହ ସମସ୍ତ କ୍ଷେତ୍ରରେ ଆଗକୁ ବଢ଼ିବାକୁ କହିଥିଲେ। ପୁଣି ସାଂସ୍କୃତିକ ଦଳ ଯଦି ରାଜ୍ୟ ସ୍ତରରେ ସଫଳ ହୁଏ ତେବେ ସେହି ଦଳକୁ ପରବ ରେ ସୁଯୋଗ ଦିଆଯିବ ବୋଲି ମତ ରଖିଥିଲେ। ଜିଲ୍ଲାର ସମସ୍ତ ବିଇଓ ଉଦଯାପନୀ ଉତ୍ସବରେ ଯୋଗ ଦେଇଥିବା ଜଣା ପଡ଼ିଛି। ଉଦଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ଚମେଲି ମଜୁମଦାର, ସେମିଳିଗୁଡା ବିଇଓ ଭବାନୀ ପଟ୍ଟନାୟକ, ଏସଟିସି ଭେଙ୍କଟେଶ୍ୱର୍ ମିଶ୍ର ଉପସ୍ଥିତ ଥିଲେ।ସୁରଭି ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ସୁରଭିରେ ଭାଗ ନେବେ ବୋଲି ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ ସୂଚନା ଦେଇଛନ୍ତି।ରମେଶ ସାହୁ ଏବଂ ରାଜେନ୍ଦ୍ର ରଥ ମଂଚ ପରିଚାଳନା କରିଥିବା ବେଳେ ଶିକ୍ଷା ବିଭାଗର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

ଭୁବନେଶ୍ୱର,୭/୧୧ (ନି.ପ୍ର): ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଓଡିଶା ପୋଲିସ ରେଳବାଇ ଓ ଉପକୂଳ ସୁରକ୍ଷା ଆନୁକୂଲ୍ୟରେ ପୋଲିସ ଅଧିକାରୀମାନଙ୍କ ପାଇଁ ଏକ ଦିନିଆ ଦକ୍ଷତା ବୃଦ୍ଧି କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଅଧିକାରୀମାନଙ୍କ ବୃତ୍ତିଗତ ଦକ୍ଷତା ଓ କାର୍ଯ୍ୟକୁଶଳତା ବୃଦ୍ଧି କରିବା, ରେଳବାଇ ଓ ଉପକୂଳ ସୁରକ୍ଷା ବିଷୟରେ ସଚେତନତା ଓ ଅପରାଧ ତଦନ୍ତରେ ବୈଷୟିକ ଜ୍ଞାନର ଭୂମିକା, ସାଇବର ଅପରାଧ, ଆଧୁନିକ ପ୍ରଣାଳୀରେ ତଦନ୍ତ, ଜାତୀୟ ଏବଂ ଅନ୍ତର୍ଜାତୀୟ ସାମୁଦ୍ରିକ ଆଇନ୍ ଭଳି ବିଭିନ୍ନ ଆଇନଗତ ଦିଗ ଉପରେ ସବିଶେଷ ଆଲୋଚନା କରାଯାଇଛି। ଡିଜିପି ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ଯୋଗ ଦେଇ ଏହି କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରି ରେଳବାଇ ଓ ଉପକୂଳ ସୁରକ୍ଷାର କ୍ଷମତା ବୃଦ୍ଧି କରିବାରେ ଏହି କର୍ମଶାଳା ସହାୟକ ହେବ ବୋଲି କହିଥିଲେ। ରେଳବାଇ ଓ ଉପକୂଳ ସୁରକ୍ଷାକୁ ମଜବୁତ ତଥା ଆଧୁନିକୀକରଣ କରିବା ଆମର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ମାନବ ସମ୍ବଳ ବୃଦ୍ଧି, ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଓ କାର୍ଯ୍ୟଶୈଳୀରେ ଉନ୍ନତି ଆଣିବାକୁ ଓଡ଼ିଶା ପୋଲିସ ସର୍ବାଧିକ ଗୁରୁତ୍ୱ ଦେଉଛି। ଓଡ଼ିଶା ପୋଲିସକୁ ଦେଶର ସବୁଠୁ ଆଧୁନିକ ତଥା ସୁଦୃଢ଼ କରିବା ଓ ଏହାକୁ ଦେଶର ପ୍ରମୁଖ ପୋଲିସ ସଂଗଠନ ମାନଙ୍କ ମଧ୍ୟରୁ ଗୋଟିଏ କରିବାକୁ ରାଜ୍ୟ ସରକାର ଉଦ୍ୟମ କରିବା ସହ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଉଛନ୍ତି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ତାଙ୍କର ବକ୍ତବ୍ୟ ରେ ଉଲ୍ଲେଖ କରିଥିଲେ। ସେ ଆହୁରି ମଧ କହିଥିଲେ ଯେ — ଲୋକ ମାନଙ୍କୁ ଫଳପ୍ରଦ ପୋଲିସ ସେବା ଯୋଗାଇଦେବା ପାଇଁ କର୍ମଚାରୀ ମାନଙ୍କ ମଧ୍ୟରେ ବୃତ୍ତିଗତ ଦକ୍ଷତା, ସମୟୋପଯୁକ୍ତ ପ୍ରସ୍ତୁତି ଓ ସମନ୍ୱୟ ରହିବା ହେଉଛି ମୁଖ୍ୟ ଚାବି। ଏହି କର୍ମଶାଳାରେ ଉପଲବ୍ଧ ଶିକ୍ଷଣୀୟ ତତ୍ତ୍ୱ ଗୁଡିକୁ ନେଇ କାର୍ଯ୍ୟ କ୍ଷେତ୍ରରେ ବିନିଯୋଗ କରି ରେଳବାଇ ଓ ଉପକୂଳ ସୁରକ୍ଷାକୁ ଆହୁରି ଶକ୍ତିଶାଳୀ କରିବାକୁ ସେ ଆହ୍ୱାନ ଦେଇଥିଲେ। ଶ୍ରୀ ଖୁରାନିଆ ଅଧିକାରୀମାନଙ୍କୁ ନିଜ ଦକ୍ଷତାକୁ ନିରନ୍ତର ଅପଡେଟ୍ ରଖିବା ସହ ନୂଆ ଚାଲେଞ୍ଜ ସମ୍ପର୍କରେ ସବୁବେଳେ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। "ଓଡ଼ିଶା ପୋଲିସ ଆତ୍ମବିଶ୍ୱାସ ସହିତ ଅଗ୍ରସର ହେବା ସହ ନୂଆ ଚାଲେଞ୍ଜକୁ ସମ୍ମୁଖୀନ କରିବାକୁ ପ୍ରସ୍ତୁତ ରହିଛି ଏବଂ ଲୋକଙ୍କ ସେବାରେ ଅଧିକ ପେଶାଦାର ହୋଇ କାର୍ଯ୍ୟ କରୁଛି ବୋଲି ଡିଜିପି କହିଥିଲେ।ଓଡ଼ିଶାରେ ସୁଦୀର୍ଘ ସମୁଦ୍ରତଟ ଥିବାରୁ ଉପକୂଳ ସୁରକ୍ଷାରେ ଓଡିଶା ପୋଲିସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟ ସରକାର ଏହି ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୪୯.୯୫ କୋଟି ଅନୁମୋଦନ କରିଛନ୍ତି ବୋଲି କହିଥିଲେ। ଉପକୂଳ ସୁରକ୍ଷା ନିମନ୍ତେ ୧୦ଟି ଆଧୁନିକ ଡ୍ରୋନ୍, ୩ଟି ଟ୍ରଲର୍ ଓ ୧୪୦ ଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ଖୁବ ଶୀଘ୍ର ରିୟଲ୍-ଟାଇମ୍ ସର୍ଭେଲାନ୍ସ ପାଇଁ ଏକ ଆଧୁନିକ କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର ଗଠନ କରାଯିବ ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ୩୨ଟି ମାଛ ଧରା ବନ୍ଦର ଓ ଫିଶିଂ ହାର୍ବରକୁ ସିସିଟିଭି ସିଷ୍ଟମ୍‌ରେ ଆବୃତ କରିବା ପାଇଁ କାମ ଚାଲିଛି। ଏହା ସହିତ ନୂଆ ନୌକା କିଣିବା ପ୍ରକ୍ରିୟା ମଧ ଆରମ୍ଭ ହୋଇଛି। ରେଳବାଇ ପୁଲିସକୁ ଅଧିକ ଆଧୁନିକୀକରଣ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ନୂତନ ରେଳବାଇ ପୁଲିସ ଜିଲ୍ଲା ଓ କିଛି ନୂଆ ଜିଆରପିଏସ ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ସମସ୍ତ ୧୫ଟି ଜିଆରପିଏସ ରେ ସିସିଟିଭି ମନିଟରିଂ ସେଣ୍ଟର ସ୍ଥାପନ ପାଇଁ ମଧ ଅର୍ଥ ଅନୁମୋଦନ ହୋଇଛି ବୋଲି ଡିଜିପି କହିଥିଲେ।

# ବାଲିଯାତ୍ରାରେ ବୟନିକା ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ

କଟକ/ଭୁବନେଶ୍ୱର, ୦୬ ନଭେମ୍ବର (ହି.ସ)- ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓଡ଼ିଆ ଅସ୍ମିତାର ବାର୍ତ୍ତାବହ । ଲୋକଙ୍କୁ ସୁଲଭ ମୂଲ୍ୟରେ ଏହି ବସ୍ତ୍ର ଯୋଗାଇ ଦେବା ଲକ୍ଷ୍ୟରେ ବାଲିଯାତ୍ରାରେ ବୟନିକା ଦ୍ୱାରା ସ୍ୱତନ୍ତ୍ର ହସ୍ତତନ୍ତ ମେଳାର ଆୟୋଜନ କରାଯାଇଛି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କହିଛନ୍ତି। ଐତିହାସିକ କଟକ ବାଲିଯାତ୍ରାରେ ଆୟୋଜିତ ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଗତ ବୁଧବାର ଦିନ ଉଦଘାଟନ କରିବା ଅବସରରେ ସେ ଏହା କହିଛନ୍ତି। ଏହି ମେଳା ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲୁ ରହିବ। ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ରେଶମ ଓଡ଼ିଶା, ଉତ୍କଳିକା ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ ଖୋଲାଯାଇଛି । ପ୍ରତ୍ୟେକ ଷ୍ଟଲରେ ୧୦+୨୦% ରିହାତି ବ୍ୟବସ୍ଥା ରହିଛି । ଏହା ସହ ଓଡ଼ିଶାର ୧୫ ଟି ଜୋନରୁ ୬୦ ଗୋଟି ସମିତି ଅଂଶଗ୍ରହଣ କରି ଷ୍ଟଲ ଖୋଲିଛନ୍ତି। ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରାଳୟ ଅଧୀନରେ ଥିବା ବୁଣାକାର ସେବା କେନ୍ଦ୍ର ପକ୍ଷରୁ ଥିମ୍ ପାଭିଲିଅନ ପ୍ରସ୍ତୁତ କରାଯାଇଛି । ଯୁବପିଢ଼ିଙ୍କୁ ଏହି ସମୃଦ୍ଧ ହସ୍ତତନ୍ତ ବିଷୟରେ ଅବଗତ କରାଇବା ପାଇଁ ଥିମ ପାଭିଲିଅନରେ ଲାଇଭ ଡେମନଷ୍ଟ୍ରେସନ ବ୍ୟବସ୍ଥା କରାଯାଇଛି। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବୟନିକା, ରେଶମ ଓଡ଼ିଶାର ପରିଚାଳନା ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ହସ୍ତଶିଳ୍ପର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ହସ୍ତଶିଳ୍ପ ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ନିଷ୍ଠା ଓ ପ୍ରଚେଷ୍ଟା ଚାଷୀଙ୍କୁ ସ୍ୱାବଲମ୍ବୀ କରିବ: ସାଂସଦ ଅଭିମନ୍ୟୁ ସେଠୀ

ଭଦ୍ରକ,୭/୧୧ (ନି.ପ୍ର): ଓଡିଶା ଏକ କୃଷିପ୍ରଧାନ ରାଜ୍ୟ । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ହିତରେ ବିଭିନ୍ନ ଯୋଜନାମାନ ପ୍ରଣୟନ କରୁଛନ୍ତି । ତୃଣମୂଳ ସ୍ତରରେ ଏହି ଯୋଜନାକୁ ପହଚାଂଇବାକୁ ହେଲେ ଅଧିକାରୀ ଓ ଚାଷୀଙ୍କ ମଧ୍ୟରେ ଥିବା ଦୂରତାକୁ କମାଇବାକୁ ପଡିବ ବୋଲି ଆଜି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ପରିସରରେ ଆୟୋଜିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମତପ୍ରକାଶ କରିଛନ୍ତି । ବ୍ଲକ୍ ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ଡ. ଅନୁଶ୍ରୀ ମିଶ୍ରଙ୍କ ମଂଚ ସଂଯୋଜନାରେ ସାଂସଦ କହିଲେ, ସରକାର ଚାଷୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି,ମାତ୍ର ବିଭାଗୀୟ ଅଧିକାରୀଙ୍କ ନିଷ୍ଠା ଓ ପ୍ରଚେଷ୍ଟା ରହିଲେ ଚାଷୀ ମାନେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ । ମୁଖ୍ୟବକ୍ତା ଭାବେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ସରକାରଙ୍କ ବିଭିନ୍ନ ଯୋଜନା ଓ ଋଣ ଛାଡ ଉପରେ କହି ସୁବିଧା ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ତାଙ୍କ ବକ୍ତବ୍ୟରେ ଜିଲ୍ଲା ସ୍ତରରେ ପାଳନ କରାଯାଉଥିବା ଏହି କାର୍ଯ୍ୟକ୍ରମ ଏବେ ବ୍ଲକ ସ୍ତରରେ ଚାଲିଛି, ଆଗକୁ ପଚାଂୟତ ସ୍ତରରେ କରାଯାଇ ଚାଷୀ ମାନଙ୍କୁ ସଚେତନତା କରାଯିବ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ.ହୃଷିକେଷ ବେହେରା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିଜବର ସେଠୀ କହିଲେ, ମାଟିର ଗୁଣବତା ବଜାଇ ରଖିବା ସହ ଧାନ,ମାଛ, ଗାଈ ଚାଷ ଉପରେ ମତ ରଖିଥିଲେ । ଏଥିସହ ମାଣ୍ଡିଆ ଚାଷକୁ ଗୁରୁତ୍ୱାରୋପ କରିଥିଲେ ।ଜିଲ୍ଲା ମତ୍ସ୍ୟ ଅଧିକାରୀ ଅମର କୁମାର ସାହୁ, ବ୍ଲକ ଗୋଷ୍ଠୀଉନ୍ନୟନ ଅଧିକାରୀ ସୀତାକାନ୍ତ ରାଉତ, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ,ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାଷୀ ମାନେ ସମସ୍ତ ବିଷୟରେ ଜାଣିବା, କାର୍ଯ୍ୟ କ୍ଷେତ୍ରରେ ଲଗାଇବା ଓ ଆଗକୁ ବଢିବା ସହ ଆତ୍ମ ନିର୍ଭରଶୀଳ ହୋଇ ପାରିଲେ ସରକାରଙ୍କ ଲକ୍ଷ୍ୟ ଉଦ୍ଦେଶ୍ୟ ସାଧିତ ହୋଇ ପାରିବ ବୋଲି କହିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ସଫଳ ଚାଷୀ ଗୋପାଳକ ସସ୍ମିତା ଦାସ, ଘୁଷୁରୀ ଓ ଛେଳୀ ଚାଷୀ ଉଦୟନାଥ କର, କୁକୁଡା ଚାଷୀ ରଶ୍ମିବାଳା ଦାସ, ମାଛ ଚାଷୀ ଧରଣୀଧର ସାମଲ, ମାନସୀ ସାହୁ, ବିବେକାନନ୍ଦ ଜେନା,ମା ପର୍ଣ୍ଣିମା, ମା ତାରିଣୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରମାଣପତ୍ର ଓ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଅତିଥି ମାନେ ପ୍ରଦର୍ଶନ ଷ୍ଟଲ୍ ଗୁଡିକୁ ବୁଲି ଦେଖିବା ସହ ସଚେତନତା ପାଲା ପରିବେଷଣ କରାଯାଇଥିଲା । ବ୍ଲକ୍ ସହକାରୀ ମତ୍ସ୍ୟ ଅଧିକାରୀ ଗିତାଞ୍ଜଳୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବ୍ୟବସାୟୀଙ୍କ ବିୟୋଗରେ ବଜାର ବନ୍ଦ

କୋରେଇ,୭/୧୧ (ନି.ପ୍ର): ପାଣିକୋଇଲି ବଜାର ଓଚିନ୍ଦା ରୋଡରେ ପ୍ରଥମକରି ସେଲୁନ ବ୍ୟବସାୟ ଆରମ୍ଭ କରିଥିବା ସଦାଶିବ ବାରିକଙ୍କ ଆଜି ମୃତ୍ୟୁ ଘଟିଛି । ବ୍ୟବସାୟୀଙ୍କ ବିୟୋଗରେ ଦିନକ ପାଇଁ ବଜାର ବନ୍ଦ ରହିଛି। ସଦାଶିବ କିଛି ଦିନ ହେବ ବୃକକ୍ ରୋଗରେ ପୀଡିତ ହୋଇ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ତାଙ୍କ ମରଶରୀରକୁ ପୈତୃକ ଗ୍ରାମ ପଥରପଦା ପଂଚାୟତ ଅନ୍ତର୍ଗତ ମୁଲରୀ ଗ୍ରାମକୁ ଆଣି ଶୋକାକୂଳ ପରିବେଶରେ ଶୋଭାଯାତ୍ରାରେ ଗାଁ ଭ୍ରମଣ କରାଇ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ ପୁଅ ସୌଭାଗ୍ୟ ରଂଜନ ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ଖବର ପାଇବା ପରେ ପାଣିକୋଇଲି ଓଚିନ୍ଦାରୋଡ ସରସ୍ୱତୀ ମାର୍କେଟ ପକ୍ଷରୁ ବଜାର ବନ୍ଦ କରାଯାଇଥିଲା।

# ଅନନ୍ତ ବାସୁଦେବ ପୀଠରେ ବାର୍ଷିକ ଉତ୍ସବ ଓ ନାମଯଜ୍ଞ

କୋରେଇ,୭/୧୧ (ନି.ପ୍ର): ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁର ପଂଚାୟତ ଭଗତପୁର ଠାରେ ଜମୁନା ନଦୀକୂଳରେ ବିରାଜିତ ଶ୍ରୀ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ପ୍ରାଂଗଣରେ କାର୍ତିକ ପୁର୍ଣ୍ଣିମା ଅବସରରେ ଶ୍ରୀ ଠାକୁରଙ୍କ ବାର୍ଷିକ ଯଜ୍ଞ ତଥା ନାମସଂକୀର୍ତନ ଅନୁଷ୍ଠିତ ହୋଇଛି । ୪ ଦିନ ବ୍ୟାପି କାର୍ଯ୍ୟକ୍ରମ ଯଥାରିତୀ ଅନୁଯାୟୀ କରାଯାଇଛି । ଉକ୍ତ ଉତ୍ସବରେ ଆଖପାଖ ଅଂଚଳର ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ସଦସ୍ୟ ଉପସ୍ଥିତ ରହି ସମୂହ ପ୍ରସାଦ ସେବନ କରାଇବା ଓ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବାରେ ସହଯୋଗ କରିଥିଲେ ।

# ଧାମରା ଉପକୂଳ ଜଗୁଛି ଧାମରା ପୁଲିସର ଆର୍ଟିଫିସିଆଲ ଇଂଟେଲିଜେନ୍ସ ଡ୍ରୋନ: ବୋଇତ ବନ୍ଦାଣର ମୁଖ୍ୟ ଆକର୍ଷଣ ଏବଂ ଉପକୂଳର ସଜାଗ ପ୍ରହରୀ

ଭଦ୍ରକ,୭/୧୧ (ନି.ପ୍ର): ଧାମରା ଉପକୂଳ ଉପରେ ସମସ୍ତଙ୍କ ନଜର କେତେବେଳେ ଏବଂ କେଉଁ ମୁହୁର୍ତରେ କଣ ବା ଘଟିବ ଏବଂ ଏହାକୁ କିଏ ପ୍ରତିହିତ କରିବ ସେ ନେଇ ଆଲୋଚନା ହେବା ପରେ ରାଜ୍ୟ ସରକାର ଏଥିପ୍ରତି ସଜାଗ ମଧ୍ୟ ହୋଇଛନ୍ତି। ଏହାର ଉତର ରଖିବାକୁ ଯାଇ ଏବଂ ଉପକୂଳବର୍ତୀ ଇଲାକାକୁ ନଜରରେ ରଖିବାକୁ ଯାଇ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏକ ଡ୍ରୋନ ସେବା ଆରମ୍ଭ ମଧ୍ୟ କରିଛନ୍ତି। ଭାରତ ସରକାରଙ୍କ ମେକ ଇନ ଇଣ୍ଡିଆ ଆଧାରରେ ଭାରତରେ ନିର୍ମାଣ ହୋଇଥିବା ଏହି ଡ୍ରୋନକୁ ଆଇଡିଆ ଫୋର୍ଜ କମ୍ପାନୀ ନିର୍ମାଣ କରିଛି । ଏହି ଡ୍ରୋନଟି ଧାମରା ମେରାଇନ ଥାନା ନିକଟରୁ ସ୍ଥଳ ପଥରେ ୨୫ କିମି ବ୍ୟାସାର୍ଦ୍ଧ ଉପରେ ଦୃଷ୍ଟି ରଖିବା ସହ ଆକାଶ ପଥରେ ୧୫ କି.ମି ଉପରେ ନଜର ମଧ୍ୟ ରଖିବ। ଏହି ଡ୍ରୋନଟି ନିଜର ବେସଷ୍ଟେସନରୁ ୫ଶହ ମିଟର ଉଚ୍ଚତାରେ ୨୫ କି.ମି ବ୍ୟାସାର୍ଦ୍ଧ ଉପରେ ଦୃଷ୍ଟି ନିକ୍ଷେପ କରିବା ସହ ଏଥିରେ ଆର୍ଟିଫିସିଆଲ ଇଂଟେଲିଜେନ୍ସି ମଧ୍ୟ କାର୍ଯ୍ୟରତ।ଏହି ଡ୍ରୋନରେ ଲାଗିଥିବା କ୍ୟାମେରା ୧.କିମି ଦୂରରୁ ସନ୍ଦିଗ୍ଧ ମାନଙ୍କର ଫଟୋଚିତ୍ର ଉତୋଳନ କରିବାସହ ଧାମରା ନିକଟରେ ଥିବାସମସ୍ତ ଦ୍ୱୀପ ଏବଂ ଅବଦୁଲ କାଲାମ ଘାଟିଉପରେ ମଧ୍ୟ ଦୃଷ୍ଟି ନିକ୍ଷେପ କରୁଛି। ଏହି ଡ୍ରୋନ ସାହାଯ୍ୟରେ ଗଭୀର ସମୁଦ୍ରରେ ଆସୁଥିବା ବିଦେଶୀ ମାଲବାହୀ ଜାହାଜ ଏବଂ ଉପକୂଳ ଅଂଚଳର ଚଳପ୍ରଚଳ କରୁଥିବା ବିଦେଶୀ ନାଗରିକ ଏବଂ ବାଂଲାଦେଶୀମାନଙ୍କ ଉପରେ ନଜର ମଧ୍ୟ ରଖୁଛି। ଏହି ଡ୍ରୋନଟି ସିଧାସଳଖ ନିଜର ତଥ୍ୟ ଭୁବନେଶ୍ୱର ପୁଲିସ ମୁଖ୍ୟ କାର୍ଯ୍ୟାଳୟ ଏବଂ ଅନ୍ୟ ପୁଲିସ ଷ୍ଟେସନ ସହ ନିଜର ଗୁପ୍ତ ତଥ୍ୟ ପ୍ରଧାନ କରିପାରିବ । ଏହି ଡ୍ରୋନଟି ୨ଘଂଟା ଅବିରତ କାର୍ଯ୍ୟରେ ଲାଗି ପାରିବାର କ୍ଷମତା ବହନ କରୁଥିବାବେଳେ ଏହାର ଓଜନ ୮କେଜି ଏବଂ ଏହି ଡ୍ରୋନ ଟି ୧କେଜି ପେଲୋଡ ନେବାର କ୍ଷମତା ମଧ୍ୟ ବହନ କରୁଛି। ଏହି ଡ୍ରୋନର ନିୟମିତ ବ୍ୟବହାର ହେବା ସହ ଏହାକୁ ଆଭ୍ୟନ୍ତରୀଣ କାର୍ଯ୍ୟରେ ବିନିଯୋଗ କରାଯାଉଛି। ଏହାର ଲମ୍ବ ୨.୮ ମିଟର ଥିବାବେଳେ ଏହାର ପ୍ରସ୍ଥ ୨.୬ ମିଟର ଏବଂ କୌଣସି ପରିସ୍ଥିତିରେ ଏହି ଡ୍ରୋନର ଭୋଲଟେଜ , ପାଗ ଏବଂ ବେସଷ୍ଟେସନ ଠାରୁ ଯୋଗାଯୋଗ ବିଚ୍ଛିନ୍ନ ହେଲେ ଏହା ଯେ କୌଣସି ପରିସ୍ଥିତିକୁ ସାମନାକରି ନିଜର ବେସଷ୍ଟେସନକୁ ଆସି ପାରିବାର କ୍ଷମତା ବହନ କରୁଛି ଏବଂଏହି ଡ୍ରୋନ ଶତ୍ରୁ ପକ୍ଷର ରାଡାରରେ ମଧ୍ୟ ଏହା ଆସିବ ନାହିଁ।ଏଥିସହ ଏହାକୁ ଚଳାଇବା ସହ ଏହାର ସମସ୍ତ ତଥ୍ୟ ମୁଖ୍ୟ କାର୍ଯ୍ୟାଳୟରେ ପହଂଚାଇବା ପାଇଁ ଧାମରା ସାମୁଦ୍ରିକ ଥାନା ପକ୍ଷରୁ ୨ଜଣ ଟେକନିସିଆନଙ୍କୁ ନିଯୁକ୍ତି କରାଯାଇ ସବୁ ସମୟରେ ଉପକୂଳ ଅଂଚଳର ସୁରକ୍ଷା ପାଇଁ ଏହାର ସୁବିନିଯୋଗ ମଧ୍ୟ କରାଯାଉଛି ବୋଲି ଧାମରା ସାମୁଦ୍ରିକ ଥାନାଧିକାରିଣୀ ପ୍ରିୟଦର୍ଶିନୀ ଖଟୁଆଙ୍କ ନିକଟରୁ ପ୍ରକାଶ।ଏଠାରେ ଉଲ୍ଲେଖଯୋଗ୍ୟ ଆଜି ଧାମରାରେ ୩ଟି ରାଜନୈତିକ ଦଳ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳନ କରୁଥିବାବେଳେ ଏହିଡ୍ରୋନ ଟି ଧାମରା ର ବାଲିମୁଣ୍ଡା ନିକଟରୁ ଆରମ୍ଭ କରି କେନ୍ଦ୍ରପଡା ଜିଲ୍ଲାର ତାଲଚୁଆ, ଅବଦୁଲ କଲାମ ଦ୍ୱୀପ ଉପରେ ଦୃଷ୍ଟି ନିବଦ୍ଧ ଥିଲା ।

# ନୁଦୁରପଡ଼ା ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ବିପଦ ସଙ୍କୁଳ

କେନ୍ଦୁଝର,୭/୧୧ (ନି.ପ୍ର): ଘଟଗାଁ ବ୍ଲକ ବଳଭଦ୍ରପୁର ପଂଚାୟତ ନୁଦୁରପଡ଼ା ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ବିପଦ ସଙ୍କୁଳ ଅବସ୍ଥାରେ ଦେଖିବାକୁ ମିଳିଛି। ବହୁ ଦିନରୁ ନିର୍ମିତ ହୋଇଥିବ ପୁରୁଣା ଘରଟି କେତେବେଳେ ଭୁଶୁଡି ଯାଇପାରେ କହି ହେବନି। ହରିଚନ୍ଦନପୁର ବ୍ଲକ ବ୍ଲକ ଜଙ୍ଘିରା ଜିଲ୍ଲାପରିଷଦ ଜୋନର ସତଟି ପଂଚାୟତ, ବାଂଶପାଳ ବ୍ଲକର ଚାରିଟି ପଂଚାୟତ, ଘଟଗାଁ ବ୍ଲକ ପାଂଚଟି ପଂଚାୟତର ଲୋକେ ବସ୍ ଓ ଟ୍ରେନ ଯୋଗେ ଯିବା ପାଇଁ ନୁଦୁରପଡା ଛକରେ ଅପେକ୍ଷା କରୁଛନ୍ତି। ସେମାନଙ୍କୁ ଖରା ବର୍ଷରୁ ରକ୍ଷା ଦେଇଥାଏ ଏହି ପ୍ରତିକ୍ଷାଳୟ ଟି। ଛକରେ ଥିବା ମା'ତାରିଣୀ ମନ୍ଦିର କୁ ଆସୁଥିବା ଭକ୍ତି ମାନେ ମଧ ଏହାକୁ ବ୍ୟବହାର କରିଥାନ୍ତି। ନୂତନ ରାସ୍ତାର ଉଚ୍ଚତା ବଢିବା ହେତୁ ବର୍ଷା ପାଣି ଯାତ୍ରୀ ପ୍ରତୀକ୍ଷାଳୟ ଭିତରେ ପଶି ଜମିରହୁଥିବାରୁ ଓ ବିପଦସଂକୁଳ ଅବସ୍ଥା ହେତୁ ଅବ୍ୟବହୃତ ହୋଇ ପଡ଼ିରହିଛି। ବର୍ଷା, ଖରା, ଶୀତରେ ଲୋକେ ବାହାରେ ଛିଡା ହେଉଛନ୍ତି। ବର୍ଷ ସାରା ହାତୀ ଭୟ ଭିତରେ ବାଧ୍ୟ ହୋଇ ଲୋକେ ରାତି ଅଧରେ ଛୋଟ ଛୁଆଙ୍କୁ ଧରି ବାହାରେ ଅପେକ୍ଷା କରୁଛନ୍ତି। ପୂର୍ବ ସରକାରରେ ହଜାର ହଜାର ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ ହୋଇଥିଲେ ମଧ ତିନିଟି ବ୍ଲକର ଲୋକଙ୍କ ଲାଇଫଲାଇନ ଭାବେ ବ୍ୟବହୃତ ହେଉଥିବା ନୁଦୁରପଡା ଛକ ପ୍ରତି ଦୃଷ୍ଟିନପଡିବା ଦୁଃଖର ବିଷୟ। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଲୋକଙ୍କ ମୌଳିକ ସୁବିଧା ପ୍ରତି ଦୃଷ୍ଟି ଦେଇ ପ୍ରଶାସନ ଶୀଘ୍ର ନୁଦୁରପଡା ଛକରେ ନୂତନ ଯାତ୍ରୀପ୍ରତୀକ୍ଷାଳୟ ନିର୍ମାଣ କରିବାକୁ ବଡକାଣ୍ଡ଼ର ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ତ୍ରିଲୋଚନ ନାଏକ, ଚନ୍ଦନ ନାଏକ, ପ୍ରଦୀପ ନାଏକ ଓ ସ୍ଥାନୀୟ ଜନସାଧାରଣ ଦାବି କରୁଛନ୍ତି।


OFFICE OF THE PANCHAYAT SAMITI, BAHALDA

At/P.O.- Bahalda, Dist.- Mayurbhanj, Odisha,
E-Mail: ori-bahalda@nic.in

Notice No: 2814 Date: 01/11/2025

Sealed Tenders are invited from interested "C & D " Class Contractors registered with the Govt. for execution of Civil work under Panchayat Samiti, Bahalda, Mayurbhanj. The eligible criteria and the details of the tender documents which can be downloaded from the website https://mayurbhanj.odisha.gov.in Interested bidders fulfilling the eligibility criteria may submit their proposals to the O/o: BDO Bahalda Through Courier/ Speed Post/ Registry Post only. Other mode of communication will not be entertained.

1. Sale of Tender Papers: 06.11.2025 to 20.11.2025 up to 4.00 PM.
2. Last Date of receipt of tender paper: - 20.11.2025 up to 4.00 PM.
3. Date of opening of tender papers at Conference Hall, Bahalda Block, Bahalda, Mayurbhanj:- 21.11.2025 at 11.00 AM.
4. Mode of receipt: Through Courier/speed post/Registry post only to O/o: BDO Bahalda At/P.O.- Bahalda, Dist.- Mayurbhanj.
5. The delivery personal must be a courier company authorised person with valid identity, postman or any authorised personal of postal dept. in case of registry post/ speed post
6. Envelope should be super-scribed with the name of the works for which tender paper is being submitted or otherwise it will be rejected.
7. The tender paper received after due date & time will be liable for rejection.

Authority reserves the right to reject all or any of the tender without assigning any reasons thereof. Again, the authority will not be held responsible for any postal delay.

Sd/-
Block Development Officer, Bahalda
Mayurbhanj

Block Development Officer, Bahalda
Block Development Officer
BAHALDA



GOVERNMENT OF ODISHA
DEPARTMENT OF WATER RESOURCES

OFFICE OF THE SUPERINTENDING ENGINEER,
RAIRANGPUR IRRIGATION DIVISION, RAIRANGPUR
e-mail: eerrpurdivn@gmail.com

'e'-Procurement Notice No.03 RID/2025-26

| | |
|---|---|
| 1. Name of works | : - Canal improvement works, Bank Protection works & Building works as mentioned in the website. |
| 2. Total no. of works | : 30 nos ( Thirty ) only |
| 3. Amount put to tender | : Varies from 5.05 Lakh to 42.07 Lakh |
| 4. Class of Contractor | 'D' , 'C' & ' B' |
| 5. Period of completion | : As mentioned against work. |
| 6. Other details as follows | : |
| (i) Procurement Officer | : Superintending Engineer, Rairangpur Irrigation Division, Rairangpur |
| (ii) Availability of Tender online for bidding | : 10.11.2025 from 10.00 Hours to 24.11.2025 up to 17.00 Hours. |
| (iii) Date, time and place of opening of Bid. | : On 25.11.2025 at 11.00 Hours in the O/o the Superintending Engineer, Rairangpur Irrigation Division, Rairangpur. |
| (iv) Date of Transparent Lottery to be conducted (if required) | : On 04.12.2025 at 11.00 A.M. in the O/o the Superintending Engineer, Rairangpur Irrigation Division, Rairangpur. |

Further details can be seen from the 'e' Procurement Portal http://tendersorissa.gov.in

Superintending Engineer
Rairangpur Irrigation Division
Rairangpur

# ‘ପ୍ରତିଶ୍ରୁତି’ ତରଫରୁ ଆଦିକବି ସାରଳା ଦାସ ଜୟନ୍ତୀ ପାଳିତ




ବାରିପଦା, ୭/୧୧ (ନି.ପ୍ର): ଦୀର୍ଘ ୪୩ ବର୍ଷ ଧରି ମୟୂରଭଞ୍ଜର ବାରିପଦାରୁ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତି ମୂଳକ ତ୍ରୈମାସିକ ପତ୍ରିକା ‘‘ପ୍ରତିଶ୍ରୁତି’’ ତରଫରୁ ଓଡ଼ିଆ ସାହିତ୍ୟର ଆଦିକବି ସାରଳା ଦାସଙ୍କ ଜୟନ୍ତୀ ଉତ୍ସବ ସ୍ଥାନୀୟ ରଘୁନାଥପୁରସ୍ଥ ସାଇ ଆଦର୍ଶ ବିଦ୍ୟାମନ୍ଦିର ପରିସରରେ ‘ପ୍ରତିଶ୍ରୁତି’ ପ୍ରତିଷ୍ଠାନର ସଭାପତି ଡା. ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ବିଦ୍ୟାମନ୍ଦିରର ସମ୍ପାଦିକା ମୀନାରାଣୀ ସାହୁ ମୁଖ୍ୟ ଅତିଥି, କବି ଓ ସାହିତ୍ୟିକ ତଥା ପ୍ରତିଶ୍ରୁତି ପତ୍ରିକାର ସମ୍ପାଦକ ଭାଗବତ ପଣ୍ଡା ମୁଖ୍ୟ ବକ୍ତା , ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମନ୍ତ୍ରୀ ଓ ଶିକ୍ଷକ ଅଶୋକ କୁମାର ବୁଗୁଡେଇ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥଲେ । ମୁଖ୍ୟଅତିଥି ଶ୍ରୀମତୀ ସାହୁ କବିଙ୍କ ଜୀବନାଦର୍ଶ ସମ୍ପର୍କରେ ଅଭିବ୍ୟକ୍ତି ପ୍ରକାଶ କରିଥିବା ବେଳେ ମୁଖ୍ୟ ବକ୍ତା ଶ୍ରୀ ପଣ୍ଡା ଏକ ଦୁର୍ଘ ଅଭିଭାଷଣ ଦେଇ ଉତ୍କଳର ବ୍ୟାସ, ମାଟିର ମହାକବି ଶୂଦ୍ରମୁନି ସାରଳା ଦାସ ଦେବୀ ସାରଳାଙ୍କ କୃପାଲାଭ କରି କିପରି ସିଦ୍ଧେଶ୍ୱର ପରିଡାରୁ ସାରଳା ଦାସ ହୋଇ ବିରାଟ ଗ୍ରନ୍ଥ ମହାଭାରତ, ଚଣ୍ଡୀପୁରାଣ, ବିଲଙ୍କା ରାମାୟଣ ଓ ଲକ୍ଷ୍ମୀନାରାୟଣ ବଚନିକା ଭଳି ଗ୍ରନ୍ଥ ରଚନା କରି ସାହିତ୍ୟ ଇତିହାସରେ ଆଦିକବି ଭାବରେ ସ୍ୱୀକୃତିଲାଭ କରିଥିଲେ ତାହା ବଖାଣି ଥିଲେ । ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ମନ୍ତ୍ରୀ ଓ ଶ୍ରୀଯୁକ୍ତ ବୁଗୁଡେଇ ନିଜ ନିଜ ବକ୍ତବ୍ୟରେ ସାରଳା ଦାସଙ୍କ କବି ପ୍ରତିଭା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସଭାପତି ଡା. ଜେନା ତାଙ୍କ ଅଭିଭାଷଣରେ କହିଥିଲେ କବିତ୍ୱ ଏକ ଈଶ୍ୱର ଦତ୍ତ ପ୍ରତିଭା । ଶିକ୍ଷା ସହିତ ତାର ସମ୍ପର୍କ ନାହିଁ । ନ ହେଲେ ତଥା କଥିତ ଶିକ୍ଷା ଲାଭ କରି ନ ଥିବା ସିଦ୍ଧେଶ୍ୱର ପରିଡା ଦେବୀଙ୍କର ଅହୈତୁକି କୃପାରୁ ଆସାଧାରଣ କବିତ୍ୱ ଶକ୍ତି ଲାଭ କରି ଓଡ଼ିଆ ସାହିତ୍ୟକୁ ତାଙ୍କ ରଚନାରେ ସମୃଦ୍ଧ କରିଛନ୍ତି ବୋଲି ଉଲ୍ଲେଖ କରିଥିଲେ । ପ୍ରାରମ୍ଭରେ ଶିକ୍ଷୟିତ୍ରୀ ହରିପ୍ରିୟା ଦାଶ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିବା ସହିତ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ପ୍ରଧାନଶିକ୍ଷକ କମଳ ଲୋଚନ ସାହୁ ଓ ଶିକ୍ଷକ ସିଦ୍ଧାର୍ଥ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ରୀ ସ୍ମୃତିପ୍ରଭା ସାହାଣୀ, ଅଲିଭା ମହାନ୍ତ ଓ ଓମପ୍ରକାଶ ଜେନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ପ୍ରତିଶ୍ରୁତି ତରଫରୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଧାନ କରାଯାଇଥିଲା । ପରିଶେଷରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ସର୍ବ ପୁରାତନ ମନ୍ଦିରର ଉନ୍ନତି କରଣ ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମନ୍ଦିର କମିଟି



ବାସୁଦେବପୁର, ୭/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ୧୨ ନମ୍ବର ୱାର୍ଡ ରେ ସର୍ବ ପୁରାତନ ଜଗନ୍ନାଥ ମନ୍ଦିର ଶ୍ରୀ ଶ୍ରୀ ପ୍ରସନ୍ନଦେବ ଙ୍କର ମନ୍ଦିର ଅବସ୍ଥିତ। ସୂଚନା ଅନୁଯାୟୀ ଏହି ଶ୍ରୀ ଶ୍ରୀ ପ୍ରସନ୍ନଦେବ ମନ୍ଦିର ୭୦୦ ବର୍ଷର ପୁରାତନ ମନ୍ଦିର ଅଟେ। ଉକ୍ତ ମନ୍ଦିରର ରକ୍ଷଣାବେକ୍ଷଣ ମନ୍ଦିର ଟ୍ରଷ୍ଟ ପକ୍ଷରୁ କରାଯାଉଥିଲା। ବର୍ତ୍ତମାନ ସରକାର ଙ୍କ ପକ୍ଷରୁ ମଠ ମନ୍ଦିରର ଉନ୍ନତି ପାଇଁ ଗୁରୁତ୍ୱ ଦିଆଯାଉଅଛି। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ର ପାଚେରୀ ଏବଂ ମନ୍ଦିରର ଉନ୍ନତି କରଣ ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଓଡ଼ିଶା ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କୁ ଭେଟିଛନ୍ତି । ବାସୁଦେବପୁର ର ଏହି ସର୍ବ ପୁରାତନ ମନ୍ଦିର ଶ୍ରୀ ଶ୍ରୀ ପ୍ରସନ୍ନଦେବ ମନ୍ଦିରର ପାଚେରୀ ଭଗ୍ନ ଅବସ୍ଥାରେ ରହିଛି। ଯାହାଫଳରେ ମନ୍ଦିର ର ସୁରକ୍ଷା ନିମନ୍ତେ ପାଚେରୀ ର ଆବଶ୍ୟକତା ରହିଛି। ଭଦ୍ରକ ଜିଲ୍ଲା ଗସ୍ତରେ ଆସିଥିବା ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଙ୍କୁ ବିଜେପି ବାସୁଦେବପୁର ବିଧାନ ସଭା ନେତା ବାଣୀ କଲ୍ୟାଣ ମହାନ୍ତି,ମନ୍ଦିର ଟ୍ରଷ୍ଟ ସଦସ୍ୟ,ପକ୍ଷରୁ ମଧୁସୂଦନ ପାଢ଼ୀ, ଷୌମେନ୍ଦ୍ର କୁମାର ରାୟ, ମନୋରଂଜନ ପାଢୀ, ପ୍ରତାପ କୁମାର ପାଢ଼ୀ, ପୁରୁଷୋତ୍ତମ ବେହେରା, ତାପସ ମହାନ୍ତି, ମନୋଜ କୁମାର ପାଢ଼ୀ, ଜୟପ୍ରକାଶ ମଲ୍ଲିକ୍ ,ଏବଂ , ଦୀପକ କୁମାର ବେହେରା, ପୁରୁଷୋତ୍ତମ ବେହେରା, ଗଜେନ୍ଦ୍ର ବେହେରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ରେ ଭେଟିବା ସହିତ ଏକ ଦରଖାସ୍ତ ପ୍ରଦାନ କରିଛନ୍ତି।

## ଶ୍ରୀମଦ ଭାଗବତ ତତ୍ତ୍ୱଦର୍ଶନ ପୁସ୍ତକ ଉନ୍ମୋଚନ



ଜଳେଶ୍ୱର, ୭/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ରାଇବଣିଆ ପଂଚାୟତ ଭାଗବତ ମନ୍ଦିର ନିକଟସ୍ଥ ଆଶ୍ରମ ପ୍ରାଙ୍ଗଣରେ ଆଜି ସକାଳ ୧୧ଘଟିକାରେ ଏକ ଧାର୍ମିକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବଂଶୀଧର ଗାନ୍ଧୀ ସଭାପତିତ୍ୱ କରିଥିଲେ । ଅନ୍ୟତମଅତିଥି ଦିଗାମ୍ବର ପ୍ରଧାନ, ମୁଖ୍ୟବ୍ୟକ୍ତା ନିର୍ବିକାରା ନନ୍ଦ ସରସ୍ୱତୀ ନିମାଇଁ ଚରଣ ଦାସ ଓ ମୁଖ୍ୟଅତିଥି ଗୁରୁମା ଅନ୍ନପୂର୍ଣ୍ଣା କର ଯୋଗଦେଇ ଭାଗବତ ଉପରେ ଆଲୋଚନା କରିଥିଲେ ।ଏହି ସଭାରେ ସୁଧାଂଶୁ ଶେଖର ପଣ୍ଡାଙ୍କ ଦ୍ୱାରା ଲିପିବଦ୍ଧ ହୋଇଥିବା ଶ୍ରୀମଦ ଭାଗବତ ତତ୍ତ୍ୱଦର୍ଶନ ପୁସ୍ତକ ଉନ୍ମୋଚନ ହୋଇଥିଲା ।୧୧୮ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକ ରେ ପ୍ରଥମ ଓ ଦ୍ୱିତୀୟ ସ୍କନ୍ଦ ରହିଅଛି ।ଯାହାର ମୂଲ୍ୟ ୧୦୦ଟଙ୍କା ରହିଛି ବୋଲି ଲେଖକ କହିଛନ୍ତି ।ଅରୁଣ କୁମାର ପଣ୍ଡା ମଞ୍ଚ ଆହ୍ୱାନ କରିଥିବା ବେଳେ ଦେବାଶିଷ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଦଳାରେ କବି ଚିନ୍ତାମଣି ବେହେରାଙ୍କ ୯୯ ତମ ଜୟନ୍ତୀ ପାଳିତ



ଉଦଳା, ୭/୧୧ (ନି.ପ୍ର): ପ୍ରତିବର୍ଷ ପରି ପ୍ରଶାନ୍ତ ବେହେରା ମେମୋରିଆଲ ଟ୍ରଷ୍ଟ ତରଫରୁ ଉଦଳା ସହର ମଧ୍ୟରେ ଥିବା ସନ୍ଧାନଗୃହ ପରିସରରେ କବି ଚିନ୍ତାମଣି ବେହେରାଙ୍କ ୯୯ତମ ଜୟନ୍ତି ଆଜି ନଭେମ୍ବର ୭ ତାରିଖ ଶୁକ୍ରବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲିପ କୁମାର ଦିକ୍ଷିତ ଅଧ୍ୟକ୍ଷତା କରି କବି ଚିନ୍ତାମଣି ବେହେରାଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଏହିଭଳି ଏକ ସାରସ୍ୱତ ମଂଚକୁ ବଂଚାଇ ରଖିବା ପାଇଁ ପ୍ରଶାନ୍ତ ବେହେରା ମେମୋରିଆଲ ଟ୍ରଷ୍ଟ ଉଦ୍ୟମ ଜାରି ରଖିଥିବାରୁ କୃତଜ୍ଞତା ଜଣାଇଥିଲେ । ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ଶ୍ୟାମସୁନ୍ଦର ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଚିନ୍ତାମଣି ବେହେରାଙ୍କ କାବ୍ୟ କବିତା କିପରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଭୋଳାନାଥ ସାହୁ, ଗବେଷକ କିଶୋରଚନ୍ଦ୍ର ଦାସବାବୁ, ସାହିତ୍ୟିକ ପ୍ରଫୁଲ କୁମାର ଖିଲାର ପ୍ରମୁଖ ମଂଚାସିନ ଅତିଥି ଭାବେ ଯୋଗଦେଇ ଚିନ୍ତାମଣି ବେହେରାଙ୍କ ସାହିତ୍ୟକୃତି ବିଷୟରେ ଆଲୋଚନା କରିଥିଲେ । ‘ମଶାଲ’ ପତ୍ରିକାର ସମ୍ପାଦକ ରବିକାନ୍ତ ମହାପାତ୍ର ମଂଚପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ପ୍ରଫୁଲ୍ଲ ମହାଳିକ, ଲକ୍ଷ୍ମୀଧର ପୁଆଳ, ପରେଶ ଚନ୍ଦ୍ର ସାହୁ, ମନୋରଂଜନ ମଲିକ, କ୍ଷଣପ୍ରଭା ଜେନା, ନମିତା ରାଉତ, ରୁକ୍ମିଣି ସାହୁ, ରତିକାନ୍ତ ବେହେରା ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଭୋଳାନାଥ ସାହୁଙ୍କୁ ଟ୍ରଷ୍ଟ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ‘ଚିନ୍ତାମଣି ବେହେରା ସ୍ମୃତି ସମ୍ମାନ’ରେ ସମ୍ମାନିତ କରାଯାଇଥିଲା । ଅନ୍ୟଏକ ଯୁବକ ସୁନା ହାଁସଦା ହାଣ୍ଡିଆ ସେବନର ଭୟାବହତାକୁ ଅନୁଭବ କରି ଏହାର ସେବନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସ୍ୱର ଉତୋଳନ କରିଥିବାରୁ ତାଙ୍କୁ ମଧ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ରଜତ କୁମାର ପଣ୍ଡା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଶିଷ ମଲିକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ନୟନା ବେହେରା, ଶ୍ରୀକାନ୍ତ ବେହେରା, ଅବନ୍ତି ବେହେରା, ମୀନତି ପରିଡ଼ା, ତ୍ରିଲୋଚନ ରଥ, କାଶିନାଥ ଦାସ, ସୁବ୍ରତ ମହାନ୍ତି, କରୁଣାକର ଦାସ ପ୍ରମୁଖ ସହଯୋଗ କରିଥିଲେ ।


**e-Procurement Notice for Building Works Identification No. 11/ SERW/JLS/2025-26**

| | | |
|---|---|---|
| 1. Procurement Officer | :- | Superintending Engineer Rural Works Division, Jaleswar |
| 2. Name of the Work | :- | Buildings |
| 3. Total No. of Works | :- | 3 Nos |
| 4. Estimated Cost | :- | Approx. Estimated Cost ₹.21.19 Lakh to ₹.36.38 Lakh |
| 5. Class of Contractor | :- | 'C' & 'B' Class |
| 6. Time of Completion | :- | Six Calender months ( As per annexure ) |
| 7. Availability of tender On-line for bidding | :- | From 06.11.2025 at 11.00 P.M. to 15.11.2025 upto 05.00 P.M. |
| 8. Last date & time of seeking tender clarification | :- | 14.11.2025 upto 05.00 P.M |
| 9. Date & Time of Opening of tender in the office of the Superintending Engineer, R.W.Division, Jaleswar | :- | Date & Time Opening of Techinical & Financial bid -17.11.2025 at 11.00 A.M. |

Further details can be seen from the web site- *www.tendersodisha.gov.in*

Superintending Engineer
R.W. Division, Jaleswar



**AFFIDAVIT**

By virtue of an affidavit before the Notary Public Nilgiri, I, Sanjulata Nayak aged about 48 years, W/o- Abhimanyu Sa, At: Dwarika, Po: Shyamasundarpur, Ps- Nilgiri, Dist- Balasore declare that my actual name is Sanjulata Nayak, which has been mentioned in my H.S.C Certificate, Aadhar & Post office SB A/c No- 4073364557. But wrongly my name has been mentioned as Sanjukta Nayak in my RPLI Policy No- R-OR-EA- 718407. So both the names Sanjulata Nayak and Sanjukta Nayak is same & one person. Henceforth I will be known as Sanjulata Nayak for all purpose.

**Sanjulata Nayak**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନୂଆ ଦିଗରେ...

ସହ ସମ୍ପର୍କକୁ ନୂଆ ଭାବରେ ପରିଭାଷିତ କରିବା ଆରମ୍ଭ କରିଛି । ଭାରତ ଆଫଗାନିସ୍ତାନରେ ୨୦୦୧ରୁ ୨୦୨୧ ପର୍ଯ୍ୟନ୍ତ ବହୁଳ ନିବେଶ କରିଥିଲା, ଯେଉଁଥିରେ ୩ ବିଲିୟନରୁ ଅଧିକ ପ୍ରକଳ୍ପ ସାମିଲ ଥିଲା । ଏଥିରେ ରାସ୍ତା, ବନ୍ଧ, ଏବଂ ସଂସଦ ଭବନର ନିର୍ମାଣ ସାମିଲ ଅଛି । ତାଲିବାନ କ୍ଷମତାକୁ ଆସିବା ପରେ ଭାରତ ନିଜ ଦୂତାବାସକୁ ବନ୍ଦ କରି ଦେଇଥିଲା, କିନ୍ତୁ ନିକଟ ବର୍ଷଗୁଡ଼ିକରେ ରଣନୀତିକ ଆବଶ୍ୟକତା ଏହାକୁ ପୁଣି ଥରେ ଯୋଡ଼ିଛି । ୨୦୨୫ରେ ଭାରତ ତାଲିବାନର ବୈଦେଶିକ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କ ସହ କୂଟନୈତିକ ଆଲୋଚନା ଆରମ୍ଭ କରିଥିଲା, ଯେଉଁଥିରେ ଚାବହାର ବନ୍ଦର ମାଧ୍ୟମରେ ବାଣିଜ୍ୟ ଏବଂ ଆଞ୍ଚଳିକ ସମ୍ପର୍କ ବଢ଼ାଇବା ଉପରେ ଆଲୋଚନା ହୋଇଥିଲା । ନିକଟରେ ହୋଇଥିବା ଭୂକମ୍ପ (ନଭେମ୍ବର ୨୦୨୫) ପରେ ଭାରତ ୧୫ ଟନ୍ ଖାଦ୍ୟ ସହାୟତା ପଠାଇଛି ଏବଂ ଆଫଗାନିସ୍ତାନକୁ ଲଗାତାର ସାହାଯ୍ୟ କରୁଛି । ଭାରତର ଏହି ପଦକ୍ଷେପ ଚୀନ୍ ଏବଂ ପାକିସ୍ତାନର ପ୍ରଭାବକୁ କମ କରିବାକୁ ଏକ ପ୍ରୟାସ। ଯେଉଁମାନଙ୍କର ତାଲିବାନ ଉପରେ ପ୍ରଭାବ ରହିଛି । ଯଦିଓ ଭାରତ ତାଲିବାନକୁ ଆନୁଷ୍ଠାନିକ ଭାବରେ ମାନ୍ୟତା ଦେଇନାହିଁ, ବରଂ ବ୍ୟାବହାରିକ ସହଯୋଗ ଉପରେ ଗୁରୁତ୍ୱ ଦେଇଛି । ଭାରତ-ଆଫାଗାନିସ୍ତାନ ମଧ୍ୟରେ ସୁଧୁରୁଥିବା ଏହି ସମ୍ପର୍କ ଏବେ ପାକିସ୍ତାନ ପାଇଁ ଚିନ୍ତାର କାରଣ ପାଲଟିଛି । ନିକଟରେ ଭାରତ-ଆଫଗାନିସ୍ତାନର ସମ୍ପର୍କରେ ବିଚଳିତ ହୋଇ ପାକିସ୍ତାନ ତାଲିବାନ ଉପରେ ଆକ୍ରମଣ କରିଥିଲା । ଯାହା ଯୁଦ୍ଧରେ ପରିଣତ ହୋଇଥିଲା । ତାଲିବାନ ମଧ୍ୟ ଯୁଦ୍ଧରେ ପାକିସ୍ତାନକୁ ନାକେଦମ କରିଥିଲା । ଆଉ ଆଫଗାନିସ୍ତାନ- ପାକିସ୍ତାନ ଯୁଦ୍ଧ ଭିତରେ ଭାରତର ଏଣ୍ଟ୍ରି ପାକିସ୍ତାନର ଚିନ୍ତା ବଢ଼ାଇ ଦେଇଛି ।

### ଅପରାହ୍ନ ୪ଟାରୁ ପ୍ରଚାର...

୯ତାରିଖ ଅପରାହ୍ନ ୪ଟା ପୂର୍ବରୁ ଉକ୍ତ ଅଂଚଳ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅପରାହ୍ନ ୪ଟାରେ ପ୍ରଚାର ଅବଧି ଶେଷ ହେବାପରେ ବାହାର ଲୋକ ରହିବା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହୋଇଛି। ଏହି ନିୟମକୁ କଡ଼ାକଡ଼ି ଯାଂଚ କରିବା ନିମନ୍ତେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାସହିତ କଲ୍ୟାଣ ମଣ୍ଡପ, କମ୍ୟୁନିଟି ହଲ୍, ଲଜ୍, ଗେଷ୍ଟ ହାଉସ ଓ ହୋଟେଲଗୁଡ଼ିକ ମଧ ଯାଂଚ କରାଯିବ । ସେହିପରି ସୀମାବର୍ତ୍ତୀ ଅଂଚଳରେ ଚେକ୍ ପୋଷ୍ଟ ସ୍ଥାପନ କରାଯାଇ ନିର୍ବାଚନମଣ୍ଡଳୀ ବାହାରୁ ଆସୁଥିବା ଯାନବାହାନ ଉପରେ ତୀକ୍ଷ୍ଣ ନଜର ରଖାଯିବ । କେବଳ ସ୍ଥାନୀୟ ଭୋଟରମାନେ ରହୁଛନ୍ତି କି ନାହିଁ ସେଥିପାଇଁ ଆବଶ୍ୟକ ପଡ଼ିଲେ ସେମାନଙ୍କ ପରିଚୟ ପତ୍ର ଯାଂଚ ମଧ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସମସ୍ତ ବ୍ୟକ୍ତିବିଶେଷ ଓ ରାଜନୈତିକ ଦଳଗୁଡ଼ିକୁ ୪୮ ଘଣ୍ଟାର ସାଇଲେନ୍ସ ଆୱାର ମଧ୍ୟରେ ଫେସବୁକ୍, ଟ୍ୱିଟର (ଏକ୍ସ), ଇନଷ୍ଟାଗ୍ରାମ, ହ୍ୱାଟସଆପ୍ କିମ୍ବା ୟୁ-ଟ୍ୟୁବ୍ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ଭୋଟରଙ୍କ ମତାମତକୁ ପ୍ରଭାବିତ କରିବା ଭଳି କୌଣସି ରାଜନୈତିକ ବିଷୟବସ୍ତୁ, ପୋଷ୍ଟ ବା ଫରୱାର୍ଡ ନକରିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଟିଭି, ରେଡିଓ ଓ ଡିଜିଟାଲ ମିଡିଆ ପ୍ଲାଟଫର୍ମରେ ଭୋଟରଙ୍କୁ ପ୍ରଭାବିତ କରିବା ଭଳି ନିର୍ବାଚନ ସଂକ୍ରାନ୍ତ ପ୍ରସାରଣ ଉପରେ କଟକଣା ଜାରି ହୋଇଛି । ପ୍ରିଣ୍ଟ ମିଡିଆରେ ଭୋଟଗ୍ରହଣ ଦିନ କିମ୍ବା ଏହା ପୂର୍ବ ଦିନ କୌଣସି ରାଜନୀତିକ ବିଜ୍ଞାପନ ପ୍ରକାଶିତ ହୋଇପାରିବ ନାହିଁ । ଜନ ପ୍ରତିନିଧି ଆଇନ-୧୯୫୧ର ଧାରା ୧୨୬ ଅନୁଯାୟୀ, ସାଇଲେନ୍ସ ଆୱାରରେ କୌଣସି ପ୍ରକାରର ସାଧାରଣ ସଭା, ଶୋଭାଯାତ୍ରା, ସିନେମା, ଟେଲିଭିଜନ କିମ୍ବା ଅନ୍ୟ କୌଣସି ସମାନ ମାଧ୍ୟମରେ ନିର୍ବାଚନୀ ବିଷୟବସ୍ତୁ ପ୍ରଦର୍ଶନ କରିବା ଉପରେ ସମ୍ପୂର୍ଣ୍ଣ କଟକଣା ରହିବ । ଏହାବ୍ୟତୀତ ଭୋଟରଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ସଂଗୀତ, ସାଂସ୍କୃତିକ ବା ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରିବା ଉପରେ ମଧ କଟକଣା ଲଗାଯାଇଛି । ନିୟମ ଉଲ୍ଲଂଘନ କଲେ ସଂପୃକ୍ତ ବ୍ୟକ୍ତିଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ, ଜୋରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରେ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁସାରେ, ନୂଆପଡ଼ା ନିର୍ବାଚନମଣ୍ଡଳୀର ମୋଟ ୩୫୮ଟି ବୁଥ୍ ମଧ୍ୟରୁ ୫୭ଟି ବୁଥକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି । ସେହିପରି ନିର୍ବାଚନ ଆଚରଣବିଧି ଉଲ୍ଲଘଂନର ମାମଲା ମଧ ସାମ୍ନାକୁ ଆସିଛି । ନୂଆପଡ଼ା ନିର୍ବାଚନମଣ୍ଡଳୀରେ ମୋଟ ୧ କୋଟି ୨୨ ଲକ୍ଷ ଟଙ୍କାର ନଗଦ ଜବତ ସହ ପ୍ରାୟ ୧ କୋଟି ୩୨ ଲକ୍ଷ ଟଙ୍କାର ମାଦକ ଦ୍ରବ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ମଧ ଜବତ କରାଯାଇଛି । ଭଙ୍ଗବକ୍ସବୟବ ଭଛରକ୍ଷରମଷ୍ପସକ୍ଷ୍ମଭ ଆଦର୍ଶ ଆଚରଣ ବିଧି ଲାଗୁ ହେବା ଦିନରୁ ଆଜି ପର୍ଯ୍ୟନ୍ତ ସ୍ଥାନୀୟ ଅବକାରୀ ବିଭାଗ ୮୬ ଲିଟର ବିଅର୍, ୪୨ ଲିଟର ବିଦେଶୀ ମଦ, ୬୯୬୩ ଲିଟର ହାତ ରନ୍ଧା ମଦ, ୧୫୧୨ ଲିଟର ବାହାର ଭାଟି ମଦ, ୬୦ କିଲୋଗ୍ରାମ ଗଞ୍ଜେଇ ଏବଂ ୧,୭୧,୩୦୦ କିଲୋଗ୍ରାମ ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୧ କୋଟି ୨୦ ଲକ୍ଷ ୦୩ ହଜାର ୭୫୬ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଏହା ସହିତ ୮ ଗୋଟି ବାଇକ୍ ଏବଂ ଏକ ଚାରିଚକିଆ ଯାନ ମଧ ଅବକାରୀ ବିଭାଗ ଜବତ କରିଛି। ବର୍ତ୍ତମାନ ସୁଦ୍ଧା ୨୪୨ ଟି ଅବକାରୀ କେଶ୍ ରୁଜୁ ହୋଇଛି ଓ ୧୩୪ ଜଣଙ୍କୁ ଗିରଫ କରାଯାଇଛି ।

## ଜୀ ସାର୍ଥକରେ ଦେଖନ୍ତୁ ମାର୍ଗଶିର ମାସ ମାଣବସା ଗୁରୁବାରରେ ‘ଲକ୍ଷ୍ମୀପୁରାଣ’




ଭୁବନେଶ୍ୱର, ୭/୧୧ (ନି.ପ୍ର): ଓଡିଶାର ଘରେ ଘରେ ପରିଚିତ ଜୀ ସାର୍ଥକ ଓଡ଼ିଆ ଘରର ପରମ୍ପରା ଓ ରୀତିନୀତିକୁ ଆଖିରେ ରଖି ଭେଟିଦେଉଥିବା ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ପାଇଁ ଓଡ଼ିଶାରେ ଏକ ନମ୍ବର ହୋଇ ପାରିଛି । ପ୍ରତି ଓଡିଆ ଘରେ ‘ମାଣବସା’ ପରମ୍ପରା ବହୁ ଆଗରୁ ଚାଲି ଆସିଛି, ସେହି ପରିପ୍ରେକ୍ଷିରେ ଚଳିତ ମାର୍ଗଶିର ମାସ ମାଣବସା ଗୁରୁବାରରେ ନେଇଆସୁଛି ବଳରାମ ଦାସଙ୍କ ଅନନ୍ୟ କୃତୀ ‘ଲକ୍ଷ୍ମୀ ପୁରାଣ’ । ପ୍ରତି ବର୍ଷ ପରି ଏ ବର୍ଷ ମଧ ଦର୍ଶକ ଦେଖିବେ ଜୀ ସାର୍ଥକରେ ‘ଲକ୍ଷ୍ମୀ ପୁରାଣ’ ପ୍ରତି ଗୁରୁବାର ଭୋର ୫ଟା, ସକାଳ ୭ଟା ଓ ଅପରାହ୍ନ ୪ଟା ସମୟରେ। ଏଥିରେ ମୁଖ୍ୟ ଚରିତ୍ର ସହ ଲକ୍ଷ୍ମୀ ପୁରାଣକୁ ଆବୃତ୍ତି କରିବେ ଓଡିଆ ଦର୍ଶକଙ୍କର ଅତିପ୍ରିୟ ସ୍ମୃତିରେଖା, ଅନନ୍ୟା ଓ ଅଙ୍କିତା। ଆବୃତ୍ତି ସହିତ ଲକ୍ଷ୍ମୀ ପୁରାଣକୁ ଚିତ୍ର ଓ ଅଭିନୟ ମାଧ୍ୟମରେ ମଧ ଉପସ୍ଥାପନ କରାଯିବ। ତେବେ କେବଳ ଜୀ ସାର୍ଥକ ଟିଭି ନୁହେଁ, ଜୀ ସାର୍ଥକର ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆ ସହିତ ଯୋଡି ହୁଅନ୍ତୁ ଓ ଜୀ ସାର୍ଥକର ସମସ୍ତ ସୋସିଆଲ ମିଡିଆରେ ଆୟୋଜିତ ଭିନ୍ନ ଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଜିତନ୍ତୁ ଆକର୍ଷଣୀୟ ପୁରସ୍କାର । ଏହି ବିଶେଷ କାର୍ଯ୍ୟକ୍ରମକୁ ଦେଖି ଆମ ସଂସ୍କୃତି ଓ ପରମ୍ପରା ସହିତ ଯୋଡି ହେବା ସହ ଜୀ ସାର୍ଥକ ଦ୍ୱାରା ସୋସିଆଲ ମିଡିଆରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେଇ ଆକର୍ଷଣୀୟ ପୁରସ୍କାର ଜିତିବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ୍ ଅଫିସର୍ ରାହୁଲ ରାଓ।

## ପାରାଦୀପ ବନ୍ଦର ପକ୍ଷରୁ ବନ୍ଦେ ମାତରମ୍ ୧୫୦ତମ ଗୌରବମୟ ବର୍ଷ ପାଳିତ



ପାରାଦୀପ, ୭/୧୧ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବନ୍ଦେ ମାତରମ୍ ସଙ୍ଗୀତର ୧୫୦ତମ ଗୌରବମୟ ବର୍ଷ ପାଳିତ ହୋଇଯାଇଛି । ମାତୃଭୂମିର ଗର୍ବ, ଭକ୍ତି ଓ ଏକତାର ପ୍ରତୀକ ଏହି ବନ୍ଦେ ମାତରମ୍ ସଙ୍ଗୀତ । ପାରାଦୀପ ବନ୍ଦର ପ୍ରଶାସନିକ ଭବନ ପରିସରରେ ଆୟୋଜିତ ସମାରୋହରେ ଅଧ୍ୟକ୍ଷ ପି.ଏଲ.ହରନାଦ ଭାରତୀୟ ସଂସ୍କୃତି ଓ ଦେଶପ୍ରେମର ପ୍ରତୀକ ହେଉଛି ବନ୍ଦେ ମାତରମ୍ ସଙ୍ଗୀତ । ଦେଶର ଏକତା ଓ ଅଖଣ୍ଡତାକୁ ଏକ ସୂତ୍ରରେ ବାନ୍ଧି ରଖିବା ପାଇଁ ବନ୍ଦେ ମାତରମ୍ ସଙ୍ଗୀତ ସବୁବେଳେ ଶିକ୍ଷା ଦେଇ ଆସିଛି ବୋଲି ଶ୍ରୀ ହରନାଦ କହିଥିଲେ । ଏହି ଅବସରରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ଆଭାସୀ ମାଧ୍ୟମରେ ସାମିଲ ହୋଇଥିଲେ ଶ୍ରୀ ହରନାଦଙ୍କ ସମେତ ପାରାଦୀପ ବନ୍ଦରର ଅଧିକାରୀ ଏବଂ କର୍ମଚାରୀମାନେ ସାମିଲ ହୋଇଥିଲେ।

ଶନିବାର, ନଭେମ୍ବର ୦୮, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବେତନଟୀ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ସଂଗୀତ 'ବନ୍ଦେ ମାତରଂ'ର ୧୫୦ ବର୍ଷ ପୂର୍ତ୍ତି ପାଳନ



ବେତନଟୀ ୭/୧୧(ନି.ପ୍ର) : ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ବେତନଟୀ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ 'ବନ୍ଦେ ମାତରଂ ' ରାଷ୍ଟ୍ରୀୟ ସଂଗୀତ ଗାନ କରାଯାଇଥିଲା । ଏହି ମିଳିତ ସମାବେଶରେ ଭାରପ୍ରାପ୍ତ ଅଧ୍ୟକ୍ଷ ରାଷ୍ଟ୍ରୀୟ ସଂଗୀତର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କୁ ଉଦବୋଧିତ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜାତୀୟତା ବୋଧର ଜାଗରଣ ନିମିତ୍ତ ବିଭିନ୍ନ ପ୍ରତିଯୋଗିତା ଯଥା - ଦେଶାତ୍ମବୋଧ କବିତା ଲିଖନ, ପ୍ରବନ୍ଧ ଲିଖନ, ସାଧାରଣ ଜ୍ଞାନ ପରୀକ୍ଷା ଏବଂ ଚିତ୍ରାଙ୍କନ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ଖୁବ୍ ଉତ୍ସୁକତାର ସହ ଏହି ପ୍ରତିଯୋଗିତାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।ଏହି ଦେଶାତ୍ମକ ଭାବକୁ ଅଙ୍ଗୀଭୂତ କରିବା ସହ ନିଜକୁ ଦେଶ ମାତୃକାର ସେବାରେ ନିୟୋଜିତ କରିବାର ମନୋଭାବ ସର୍ବଦା ରହୁ ବୋଲି ଅଧ୍ୟକ୍ଷ କହିଥିଲେ। ଏହି କାର୍ଯ୍ୟକ୍ରମର ସଫଳ ପରିଚାଳନା ନିମିତ୍ତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## କଳିଙ୍ଗ ବାଲିଯାତ୍ରାର ଚତୁର୍ଥ ସନ୍ଧ୍ୟା: ଅସୀମା ପଣ୍ଡାଙ୍କ କଣ୍ଠଦାନରେ ଦର୍ଶକ ବିଭୋର




ପାରାଦୀପ, ୭/୧୧ (ନି.ପ୍ର): ଆଜି ଥୀଲା କଳିଙ୍ଗ ବାଲିଯାତ୍ରା ର ଚତୁର୍ଥ ସନ୍ଧ୍ୟା । ବିଗତ ତିନି ଦିନ ଅପେକ୍ଷା ଆଜି ବହୁତ ଜନ ସମାଗମ ହେଇଥିଲା । ଆଜି ସକାଳେ ଜିଲ୍ଲା ପ୍ରଶାସନ ଓ କଳିଙ୍ଗ କର୍ଣ୍ଣଧାର ଷୋଳଭାଇ ସଂଘ ର ମିଳିତ ଆନୁକୁଲ୍ୟରେ ନୌ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଚତୁର୍ଥ ସନ୍ଧ୍ୟା ରେ ଆୟୋଜିତ ସାଂସ୍କୃତିକ ସଭାରେ ଜଗତସିଂହପୁର ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବି ନାରାୟଣ ସେଠୀ ସଭାରେ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଆଇଓସିଏଲ ବିଶୋଧନାଗାର ପାରାଦୀପ ର କାର୍ଯ୍ୟବାହି ନିର୍ଦ୍ଦେଶକ କୌଶିକ ବସୁ, ସମ୍ମାନିତ ଅତିଥି ଭାବେ କମାଡାଣ୍ଟ ଶିଳ୍ପାଞ୍ଚଳ ନିରାପତ୍ତା ଆରକ୍ଷୀ ବାହୀନ, ପାରାଦୀପ ର ସନତ କୁମାର ପଟେଲ, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ଓ ଆଇଓସିଏଲ ପାରାଦୀପ ମାନବ ସମ୍ବଳ ମୁଖ୍ୟ ପରିଚାଳକ ଶମ୍ଭୁ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇ କଳିଙ୍ଗ ନୌ ବାଣିଜ୍ୟର ସ୍ମୃତି ଚାରଣ କରିଥିଲେ। ଆଜି ଚତୁର୍ଥ ସନ୍ଧ୍ୟା ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ଆକର୍ଷଣୀୟ ପାଲଟିଥିବା ବେଳେ ହଜାର ହଜାର ଦର୍ଶକ ମଞ୍ଚ ସମ୍ମୁଖରେ ବସି ଏହାର ମଜା ନେଇଥିଲେ। ୫ଟା ରୁ ମଞ୍ଚ ପରିଚାଳନା କାର୍ଯ୍ୟକ୍ରମ କରାଯାଇଥିଲା। ଭଜନ ସନ୍ଧ୍ୟା, ସମ୍ବଲପୁରୀ ନୃତ୍ୟ, ସେମି କ୍ଲାସିକାଲ, ଲୋକନୃତ୍ୟ, ବଲାଙ୍ଗୀର ର ଦୁଲଦୁଲି କଳା ପରିଷଦ ପକ୍ଷରୁ ନୃତ୍ୟ, ରଂଗଶାଳା ପୁରୀର ସାହିଯାତ କାର୍ଯ୍ୟକ୍ରମ ରେ ମଞ୍ଚ ଦୁଲିକି ଥିଲା। ଆଜି ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ବେଶ ଆକର୍ଷଣ ଥିଲା କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ କଣ୍ଠଦାନ। ଦର୍ଶକ ବହୁତ ସଂଖ୍ୟା ରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସଂଗୀତ କୁ ଉପଭୋଗ କରିଥିଲେ । ଶୁକ୍ରବାର ଆମିଷ ବାର ଥିବାରୁ ଆମିଷ ଷ୍ଟଲ ଗୁଡିକରେ ଦର୍ଶକ ବିଭିନ୍ନ ଆମିଷ ଖାଦ୍ୟର ମଜା ନେଇ ଥଲେ । ବିଭିନ୍ନ ଷ୍ଟଲ ଗୁଡ଼ିକରୁ ପ୍ରାୟତଃ ଲୋକମାନେ କିଣାକିଣି କରୁଥିବାର ଦେଖିବକୁ ମିଳିଥିଲା। ଷ୍ଟଲରୁ କିଣା କିଣି ବୃଦ୍ଧି ଯୋଗୁ ବ୍ୟବସାୟୀ ମାନେ ଭଲ ବେପାର କରିଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ଯାତ୍ରା ପଡିଆର ସବୁଆଡେ ଆଇନି ଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଥିଲା। ଜିଲ୍ଲା ପ୍ରଶାସନ, ପୌର ପ୍ରଶାସନ ଓ ପୋଲିସ ପ୍ରଶାସନ ଯାତ୍ରା କୁ ଶୃଙ୍ଖଳା ର ସହିତ ସମାପନ ପରିବାକୁ ଲାଗି ପଡିଛନ୍ତି।ଛିନତାଇ କୁ ରୋକିବା ପାଇଁ ଯାତ୍ରା ପଡ଼ିଆରେ ସିସିଟିଭି ଲାଗିଥିବା ବେଳେ ପୋଲିସ କଡା ନଜର ରେ ରଖିଛି।

## ଟି ଭେନୁଗୋପାଳ ପାରାଦୀପ ବନ୍ଦରର ପରବର୍ତ୍ତୀ ଉପାଧ୍ୟକ୍ଷ



ପାରାଦୀପ, ୭/୧୧ (ନି.ପ୍ର): କେନ୍ଦ୍ର ଜାହାଜ ଚଳାଚଳ ଓ ଜଳପଥ ବିଭାଗ ପକ୍ଷରୁ ବିଶାଖାପାଟଣା ବନ୍ଦରର ସଚିବ ଟି ଭେନୁଗୋପାଳ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି।ପାରାଦୀପ ବନ୍ଦରର ପୂର୍ବତନ ଉପାଧ୍ୟକ୍ଷ ଶ୍ରୀ ନୀଳାଭ୍ର ଦାସଗୁପ୍ତା କାଣ୍ଡଲା ବନ୍ଦରକୁ ବଦଳି ହୋଇ ଯିବା ପରେ ଏହି ପଦବୀ ଦୀର୍ଘ ୪ ମାସ ଧରି ଖାଲି ପଡିଥିଲା।ବର୍ତ୍ତମାନ କେନ୍ଦ୍ର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟଟି ଭେନୁଗୋପାଳଙ୍କୁ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ଭାବେ ନିଯୁକ୍ତି କରି ଖାଲି ପଡିଥିବା ଉପାଧ୍ୟକ୍ଷ ପଦକୁ ପୂରଣ କରିଛନ୍ତି। ଯାହାଦ୍ୱାରା ଆସନ୍ତା ଦିନ ମାନଙ୍କରେ ବନ୍ଦରର କାର୍ଯ୍ୟ ପ୍ରଣାଳୀ ଆହୁରି ଦୃତ ହେବ।

## କଟିପୋଲ ବାସନ୍ତୀ ପ୍ଲାଜାଠାରେ ବିର୍ଲା ଓପସ ଷ୍ଟୋର ଉଦ୍‌ଘାଟିତ



ବସ୍ତା, ୭/୧୧ (ନି.ପ୍ର): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ମଥାନୀ ବାଇପାସ ପାର୍ଶ୍ୱ କଟିପୋଲ ବାସନ୍ତୀ ପ୍ଲାଜା ପରିସରରେ ଲକ୍ଷ୍ମୀନାରାୟଣ ହାଡ଼ୱାର ଷ୍ଟୋରର ଅନ୍ୟତମ ରଙ୍ଗ ସୋ'ରୁମ ବିର୍ଲା ଓପସ ଷ୍ଟୋର ଶୁକ୍ରବାର ଉଦଘାଟିତ ହୋଇଛି। ପ୍ରତିଷ୍ଠାତା ବାସନ୍ତୀ ଦେବୀ ଓ ପୁତ୍ର ସମାଜସେବୀ ସୁମନ୍ତ କୁମାର ଜେନାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ବସ୍ତା ବିଧାୟୀକା ସୁବାସିନୀ ଜେନା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ବରିଷ୍ଠ ବିଜେପି ନେତା ରବୀନ୍ଦ୍ର କୁମାର ଜୈନ, ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର ଦାସ, ଗୋପାଳକୃଷ୍ଣ ଗିରିଙ୍କ ସମେତ ବହୁ ବ୍ୟବସାୟୀ, ରାଜନେତା, ସମାଜସେବୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସୁଲୋଚନା ଜେନା ଓମ ପ୍ରକାଶ ଜେନା ଓ ଗାୟତ୍ରୀଜେନା ଉପସ୍ଥିତଥିଲେ । ଉକ୍ତ ସୋ'ରୁମରେ ଗ୍ରାହକଙ୍କ ମନକୁ ଜିଣିଲା ଭଳି ବିଭିନ୍ନ ପ୍ରକାରର ରଙ୍ଗ ଉପଲବ୍ଧ ଥିବା ବେଳେ ପ୍ରତ୍ୟେକ ରଙ୍ଗ ଡ଼ବା ଉପରେ ସ୍ୱତନ୍ତ୍ର ରିହାତି ଥିବା ପ୍ରତିଷ୍ଠାତା ଶ୍ରୀ ଜେନା କହିଛନ୍ତି। ପ୍ରଥମ ଦିନରେ ବହୁ ରଙ୍ଗ ବ୍ୟବସାୟୀ ଓ ରଙ୍ଗମିସ୍ତ୍ରୀ ଓମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ୧୫ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ୩ ଗିରଫ

ଖୋର୍ଦ୍ଧା, ୭/୧୧ (ନି.ପ୍ର): ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗତକାଲି ଅପରାହ୍ଣରେ ବାଟମଙ୍ଗଳା ରାସ୍ତା ହାଟ ପୋଖରୀ ନିକଟରେ ଚଢ଼ଉ କରି ୧୫୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ , ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ମୁକୁନ୍ଦପ୍ରସାଦ ପୋଡ଼ାସାହିର ସୁରେଶ ବେହେରା(୨୩), ଭାଲିଆବାଡ଼ି ହାତିଆସୁଣିର ରିତେଶ ପଟ୍ଟନାୟକ(୨୩), ସାମନ୍ତରାପୁରର ଆର୍ତ୍ତତ୍ରାଣ ବେହେରା(୨୫)। ତେବେ ସେମାନଙ୍କଠାରୁ ଦୁଇଟି ଦୁଇ ଚକିଆ ଗାଡ଼ି, ତିନୋଟି ମୋବାଇଲ୍ ଓ ନଗଦ ୩୪ହଜାର ଟଙ୍କା ଜବତ ହୋଇଛି।

## ନୀଳଗିରିକୁ ଜିଲ୍ଲା ଦାବିନେଇ କ୍ରିୟାନୁଷ୍ଠାନ କମିଟି ବୈଠକ: ଗଡଜାତ ମିଶ୍ରଣର ପଥଦ୍ରଷ୍ଟା ନୀଳଗିରିକୁ ହକ ମିଳୁ



ନୀଳଗିରି, ୭/୧୧ (ନି.ପ୍ର): ସରକାର ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲ୍ଲା ପୁର୍ନଗଠନ ନେଇ ରୋଡମ୍ୟାପ ପ୍ରସ୍ତୁତ କରୁଥିବା ବେଳେ ସ୍ୱାଧୀନଭାରତର ପ୍ରଥମ ଗଡଜାତମିଶ୍ରଣର ପଥପ୍ରଦର୍ଶକ ସାଜିଥିବା ନୀଳଗିରି ମାଟିକୁ ତାର ନାର୍ଯ୍ୟ ହକ ମିଳୁବୋଲି ନୀଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଏକ ବିଶେଷ ବୈଠକରେ ଦାବୀ ହୋଇଛି ।ଶୁକ୍ରବାର ଅପରାହ୍ନରେ ନୀଳଗିରି ଡାକବଙ୍ଗଳା ଠାରେ କମିଟିର ଆବାହକ ତଥା ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଆବାହନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶ୍ରୀ ଷଡ଼ଙ୍ଗୀ କହିଥିଲେ ସରକାରଙ୍କ ଏହି ସୁଯୋଗକୁ ନୀଳଗିରି ବାସି ହାତଛଡା ନକରି ସଂଘବଦ୍ଧ ଭାବେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ନୀଳଗିରି ଗଡଜାତ ନଭେମ୍ବର ୧୪ତାରିଖ ଦିନ ଭାରତ ବର୍ଷରେ ସାମିଲ ହୋଇଥିଲା। ତେଣୁ ଆସନ୍ତା ନଭେମ୍ବର ୧୪ ତାରିଖରେ ଗଡଜାତମିଶ୍ରଣ ଦିବସ ଉତ୍ସବରେ ସମସ୍ତେ ଯୋଗଦାନ କରିବାକୁ ଶ୍ରୀ ଷଡ଼ଙ୍ଗୀ ନୀଳଗିରିବାସିଙ୍କୁ ନିବେଦନ କରିଥିଲେ। ଆଜିର ଏହି ବୈଠକରେ ଉଚ୍ଚନ୍ୟାୟାଳୟରେ ଏକ ଯାଚିକା ଦାୟର ପାଇଁ ନିଷ୍ପତ୍ତି ନିଆଯିବା ସହ ସରକାରୀ ସ୍ତରରେ ମଧ୍ୟ ଉଦ୍ୟମ ଜାରି ରଖିବାକୁ ସ୍ଥିର କରାଗଲା। ଏହି ବୈଠକରେ ସୁରେଶ ବେହେରା, ପିତାମ୍ବର ସିଂ, ଅନାଦି ବେହେରା, ରେଖା ହେମ୍ବ୍ରମ, ପରମାନନ୍ଦ ପାତ୍ର, ପ୍ରକାଶ ଚୈଧୁରୀ, ସୁନିଲ ଚନ୍ଦ୍ର ପ୍ରଧାନ, ବାଞ୍ଛାନିଧି ପାତ୍ର ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ପାରାଦୀପ ବନ୍ଦର ପକ୍ଷରୁ ଭାରତୀୟ ହକିର ୧୦୦ତମ ସ୍ୱର୍ଣ୍ଣିମ ବର୍ଷ ପାଳିତ




ପାରାଦୀପ, ୭/୧୧ (ନି.ପ୍ର): ଭାରତୀୟ ହକିର ୧୦୦ତମ ଗୌରବମୟ ସ୍ୱର୍ଣ୍ଣିମ ବର୍ଷ ପାଳନ ଅବସରରେ ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡା ସଂସଦ ପକ୍ଷରୁ ଏକ ଭବ୍ୟ ସମାରୋହ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ହକି ଟିମ୍ ଓ ଛତ୍ରପୁର ହକି ଟିମ୍ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପାରାଦୀପ ବନ୍ଦର ହକି ଟିମ୍ ୩-୧ ଗୋଲ୍‌ରେ ଛତ୍ରପୁର ହକି ଟିମ୍‌କୁ ହରାଇ ବିଜେତା ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ, ସମ୍ମାନୀତ ଅତିଥି ଭାବେ ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଯୋଗ ଦେଇଥିଲେ। ଭାରତୀୟ ହକି କ୍ରୀଡାରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଆନ୍ତର୍ଜାତୀୟ ହକି ତାରକା ନମିତା ଟପୋ, ରଶ୍ମିତା ମିଂଜ୍‌ଙ୍କ ସମେତ କୋଚ୍ କାଳୁ ଚରଣ ଚୌଧୁରୀଙ୍କୁ ପାରାଦୀପ ବନ୍ଦର ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ହକି ଖେଳର ବିକାଶ ଓ ପ୍ରସାର ନିମନ୍ତେ ପାରାଦୀପଠାରେ ଏକ ନୂତନ ହକି ଷ୍ଟାଡିୟମ ନିର୍ମାଣ ନିମନ୍ତେ ଶ୍ରୀ ହରନାଦ ଘୋଷଣା କରିଥିଲେ ।

## ଛାତ୍ରବତ୍ସଳ ଶିକ୍ଷକ ଲୋକନାଥ ସାରଙ୍କ ଅବସର



ନୀଳଗିରି , ୭/୧୧ (ନି.ପ୍ର): ଝୁରୁଛି ଗାଁ, ଝୁରୁଛନ୍ତି କୋମଳମତି ଛାତ୍ରଛାତ୍ରୀ। ଶୈଶବର ଦାରୁଣ ଦାରିଦ୍ର୍ୟରେ ଜର୍ଜରିତ ମଣିଷଟି ଆଜି ସମସ୍ତଙ୍କ ପାଇଁ ଆଲୋକବର୍ତ୍ତିକା ସାଜି ସାଉଣ୍ଟିଛନ୍ତି ଅଜସ୍ର ଭଲପାଇବା। ଦାରିଦ୍ର୍ୟକୁ ସାଥୀକରି ଉଚ୍ଚଶିକ୍ଷାରୁ ବଞ୍ଚିତ ମଣିଷଟି ପାଠପଢିବାର ମହତ୍ତ୍ୱକୁ ବୁଝି ନିଜର ଆକାଂକ୍ଷିତ ଶିକ୍ଷକତା ଜୀବନକୁ ଆପଣେଇ ନେଇଥିଲେ। ଆମେ କହୁଛୁ ନରଣପୁର ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ବେହେରାଙ୍କ କଥା।ଅନୁଶାସନ ଏବଂ ଭଲପାଇବାର ମନ୍ତ୍ରରେ କୋମଳମତି ଛାତ୍ରଛାତ୍ରୀଙ୍କୁ ମାଟିପିଣ୍ଡୁଳା ଭଳି ରୂପଦେଇ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟିକରିବାର ମାଷ୍ଟର ଲୋକନାଥ ସାର। ଛୋଟଛୋଟ ପିଲାମାନଙ୍କୁ ଗପ, ଗୀତ, ନାଚ ସହିତ ମହାନବିଭୂତି ମାନଙ୍କର ଉପଦେଶାତ୍ମକ ଅବଧାରଣାଦେଇ ଶିକ୍ଷାନୁଷ୍ଠାନକୁ ଶିକ୍ଷାରମନ୍ଦିର ଭାବେ ଗଢିତୋଳିଥିବା ଲୋକନାଥ ବେହେରା ଗତ ଅକ୍ଟୋବର ୩୧ତାରିଖରେ ଅବସରଗ୍ରହଣ କରିଛନ୍ତି ।୧/୧/୨୦୦୫ ମସିହାରେ ଶିକ୍ଷାସହାୟକ ଭାବେ ଶିକ୍ଷକତା ଜୀବନ ଆରମ୍ଭକରି ୧୦ବର୍ଷ କାଳ ଡାଲିମ୍ବପାଳ,ପରେ ୨୦୧୫ମସିହା ଡିସେମ୍ବର ମାସ ୨୧ତାରିଖରେ ନରଣପୁର ପ୍ରାଥମିକ ବିଦ୍ୟାଳୟରେ ସହକାରୀଶିକ୍ଷକ ଯୋଗଦାନ କରିଥିଲେ। ସେବେଠୁ ଅବସରଗ୍ରହଣ ପର୍ଯ୍ୟନ୍ତ ଦୀର୍ଘ ୧୦ବର୍ଷ ଉକ୍ତବିଦ୍ୟାଳୟରେ ଶିକ୍ଷକତା କରି ବିଦ୍ୟାଳୟର ନାନାବିଧ ଉନ୍ନତିକରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟମନସ୍କ କରାଇବାରେ ତାଙ୍କର ଭୂମିକା ଅନନ୍ୟ। ତେବେ ତାଙ୍କର ସେବାନିବୃତକୁ ସ୍ମରଣୀୟ କରିବାପାଇଁ ଗ୍ରାମର କିଛି ଉତ୍ସାହୀ ଯୁବକ, ପରିଚାଳନା କମିଟି ଏବଂ ନରଣପୁର କ୍ଲଷ୍ଟରର ଶିକ୍ଷକ,ଶିକ୍ଷୟତ୍ରୀଙ୍କ ଦ୍ୱାରା ଆଜି ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଉକ୍ତ ଉତ୍ସବରେ ନୀଳଗିରି ସହକାରୀ ଗୋଷ୍ଠୀଶିକ୍ଷାଧିକାରୀ ଲମ୍ବୋଦର ସିଂ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦାୟୀ ଶିକ୍ଷକ ଲୋକନାଥ ବେହେରାଙ୍କ ନିଷ୍କଳଙ୍କ ଚରିତ୍ର ଏବଂ ବ୍ୟକ୍ତିତ୍ୱ ବିଷୟରେ ଅବଧାରଣା ଦେଇଥିଲେ। ଅନ୍ୟବିଶିଷ୍ଟ ଅତିଥିଭାବରେ ସମାଜସେବୀ ଚିତ୍ତରଞ୍ଜନ ଚୌଧୁରୀ, ଅଜୟ ପରିଡା, ଦୀନବନ୍ଧୁ ପରିଡା, ନରଣପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଯଜ୍ଞେଶ୍ୱର ବେହେରା, ରମେନ୍ଦ୍ର ଜେନା, ଲାଲମୋହନ ମାଝୀ, ପୂର୍ବତନ ସିଆରସିସି ଅନୀଲ ମହାପାତ୍ର, ଚନ୍ଦନ ନାୟକ, ଜୀତେନ୍ଦ୍ର ଉପାଧ୍ୟାୟ, ଉମାକାନ୍ତ ସାହୁ ପ୍ରମୁଖ ମଞ୍ଚାସୀନ ରହି ଲୋକନାଥ ବେହେରାଙ୍କ ସରଳ, ଅମାୟିକ ଏବଂ ନୀତିନିଷ୍ଠ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ପରେ ତାଙ୍କୁ ଉତ୍ତରୀୟ, ଉପଢ୍ୌକନ ଦେଇ ଅତିଥି ଏବଂ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନରଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମନ୍ତ ପରିଡା, ଅକ୍ଷୟ କୁମାର ଦାସ, ପ୍ରଶାନ୍ତ ସିଂ, ଗୋବିନ୍ଦ ସ,ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମେନ ଅନାମ ମଳିକ , ଯୁବସମାଜସେବୀ ପ୍ରଦୀପ ଭୂୟାଁ, ଶ୍ରୀକାନ୍ତ ମଣ୍ଡଳ, ପ୍ରଶାନ୍ତ ସାହୁ, କ୍ଷେତ୍ରମୋହନ ସାହୁ, ସୁକାନ୍ତି ବାଗ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୨୭ ବର୍ଷ ପରେ ମଧ୍ୟ ହୋଇପାରୁନି ବିକାଶ

### ସରକାରଙ୍କ ନାଲି ଫିତା ତଳେ ଚାପି ହୋଇଯାଇଛି ଡଗରା ବେଳାଭୂମିର ଭାଗ୍ୟ



ବାଲିଆପାଳ , ୭/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ସ୍ଥିତ ଚୈମୁଖ ଡଗରା ବେଳାଭୂମି ୧୯୯୮ ମସିହାରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଚିଠି ନଂ ୨୦୪୦ /Tsm ଅନୁସାରେ ବାଲେଶ୍ୱର ଜିଲ୍ଲାର ଅନ୍ତର୍ଭୁକ୍ତ ଥିବା ସମୁଦ୍ର ବେଳାଭୂମିର କ୍ରମିକ ନଂ ୧୮ ଅନୁସାରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିଲା। ମାତ୍ର ଏହା ଭିତରେ ୨୭ ବର୍ଷ ବିତିଯାଇଥିଲେ ମଧ ଜିଲ୍ଲା କିମ୍ବା ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କୈଣସି ଆଖି ଦୃଶିଆ ବିକାଶ ହୋଇପାରିନାହିଁ। ଏନେଇ ଶୁକ୍ରବାର ପୂର୍ବାହ୍ନରେ ବାଲିଆପାଳ ସୁଚନା ଅଧିକାର ଅଭିଯାନ ସଂଘ ପକ୍ଷରୁ ବାଲିଆପାଳ ତହସିଲ ଅଫିସ ସାମ୍ନାରେ ଧାରଣା ଦିଆଯାଇଥିଲା। ଜିଲ୍ଲା ପାଳଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ବେଳାଭୂମିକୁ ଯିବା ପାଇଁ ବଡଗୁମୁଟି ଛକ ଠାରୁ ଦୁଇ କିଲୋମିଟର ରାସ୍ତା, ପାନ୍ଥନିବାସ, ପିଇବା ପାଣି, ଆଲୋକୀକରଣ, ବସିବା ପାଇଁ ସ୍ଥାନ, ସର୍ବପରି ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ମେରାଇନ ଥାନା ପ୍ରମୁଖ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଏ ବାବଦରେ ପିଏଲଆଇ ଡବଡ ୨୩୫୯୭/୨୦୨୫ ଅନୁଯାୟୀ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି ବୋଲି ସଂଘ ପକ୍ଷରୁ ଆବାହକ ଅନୁଜ ମହାପାତ୍ର କହିଛନ୍ତି। ଧାରଣା ସ୍ଥଳରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ପୂର୍ବତନ ଡିଆଇ ସୁବାସ ଚୈଧୁରୀ , ସଂଘ ର ଉପଦେଷ୍ଟା କୁଶ ଧ୍ୱଜ ଜେନା, ପ୍ରହ୍ଲାଦ ଘଡାଇ, ଗୋପିନାଥ ଗଙ୍ଗାଇ,ସେକ୍ ମୁନା, ଦେବେନ୍ଦ୍ର ଦାସ,ବାଦଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦକ୍ଷୀଣ-ପୂର୍ବ ରେଳପଥ ଖଡଗପୁର ଡିଭିଜନର ଡିଆରଏମଙ୍କର ବେତନଟୀ ରେଳ ଷ୍ଟେସନ ପରିଦର୍ଶନ

ବେତନଟୀ, ୭/୧୧(ନି.ପ୍ର) : ଦକ୍ଷୀଣ-ପୂର୍ବ ରେଳପଥ ଖଡଗପୁର ଡିଭିଜନର ଡିଆରଏମ ଲଳିତ ମୋହନ ପାଣ୍ଡେ ଏକ ସ୍ୱତନ୍ତ୍ର ଟ୍ରେନଯୋଗେ ମୟୂରଭଞ୍ଜ ଗସ୍ତକରି ବେତନଟୀ ସମେତ ବିଭିନ୍ନ ରେଳଷ୍ଟେସନ ଗସ୍ତକରି ଅମୃତ ଭାରତ ଯୋଜନାରେ ନିର୍ମାଣାଧୀନ ପ୍ରକଳ୍ପ ଗୁଡିକର ସମୀକ୍ଷା କରିଛନ୍ତି। ଖଡଗପୁର ଡିଭିଜନ ଡିଆରଏମ ଲଳିତ ମୋହନ ପାଣ୍ଡେ ନିଜର ସ୍ୱତନ୍ତ୍ର ଟ୍ରେନଯୋଗେ ଆସି ବେତନଟୀ ରେଳଷ୍ଟେସନରେ ଓହ୍ଲାଇବା ସହିତ ଅମୃତ ଭାରତ ଯୋଜନାରେ ରେଳଷ୍ଟେସନରେ ନିର୍ମିତ ଅଣ୍ଡରପାସ ଠାରୁ ଆରମ୍ଭ କରି ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପ ଗୁଡିକ ପରିଦର୍ଶନ କରିବା ସହିତ ଏହାର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ତେବେ ବେତନଟୀ ରେଳଷ୍ଟେସନରେ ଅମୃତ ଭାରତ ଯୋଜନାରେ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପ ଗୁଡିକର ନିର୍ମାଣକାର୍ଯ୍ୟ ଦ୍ୱରିତବେଗରେ ଚାଲିଥିବା ବେଳେ ଖୁବଶୀଘ୍ର ଏହା ଚୂଡାମନ୍ତ ପର୍ଯ୍ୟାୟରେ ପହଞ୍ଚିବାକୁ ଥିବାରୁ ସନ୍ତୋଷବ୍ୟକ୍ତ କରିଥିଲେ । ଏହି ଅବସରରେ ରେଳବିଭାଗର ଏଡିଆରଏମ ଙ୍କ ସମେତ ପଦସ୍ଥ ଅଧିକାରୀ ବୈଷୟିକ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଡିଆରଏମ ଲଳିତ ମୋହନ ପାଣ୍ଡେ ବେତନଟୀ ରେଳଷ୍ଟେସନ ପରିଦର୍ଶନ କରି ବିଭିନ୍ନ ପ୍ରକଳ୍ପ ଗୁଡିକର ସମୀକ୍ଷା କରିବାପରେ ବାରିପଦା ଅଭିମୁଖେ ଯାଇଥିଲେ ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida